Spreading Knowledge Amongst Mankind......

ଜୁନ – ୨୦୧୭ JUNE - 2017



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆ ରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

## ସମ୍ପାଦକ – ମମତା ଦାଶ

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର

## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 8828213733

## Email ids:

vedantimagazine@gmail.com

editor.vedantimagazine@gmail.com





## ଓଁ ଶ୍ରୀ ଶ୍ରୀ ଗଣେଶାୟ ନମଃ

### ହନୁମାମୁଁ ରିପୋର୍ଟିଙ୍ଗ ...........

ପ୍ରିୟ ପାଠକ ବନ୍ଧୁ, ବିରତି ପରେ ପୁଣି ଆପଣମାନଙ୍କୁ ସ୍ୱାଗତ । ଆସିଛି କିଛି ଭୁଲ୍, କିଛି ଅଭୁଲ୍ ଚୁଲବୁଲିଆ କଥା ନେଇ, ଆଶା ଆପଣଙ୍କୁ ପସନ୍ଦ ଆସିବ । ଯେମିତିକି ଆପଣମାନେ ଜାଣିଛନ୍ତି, "ମାମୁଁ", ମୋର ମାମୁଁ ଆପଣଙ୍କ ମାମୁଁ ଆମ ସମସ୍ତଙ୍କର ମାମୁଁ "ହନୁମାମୁଁ ।" ଏଇଟା ଶୁଣିଲା ପରେ ଆପଣଙ୍କୁ ନିଶ୍ଚୟ ଟିକେ ଆଶ୍ଚର୍ଯ୍ୟ ଲାଗିବ, ମୁଁ ପଚାରୁଛି କଣ ପାଇଁ ମୋତେ ତ ଲାଗୁନି । କଣ ଆପଣଙ୍କର ମାମୁଁ ନାହାନ୍ତି କି? ଏଠି କିଛି ଆଶ୍ଚର୍ଯ୍ୟ ଭଳି କଥା ଲାଗୁନି, ଏହା ପୂର୍ବରୁ ଓଡିଆ ସାହିତ୍ୟ ଛଡା ଅନ୍ୟ ଦେଶୀ, ବିଦେଶୀ ସାହିତ୍ୟରେ ଏମିତି କେତେ ଚରିତ୍ର, କାଳ୍ପନିକ ଏବଂ ମିଥ୍ ଭାବରେ ଆସି ପ୍ରତିଟି ଭାଷାର ସାହିତ୍ୟ ଇତିହାସରେ ଚହଳ ସୃଷ୍ଟି କରି ଯାଇଛି । ଆଉ ମୁଁ ମଧ୍ୟ ମୋର ବାର୍ତ୍ତା ମୋ ମାମୁଁଙ୍କ ସହାୟତାର ପାଠକମାନଙ୍କ ସମ୍ମୁଖରେ ସଂପ୍ରେଷଣ କରାଉଛି । ଗତ କିଛି ବର୍ଷ ପୂର୍ବରୁ ମୁଁ ଯେତେବେଳେ ସମ୍ପାଦକର ପଦ ସମ୍ଭାଳି ଥିଲି, ଏମିତି ଏକ ଚରିତ୍ର ପାଠକଙ୍କ ସମ୍ମୁଖରେ ଉପସ୍ଥିତ କରିବାର ସାହସ ରଖିଥିଲି, ଯେଉଁଟା କି ବୋଧହୁଏ ପ୍ରତ୍ୟେକ ମାଗାଜିନ୍ ସମ୍ପାଦକୀୟରେ ଚହଳ ସୃଷ୍ଟି କରିଥିଲା । ମୁଁ ଏବଂ ମୋର ଲେଖନ ପାଇଁ କେତେଜଣ ଅଶାନ୍ତି ଚହଳ ସୃଷ୍ଟି କରୁଥିବା ବ୍ୟକ୍ତିତ୍ୱ ରଖିଥିବା ଖରାପ ସ୍ୱଭାବ ସମାଲୋଚକ ଅଯଥା ତର୍କ ବିତର୍କର ସମ୍ମୁଖୀନ ହୋଇ ନିଜକୁ ବୁଦ୍ଧିମାନ ଭାବୁଥିବା ସମାଲୋଚକ ଯେଉଁମାନେ ଚରିତ୍ର ଚିତ୍ରଣର ସ୍ୱଭାବତା, ଗରିମାକୁ ଅଶାନ୍ତି ପୂର୍ବକ ଭଙ୍ଗ କରିବାକୁ ଚେଷ୍ଟା କରିଥିଲେ, ଅଯଥା ତର୍କବିତର୍କ, ଯୁକ୍ତି ସଂଗତ ତର୍କ ବିତର୍କର ପ୍ରଭେଦ ଜଣା ନଥିବା ଲୋକମାନଙ୍କ ପାଇଁ ବୋଧହୁଏ ଏଇଟା ପୁଣି ଥରେ

ତର୍କବିତର୍କର ସମ୍ମୁଖୀନ ହେବାକୁ ପଡିପାରେ । ଆଉ ମୁଁ ସେଥିପାଇଁ ସମ୍ପୂର୍ଣ୍ଣ ରୂପରେ ପୁରା ପ୍ରଭାବର ସହିତ ସମ୍ମୁଖିନହେବାକୁ ରାଜି ଅଛି ।

ହଁ, "ମାମୁଁ", ମୁଁ ଯେତେବେଳେ ମୋ କଥାକୁ ଏହି ଚରିତ୍ର ଜରିଆରେ କହିବାକୁ ଚେଷ୍ଟା କଲି, ସମସ୍ତେ କହିଲେ, ମୁଁ "ମାମୁଁ" ହା....ହା...., ବୋଧହୁଏ ମୋ ପପୁଲାରିଟି ଯୋଗୁଁ । ମୋର କେହି ମାମୁଁ ନାହାନ୍ତି । ଏହି ମାମୁଁ ଚରିତ୍ର ମୁଁ ନିଜେ ମୁଁ ନିଜେ ମାମୁଁ ଚରିତ୍ର ଏବଂ ସମ୍ପାଦକୀୟ ଚରିତ୍ରର ପଦ ସମ୍ଭାଳୁଛି । ଏହି ଚରିତ୍ରକୁ ନେଇ ମୁଁ ସବୁବେଳେ ମୋର ନିଜ ସାଙ୍ଗରେ କଥା ହୁଏ । ସଂସାରର ଭଲମନ୍ଦକୁ ନେଇ ସମ୍ପାଦକୀୟ ଉପସ୍ଥାପନା କରିବାର ଶୈଳୀ ଏବଂ ଏହି ଚରିତ୍ର ସହାୟତାରେ ମୁଁ ବହୁତ କୌଶଳତାପୂର୍ଣ୍ଣ ନିର୍ବାହ କରି ଆସିଛି ଏବଂ କରିବି ବୋଲି ମୋର ବିଶ୍ୱାସ ।

ଏହି ଚରିତ୍ରଟି "ପୌରାଣିକ" ନୁହେଁ । ମୁଁ ମୋର ନିଜ ଅନୁଭବ, ଅନୁଭୂତିକୁ ଲୋକମାନଙ୍କଠାରୁ, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ହିତାର୍ଥ ହେତୁ ଯଦି ମୁଁ ସମ୍ପାଦକ, ତେବେ ମାମୁଁ ମୋର ଆତ୍ମାର ପ୍ରତିଧ୍ୱନି ରୂପରେ ତରଙ୍ଗାୟିତ ତରଙ୍ଗିଣୀରେ ସମସ୍ତ ଜନତା ସମ୍ମୁଖରେ ସମସ୍ତ ଜଗତର ଲୋକମଙ୍ଗଳ ସହିତ ମୁଁ ପୁରାଣଶାସ୍ତ୍ରରୁ ଚରିତ୍ର ସହିତ, ସମାଜର ଚଳ, ପ୍ରଚଳିତ ଲୋକମାନଙ୍କର ଚରିତ୍ରକୁ ନ ନେଇ କଳ୍ପନାର ଇନ୍ଦ୍ରଜାଲରେ ନିଜକୁ ନ ହଜେଇ ସମସ୍ତ ଚରିତ୍ରର ଅସ୍ତିତ୍ୱକୁ ସୁନ୍ଦର ରୂପରେ ସୁଗଠିତ ଶୈଳରେ ଓଡିଆ ସଂସ୍କୃତି, ଓଡିଆ ପରମ୍ପରାର ଗରିମାକୁ ବଡ ଗରିମା ପୂର୍ଣ୍ଣ ଢଙ୍ଗରେ ମୋର କର୍ମ ଦକ୍ଷତାକୁ କାର୍ଯ୍ୟକାରିଣୀ କରି ପାରିବି ବୋଲି ମୋର ଆଶା ।

ଏବେ ମୁଁ ମୋର ଦ୍ୱିପକ୍ଷୀୟ ଚରିତ୍ର ସହାୟତାରେ ମୋର ସମ୍ପାଦକୀୟର ଏକ ଭିନ୍ନ ମୋଡ ଦେଇ ସମାଜର ଉଚ୍ଚ, ନୀଚ, ଛୋଟ, ବଡ, ଜାତି, ଅଜାତି, ଧନୀ, ଗରୀବ, ଏମିତି କହିପାରିବେ, ସମସ୍ତ ସ୍ୱାଦର ଅନୁଭୂତି ଏବଂ ଅନୁଭବକୁ କାର୍ଯ୍ୟକ୍ଷମ କରିପାରିବି ବୋଲି ମାମୁଁ ଆଶିର୍ବାଦ କାମନା ପାର୍ଥୀ ।

ସାଧାରଣତଃ ଆମେ ପୁରାଣକୁ ଅନୁଧ୍ୟାନ କଲେ ଜାଣିପାରିବା ଯେ ଆମର ଓଡିଆ ଇତିହାସ, ଓଡିଆ ପରମ୍ପରା, ଓଡିଆ ଶୈଳୀ, ଏମିତି କହି ପାରନ୍ତି ଓଡିଆ ଏବଂ ଓଡିଶାର ପ୍ରତିଟି କୋଣ, ଅନୁକୋଣରେ ଓଡିଆ ଜାତିର ଗର୍ବ ଗୌରବର ସୁବିଖ୍ୟାତ ପରମ୍ପରା ଗୌରବ ମଣ୍ଡିତ ବେଦଠାରୁ ଆରମ୍ଭ କରି ଲଳିତ କଳା ଖ୍ୟାତିକୁ ବର୍ଣ୍ଣନା କରିବାର ଯୋଗ୍ୟତା ମୋର ନାହିଁ ।

ଜ୍ଞାନର ଭଣ୍ଡାର ଅସୀମ, କିନ୍ତୁ ମୁଁ ମୋ ଜ୍ଞାନର ଗରିମାକୁ ଉନ୍ନତି କ୍ଷେତ୍ରରେ ନେଇ ବହୁଜନ ହିତାର୍ଥ ହେତୁ କୌଣସି କାର୍ଯ୍ୟ ସମ୍ପାଦନ କରିବାର ଶୈଳୀକୁ ମୋ ନିଜ, ମୁଁ ନିଜେ ଏବଂ ମୋର କାର୍ଯ୍ୟ ପ୍ରଣାଳୀ ଏବଂ ମୋର ନିଜ ଉପରେ ଥିବା ବିଶ୍ୱାସ ପ୍ରତିଟି କ୍ଷେତ୍ରରେ ମୋର ସହାୟତା କରି ଆସିଛି ଏବଂ ମୁଁ ନିଜେ ଆଗକୁ ମୋର ସହାୟତା କରିପାରିବି ବୋଲି ମୋର ବିଶ୍ୱାସ ।

ବେଦାନ୍ତୀ ବୁଦ୍ଧି ଆଉ ଜ୍ଞାନର ପ୍ରତୀକ । ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ହିଁ ବେଦରୁ ସୃଷ୍ଟି । ବେଦରୁ ବେଦାନ୍ତୀର ସୃଷ୍ଟି । ବେଦ ପ୍ରାଚୀନ ଭାରତରେ ରଚିତ ଏକ ସାହିତ୍ୟ ଯେଉଁଟାକି ହିନ୍ଦୁମାନଙ୍କର ଧର୍ମଗ୍ରନ୍ଥ ଭାବରେ ପରିଚିତ । ହିନ୍ଦୁ ଧର୍ମଗ୍ରନ୍ଥରେ ବେଦକୁ ସ୍ମୃତି କୁହାଯାଇଛି ଯାହା ମନୁଷ୍ୟର ବୁଦ୍ଧି ଏବଂ ସ୍ମୃତି ଉପରେ ଆଧାରିତ ।

ଜ୍ଞାନ କହିଲେ ଆମେ ଏଠି କୌଣସି ବ୍ୟକ୍ତି ବିଶେଷକୁ ନ ବୁଝାଇ ମନୁଷ୍ୟର ଅନ୍ତଃନିହିତ ଆନ୍ତରିକ ବୁଦ୍ଧି, କାର୍ଯ୍ୟକ୍ଷମତା, ଦକ୍ଷତାର ଅନୁଭବ ଅନୁଭୂତିକୁ ସୁଚାରୁ ରୂପରେ ସମ୍ପନ୍ନ କରିବାର ଶୈଳୀ, ସମାଜର ଏବଂ ସାମାଜିକ ଜୀବନରେ ଲୋକମଙ୍ଗଳ କ୍ଷେତ୍ରରେ କେତେଦୂର ହିତୈଷୀ ସମ୍ଭବ ଏବଂ ଅସମ୍ଭବ ବୁଝିବା ।

ବେଦାନ୍ତୀ ଜରିଆରେ ସମାଜର ପ୍ରତିଟି କ୍ଷେତ୍ରକୁ ରାଜନୈତିକ, ଅର୍ଥନୈତିକ, ସାମାଜିକ, ବୈଜ୍ଞାନିକ, ପାରିବାରିକ, ସାଂସ୍କୃତିକ, କଳା ସାହିତ୍ୟର ଗବେଷଣାଗାରରେ ବେଦାନ୍ତୀର ସମ୍ପାଦକ ମୁଁ ମମତା ଦାଶ ଆଙ୍କିଦେବି ଏକ ଚିତ୍ରପଟ ସମାଜର ଉନ୍ନତି କ୍ଷେତ୍ରରେ ଯଥା ସମ୍ଭବ ଆପଣଙ୍କ ସ୍ମୃତିପଟରେ.......

ଜୟ ଉତ୍କଳ, ଜୟ ଓଡିଶା ବାସୀ ।

ମମତା ଦାଶ
ସମ୍ପାଦିକା



# ଏ ସଂଖ୍ୟାରେ ରହିଅଛି....


| | | |
|---|---|---|
| ସମ୍ପାଦକୀୟ | ମମତା ଦାଶ | ୦୩ |
| ଜୟ ନୀଳାଦ୍ରି ବିହାରୀ | ହିମାଂଶୁ ଶେଖର ବାରିକ୍ | ୦୮ |
| ଆଧୁନିକ ଓଡିଆ ସାହିତ୍ୟ : ଏକ କ୍ଷୁଦ୍ର ଅନୁଶୀଳନ | ପ୍ରତିଭା ପ୍ରିୟଦର୍ଶିନୀ | ୧୦ |
| ସାଗର କୂଳେ ଦିନେ | ଅନୁସୂୟା ମିଶ୍ର | ୧୬ |
| ଗଙ୍ଗା, ଯମୁନା | ଶଶଧର ମହାପାତ୍ର | ୧୭ |
| ନଦୀ | ସୁଧାଂଶୁ ଦ୍ୱିବେଦୀ | ୧୯ |
| ନାମହୀନ ନଦୀଟିଏ | ସୁଲୋଚନା ପଟ୍ଟନାୟକ | ୨୬ |
| ମହାଦେବଙ୍କ ମହାପ୍ରଳୟ | କାଳକଙ୍କର | ୨୭ |
| ପଥହରା ପଥିକ- ୨ ( ଲକ୍ଷପ୍ରାପ୍ତି) | ଆଶା ସାହୁ | ୨୯ |
| ତାତିରେ ଓଡିଶା | ବରୁଣ କୁମାର ଦାସ | ୩୬ |
| ଜୀବନର ମୋଡ | ଶାନ୍ତିଲତା ମିଶ୍ର | ୩୭ |
| ଛୋଟ କଥା, ବଡ ଶିକ୍ଷା | ଆଶୁତୋଷ ମେହେର | ୩୮ |
| ଅଗ୍ନି | ବିନୟ ମହାପାତ୍ର | ୪୦ |
| ପାରୁଷ୍ୟ | ଡଃ. ନୃସିଂହ ଚରଣ କର | ୪୧ |
| ଗୁଜବ | ଡ. ବିଜ୍ଞାନୀ ଦାସ | ୪୨ |
| ତୁମେ ଗଳ୍ପରେ | ଅନାମ ଚରଣ ସାହୁ | ୪୯ |
| ଦୁଇ ଗ୍ରହ ଦିନର ଜୀବନ | ମଧୁସ୍ମିତା ପଟ୍ଟନାୟକ | ୫୦ |
| ଆଇ.ଆଇ.ଟି | ଜ୍ୟୋତି ରଞ୍ଜନ ସାମନ୍ତରାୟ | ୫୨ |
| ପାରୁନ ଭୁଲି | ଲିନା ମହାନ୍ତି | ୫୫ |
| ପ୍ରଭୁ ପାଦେ ଅଳି | ମୋହନ ଚନ୍ଦ୍ର ବିଷୋୟୀ | ୫୬ |
| ଅସ୍ତରାଗିଣୀ ( ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୫୭ |
| ୨୦୫୧ | ଅନୁପମ ବେହେରା | ୫୯ |

| | | |
|---|---|---|
| ଜୀବନର ଚକ୍ର | ଦେବସ୍ମିତା ବେହେରା | ୬୨ |
| ଦୁଇଟି ଅଣୁଗଳ୍ପ | ଦୀପକ ଷଡଙ୍ଗୀ | ୬୪ |
| ସମ୍ବୋଧନ | ନୃସିଂହ ଚରଣ ବେହେରା | ୬୫ |
| ସଂଗ୍ରହ | ସନାତନ ମହାକୁଡ | ୬୬ |
| ଶେଷ ଠିକଣା | ଇଂ. ସାରଦା ପ୍ରସାଦ ପରିଡା | ୬୮ |
| ଉଧାର | ସଚ୍ଚିଦାନନ୍ଦ ବାରିକ | ୬୯ |
| ମୁଁ ମଣିଷ ଟିଏ ନୁହେଁ ଖେଲଣା | ଶୁଭମ ନାୟକ | ୭୩ |
| ଇମ୍ଫାଲ, ମଣିପୁର<br>ଧାରାବାହିକ ଭ୍ରମଣ କାହାଣୀ | ପ୍ରିୟବ୍ରତ ପାତ୍ର | ୭୪ |
| ମୁଁ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୭୭ |
| ଲକ୍ଷେ ତାର୍ ଗୁଟେ ଜନ୍ | ଫିରୋଜ କୁମାର ପଟେଲ | ୭୯ |
| ଆଇ ହେଟ ୟୁ | ସୁବ୍ରତ କୁମାର ମୁଦୁଲି | ୮୦ |
| ଫିକା ଫଗୁଣ | ପ୍ରଶାନ୍ତ କୁମାର ନାଥ | ୮୧ |
| ତୁମ ପାଇଁ....... | ପ୍ରଦେଶ କୁମାର ପ୍ରଧାନ | ୮୨ |
| ଭାଗବତ ମହାତ୍ମ୍ୟ: ଏକ ଅନୁଶୀଳନ | ବାଲ୍ମୀକ ନାୟକ | ୮୩ |
| ମା | ଯୋଗେନ୍ଦ୍ର ବାରିକ | ୮୮ |
| ଜୁନ୍ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୯୦ |
| ଟିକିଏ ହସନ୍ତୁ | ବେଦାନ୍ତୀ ପରିବାର | ୯୧ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୯୨ |




# ଜୟ ନୀଳାଦ୍ରି ବିହାରୀ



ହିମାଂଶୁ ଶେଖର ବାରିକ୍

ଜୟ ଜୟ ଜଗନ୍ନାଥ ନଳାଦ୍ରୀ ବିହାରୀ
ଜୟ ବଳଭଦ୍ର ଜୟ ସୁଭଦ୍ରା ସୁନ୍ଦରୀ ॥
ଜୟ ସୁଦର୍ଶନ ଜୟ ଚତୁର୍ଦ୍ଧା ମୂରତୀ
ଜୟ ଦାରୁବ୍ରହ୍ମ ଆହେ ବ୍ରହ୍ମାଣ୍ଡର ପତି ॥
ହେ ନୀଳମାଧବ ବିଶ୍ୱାବସୁ ଇଷ୍ଟଦେବ
ଦୟାବହି ନୀଳାଚଳେ ହୋଇଲ ପ୍ରକଟ ॥
ମହୋଦଧି କୂଳେ ଦିବ୍ୟଦାରୁ ଭାସମାନ
ଦେଖି ଅଣାଇଲେ ଭକ୍ତରାଜ ଇନ୍ଦ୍ରଦ୍ୟୁମ୍ନ ॥
ମହାରଣା ରୂପ ଧରି ଆସିଲ ଅନନ୍ତ
ଅନ୍ତର୍ଦ୍ଧାନ ହେଲ ଗଢି ମୂରତି ବିଚିତ୍ର ॥
ତୁମର ବିନ୍ଧାଣୀ ତୁମେ ଅଟ ହେ ଠାକୁର
ଅତୀବ ବିଚିତ୍ର ଏହା ଜଗତ ମଧ୍ୟର ॥
ତୁମେ କୃଷ୍ଣ ତୁମେ ରାମ ତୁମେ ନାରାୟଣ
ବିରାଜିତ ସାଥେ ବ୍ରହ୍ମା ଈଶ ସୁଦର୍ଶନ ॥
ନିତ୍ୟ ଲୀଳା ରଚୁଅଛ ବୈକୁଣ୍ଠ ସମାନ
ଲକ୍ଷ୍ୟ ଲକ୍ଷ୍ୟ ଭକ୍ତ ତହିଁ ହୋଏ ଆକର୍ଷଣ ॥
ସର୍ବ ଦେବାଦେବୀ ବିଜେ ମନ୍ଦିର ବେଢାରେ
ଛାଡି ସ୍ୱର୍ଗପୁର ଲୀଳା ଦରଶନ କରେ ॥
ସର୍ବ ସାଧୁଜନ ପ୍ରିୟ ଏହି ଦେବାଳୟ



ମଣନ୍ତି ନଜର ବୋଲି ସର୍ବ ସମ୍ପ୍ରଦାୟ ॥

ଚଇତନ ରାମାନୁଜ ଆଚାର୍ଯ୍ୟ ଶଙ୍କର

ବିମୋହିତ ହେଲେ ଦେଖି ରୂପକୁ ତୁମର ॥

ତୁମେ ବ୍ରହ୍ମା ତୁମେ ବିଷ୍ଣୁ ତୁମେ ମହେଶ୍ୱର

ତୁମେ ନାଦ ବ୍ରହ୍ମ ତୁମେ ପରମ ଈଶ୍ୱର ॥

ସୃଷ୍ଟି ସ୍ଥିତି ଲୟ ଅଟେ ତୁମ ଖେଳଘର



ସକଳ ଘଟରେ ବିଜେ କର ଦାମୋଦର ॥

ଚଉଦ ଭୁବନ ସୃଷ୍ଟି କରିଅଛ ନାଥ

ଇଚ୍ଛାରେ ତୁମର ରବି ଚନ୍ଦ୍ର ଆତଯାତ ॥

ଅପାର ମହିମା ତବ ନାହିଁ ପଟାନ୍ତର

ତୁମ ନାମ ଜପ କରେ ସର୍ବ ପାପ ଦୂର ॥

ଆରତ ଭଞ୍ଜନ ବାନା ଉଡାଉଣ ଅଛ

ଭକ୍ତ ଦୁଃଖ ନିବାରଣ ସତତ କରୁଛ ॥

ଦରିଦ୍ର ସଙ୍ଖାଳ ଆହେ କରୁଣା ସାଗର

ଜ୍ଞାନ ଭକ୍ତି ଭରି ଦିଅ ହୃଦୟେ ମୋହର ॥

ବିରାଜିତ ହୁଅ ହୃଦେ ପ୍ରତିଟି ମୁହୂର୍ତ୍ତ

ଦିବ୍ୟାନନ୍ଦେ ହରଷିତ ହେଉ ମୋର ଚିତ୍ତ ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର

# ଆଧୁନିକ ଓଡିଆ ସାହିତ୍ୟ: ଏକ କ୍ଷୁଦ୍ର ଅନୁଶୀଳନ



ପ୍ରତିଭା ପ୍ରିୟଦର୍ଶିନୀ

ଏହି ବିଷୟଟି ଖୁବ ବିସ୍ତୃତ ଓ ଜଟିଳ ତଥ୍ୟ ସମ୍ପୃକ୍ତ। ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ବିଭିନ୍ନ ଘଟଣା ଏହାର ଭୌଗଳିକ, ରାଜନୈତିକ, ଭାଷାଭିତ୍ତିକ, ଆଶା ଆକାଂକ୍ଷା ଓ ସାହିତ୍ୟ ସୃଜନ ଇତ୍ୟାଦି ସମସ୍ତ ଦିଗକୁ ଖୁବ୍ ପ୍ରଭାବିତ କରିଥିଲା। ୧୮୦୩ ମସିହାରେ ଇଂରେଜ ଶାସନାଧିନ ହେବାପରେ ଓଡିଶା ଇତିହାସରେ ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଲା। ତେବେ ତାହାର ଦୁଇଶହ ବର୍ଷ ପୂର୍ବରୁ ଚାଲି ଆସିଥିବା ମୋଗଲ, ଆଫଗାନ ଓ ମରାଠା ଶାସନ ସମୟ ଅଧିକ ଅରାଜକ ଓ କ୍ଷତିକାରକ ଥିଲା। ମୋଗଲ ଶାସନ କାଳରେ ଓଡିଶାର ସୀମା ସରହଦକୁ ନେଇ ଅନେକ ଅନିଶ୍ଚିତତା ସୃଷ୍ଟି ହୋଇଥିଲା ଓ ଭୌଗଳିକ ପରିସୀମା ବାରମ୍ବାର ପରିବର୍ତ୍ତନ କରାଯାଇଥିଲା ।

ଯୁଦ୍ଧ ଏବଂ ବିଦ୍ରୋହ ନିୟମିତ ଘଟଣା ଥିଲା। ତେଣୁ ବ୍ରିଟିଶ୍ ଆଗମନକୁ ବିଶେଷ ବିରୋଧର ସାମ୍ନା କରିବାକୁ ପଡିନଥିଲା। ପୂର୍ବବର୍ତ୍ତୀ ଶାସକ ମାନଙ୍କ ଦ୍ୱାରା କଠୋର ଆଘାତ ପ୍ରାପ୍ତ ଏ ପ୍ରଦେଶକୁ ନୂତନ ଶାସକ ସହଯୋଗ ଓ ସହାୟତା ଦେବାର ଆଶା କରିଥିବା ଲୋକଙ୍କୁ ବ୍ରିଟିଶ୍ ମାନେ କଠୋର ଶାସନ କରି ସେମାନଙ୍କ ଆଶାକୁ ଭୁଲ ପ୍ରମାଣିତ କରିଥିଲେ। ଇଂରେଜଙ୍କ ସହ ଲଢେଇରେ ଜୟକୃଷ୍ଣ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ଭଳି ଅନେକ ସଂଗ୍ରାମୀ ଓ ଲଢୁଆ ପାଇକ ବୀର ପ୍ରାଣବଳୀ ଦେଲେ। ନୂତନ ପ୍ରଜାସତ୍ତ୍ୱ ଆଇନ ଯୋଗୁଁ ବାଲେଶ୍ୱର, କଟକ, ପୁରୀ ଇତ୍ୟାଦି ଉପକୂଳ ଅଞ୍ଚଳ ଗୁଡିକରେ ଓଡିଆମାନେ ନିଜର ଉଚ୍ଚ ପଦ ପଦବୀ ହରାଇଲେ। ମଧ୍ୟସ୍ଥ କାମ କରୁଥିବା ବାହାର ରାଜ୍ୟର ଲୋକମାନେ ହିଁ ସବୁଠୁ ଅଧିକ ବିଶ୍ୱାସଘାତକ ଥିଲେ। ଐତିହାସିକ R.D.Banerjee ସ୍ୱୀକାର କରିଛନ୍ତି ଯେ, "କମ୍ ଯୋଗ୍ୟ ବଙ୍ଗାଳୀ ମାନେ ବ୍ରିଟିଶ୍ ବିଜୟ ପରେ ଅର୍ଦ୍ଧଶତାବ୍ଦୀ ଧରି ଓଡିଶା ଉପରେ ଶାସନ କରିଛନ୍ତି । ନ୍ୟାୟିକ ଓ ପ୍ରଶାସନିକ କ୍ଷେତ୍ରରେ ଅକ୍ତିଆର ଥିବା ଯୋଗୁଁ ବଙ୍ଗାଳୀ ମାନଙ୍କ ପାଇଁ ଓଡିଶା, ଧନୀ ହେବାର ଏକ ସହଜ ମାଧ୍ୟମ ଥିଲା। ଶତାଧିକ ଓଡିଆ ଧନୀକଙ୍କୁ ଦଳତଳାନ୍ତ କରାଗଲା ଓ ସେମାନଙ୍କ ସମ୍ପତ୍ତି ଏବଂ ଧରୋହର ବଙ୍ଗାଳୀ ଜମିଦାର ମାନଙ୍କ ହାତକୁ ଚାଲିଗଲା।" ଆର୍ଥିକ ଉତ୍ପୀଡନରେ ସେମାନଙ୍କ ମନ ଭରିଲା ନାହିଁ। ସେମାନେ ଅପପ୍ରଚାର କଲେ "ଓଡିଆ"

ଏକ ସ୍ୱତନ୍ତ୍ର ଭାଷା ନୁହେଁ। ଉଦାହରଣ ସ୍ୱରୂପ, ୧୮୬୭ ରେ ତତ୍କାଳୀନ ଡେପୁଟୀ ମାଜିଷ୍ଟ୍ରେଟ୍ ରଙ୍ଗଲାଲ୍ ବନ୍ଦୋପାଧ୍ୟାୟ କହିଲେ ବଙ୍ଗଳା ହେଉଛି ମୂଳଭାଷା, ଯେଉଁଥିରୁ ଓଡିଆ ଭାଷା ସୃଷ୍ଟି ହେଇଛି। ସେହିଭଳ, ଖ୍ୟାତନାମା ବଙ୍ଗାଳୀ ବିଦ୍ୱାନ ରାଜେନ୍ଦ୍ର ଲାଲ ମିତ୍ର ଯେତେବେଳେ କଟକର ବିଦ୍ୟାଳୟ ଗୁଡିକର ଅନୁଧାନ କରିବାକୁ ଆସିଥିଲେ, ସେ ବକ୍ତବ୍ୟ ଦେଲେ ଯେ ମାତ୍ର ୨୦ ଲକ୍ଷ ଓଡିଆଙ୍କ ପାଇଁ ଏକ ସ୍ୱତନ୍ତ୍ର ଭାଷାର ଆବଶ୍ୟକତା ହିଁ ନାହିଁ। ତାଙ୍କ ତର୍କ ଥିଲା ଯେ ଓଡିଆ ଭାଷା ବ୍ୟବହାର ହେଲେ ଓଡିଶା ଆହୁରି ପଛୁଆ ଅଞ୍ଚଳ ହୋଇ ରହିଯିବ। ବାଲେଶ୍ୱର ଜିଲ୍ଲା ସ୍କୁଲରେ ଏକ ପ୍ରଶ୍ନପତ୍ର ବାଣ୍ଟିଥିଲେ ଯାହାର ଶୀର୍ଷକ ଥିଲା "ଓଡିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ" । ଏହି ବିଷାଦମୟ ସାଂସ୍କୃତିକ ପରିସ୍ଥିତି ର ପରିସମାପ୍ତି ରେ ପଟ୍ଟପୁରୋଧା ସାଜିଥିଲେ ଫକୀର ମୋହନ ସେନାପତି( ୧୮୪୩- ୧୯୧୮) , ଯାହାଙ୍କୁ ସାଦରେ ଯଥାର୍ଥ ଭାବରେ ଆଧୁନିକ ଓଡିଆ ଭାଷାର ଜନକ କୁହାଯାଏ। ତାଙ୍କ ବିଦ୍ୱତ୍ତା, ପାଣ୍ଡିତ୍ୟ ଓ ବିଚକ୍ଷଣ ବୁଦ୍ଧି ପ୍ରଶଂସନୀୟ ଥିଲା ଏବଂ ପ୍ରଶାସକ ଓ ଭାଷାବିଦ୍ **Jhon Beams** ( ତତ୍କାଳୀନ ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ୍) ତଥା **T.E.Ravenshaw** (ଓଡିଶା ଡିଭିଜନ୍ ର କମିଶନର ଓ ରେଭେନ୍ସା କଲେଜର ପ୍ରତିଷ୍ଠାତା) ଙ୍କ ସହିତ ତାଙ୍କର ଉତ୍ତମ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ଥିଲା। **Jhon Beams** ହିଁ କଲିକତା ଠାରେ ଆୟୋଜିତ ରୟାଲ ଏସିଆଟିକ ସୋସାଇଟି ଅଧିବେଶନ ରେ ସ୍ୱତନ୍ତ୍ର ଓଡିଆ ଭାଷାର ଆବଶ୍ୟକତା ଓ ଔଚିତ୍ୟ ପାଇଁ ତାଙ୍କ ସନ୍ଦର୍ଭ **"The Relationship of Oriya to Other Aryan Languages"** ରେ ଯୁକ୍ତି ବାଢିଥିଲେ। ରାଜେନ୍ଦ୍ରଲାଲ ମିତ୍ର ଓ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଯୁକ୍ତି ବୀପରିତ, **Beams** ଜଣାଇଥିଲେ ଯେ ଓଡିଆ ଭାଷା ବଙ୍ଗଳା ଠାରୁ ପୁରାତନ ଏବଂ ଉତ୍ତର ରେ ମେଦିନାପୁର, ପଶ୍ଚିମ ରେ ନାଗପୁର ଓ ଦକ୍ଷିଣ ରେ ତେଲେଙ୍ଗାନା ଯାଏଁ ଏହାର ପ୍ରଭାବ ରହିଛି। ଶେଷରେ ୧୯୩୬ ରେ ଭାଷା ଭିତ୍ତିରେ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା।

ଓଡିଆ ଭାଷାର ପ୍ରସାର କ୍ଷେତ୍ରରେ ୧୮୩୮ ମାର୍ଚ୍ଚ ୧ ରେ କଟକ ଠାରେ ଓଡିଶା ମିସନ ପ୍ରେସ ର ପ୍ରତିଷ୍ଠା ଏକ ବଡ ପରିବର୍ତ୍ତନ ଆଣିଥିଲା। ଯଦିଓ ଏହି ପ୍ରେସ୍ ର ପ୍ରାରମ୍ଭିକ ଉଦ୍ଦେଶ୍ୟ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ଲେଖାଗୁଡିକ ଓଡିଆ ରେ ପ୍ରକାଶ କରି ଧର୍ମ ପ୍ରଚାର କରିବା ଥିଲା, ଏଠାରେ ସରକାରୀ ଭର୍ଣ୍ଣାକୁଲାର ସ୍କୁଲ ଗୁଡିକ ପାଇଁ ଓଡିଆ ରେ ପାଠ୍ୟପୁସ୍ତକ ମୁଦ୍ରଣ ମଧ୍ୟ ଆରମ୍ଭ ହେଲା। ସମୟକ୍ରମେ ଏଠାରେ ହିନ୍ଦୁ ଧର୍ମଗ୍ରନ୍ଥ ମଧ୍ୟ ଛପାହେଲା। ଦୁର୍ଲଭ ତାଳପତ୍ର ପୋଥିରେ ଥିବା ହରି ପୁରାଣ, ବିଚିତ୍ର ରାମାୟଣ, ଦୀନକୃଷ୍ଣ ଙ୍କ ରସକଲ୍ଲୋଳ ଓ ଲକ୍ଷ୍ମୀପୁରାଣ, ଜଗନ୍ନାଥ ତୀର୍ଥ ମାହାତ୍ମ୍ୟ ଇତ୍ୟାଦି ଏଠାରୁ ପ୍ରକାଶ ପାଇଲା। ଅଧିକନ୍ତୁ ପ୍ରାରମ୍ଭିକ ଭାବରେ ଓଡିଆ ବ୍ୟାକରଣ, ଶବ୍ଦକୋଷ ଏବଂ ଧର୍ମପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା ଉଦ୍ଦିଷ୍ଟ ପତ୍ରିକା

ଯେପରିକ ଜ୍ଞାନାରୁଣ( ୧୮୪୯) , ପ୍ରବୋଧ ଚନ୍ଦ୍ରିକା( ୧୮୫୬) , ଅରୁଣୋଦୟ( ୧୮୬୧) ଇତ୍ୟାଦି କ୍ରମଶଃ ପ୍ରକାଶ ପାଇଲା। ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ଉଦ୍ଦେଶ୍ୟ ନେଇ ବଙ୍ଗ ରେ ବ୍ରହ୍ମସମାଜ ଓ ଓଡିଶା ରେ ମହିମା ଧର୍ମ ଇତ୍ୟାଦି ର ଉତ୍ଥାନ ହେଲା। ନୂତନ ଆଙ୍ଗ୍ଲୋ ଭର୍ଣ୍ଣାକୁଲାର ସ୍କୁଲ ମାନ ଖୋଲିବାରୁ ସଂସ୍କୃତ ଭାଷାରେ ପଢିବାର ଆଦୃତି କମିଲା, ସାଂସ୍କୃତିକ- ସାମାଜିକ- ଭାଷାଗତ ସ୍ତରରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆସିଲା।

ଗୌରୀଶଙ୍କର ରାୟ ( ୧୮୩୮- ୧୯୧୭) ଉଦଯୋଗ କ୍ରମେ ୧୮୮୬ ( ନଅଙ୍କ ଦୁର୍ଭିକ୍ଷ ବର୍ଷ) ରେ "କଟକ ପ୍ରିଣ୍ଟିଙ୍ଗ ପ୍ରେସ୍" ଆରମ୍ଭ ହେଲା ରେଭେନ୍ସା ସାହେବଙ୍କ ତତ୍ତ୍ୱାବଧାନରେ। ସେହିଭଳି Jhon Beams ଙ୍କ ସହଯୋଗରେ ଫକରମୋହନ ସେନାପତି ୧୮୬୮ ରେ "ଉତ୍କଳ ପ୍ରିଣ୍ଟିଙ୍ଗ ପ୍ରେସ୍" ପ୍ରତିଷ୍ଠା କରି ନୂତନଧରଣର ରାଷ୍ଟ୍ରବାଦୀ ଲେଖା ର ପ୍ରକାଶନ, ପ୍ରଚାର ପ୍ରସାର କଲେ। ଏହି ଦୁଇ ମୁଦ୍ରଣ ସଂସ୍ଥା ସହଯୋଗରେ ଆଧୁନିକ ଓଡିଆ ରାଷ୍ଟ୍ରବାଦୀ ସାହିତ୍ୟ କ୍ରମଶଃ ଉନ୍ନତି କରିବାକୁ ଓ ବଢିବାକୁ ଲାଗିଲା।

ଫକରମୋହନ ସେନାପତି ( ୧୮୪୩- ୧୯୧୮) , ରାଧାନାଥ ରାଏ ( ୧୮୪୮- ୧୯୦୮) ଓ ମଧୁସୂଦନ ରାଓ ( ୧୮୫୩- ୧୯୧୨) ଙ୍କୁ ଆଧୁନିକ ଓଡିଆ ସାହିତ୍ୟ ର ଉଦ୍ୟୋକ୍ତା କୁହାଯାଏ। ଫକର ମୋହନ ସେନାପତି ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ। ଏକାଧାରରେ କବି, ଔପନ୍ୟାସିକ, ବିଦ୍ୱାନ, ସମାଜ ସଂସ୍କାରକ, ପ୍ରକାଶକ, ସାମ୍ବାଦିକ, ପ୍ରଶାସକ, ବ୍ୟବସାୟୀ ଓ ଦେଶଭକ୍ତ ଥିଲେ। ସେ ମାତ୍ର ଦୁଇବର୍ଷ ଔପଚାରିକ ଶିକ୍ଷାଗ୍ରହଣ କରିଥିଲେ ମଧ୍ୟ ୪- ୫ ଟି ଭାଷାରେ ତାଙ୍କ ଦଖଲ ଥିଲା। ସେ ଇଂରାଜୀ ମଧ୍ୟ ଶିକ୍ଷା କରିଥିଲେ। ପ୍ରଥମ ଓଡିଆ ଭାବରେ ସେ ଏକ ଛାପାଖାନା ପ୍ରତିଷ୍ଠା କରି ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦବାହିକା ନାମରେ ମାସିକ ପତ୍ରିକା ୧୮୬୮ ରେ ପ୍ରକାଶନ ଆରମ୍ଭ କଲେ ଯାହା ୧୮୭୨ ରେ ସାପ୍ତାହିକ ପ୍ରକାଶିତ ହେଲା। ସେ ୪ଟି ଉପନ୍ୟାସ, ୨୧ଟି କ୍ଷୁଦ୍ରଗଳ୍ପ, ଅନେକ କବିତା ସହିତ ଅନ୍ୟ ଭାଷାର ଲେଖା ଓଡିଆରେ ଅନୁବାଦ କରିଛନ୍ତି। ୧୮୬୮ ରେ ପ୍ରକାଶିତ ତାଙ୍କ କ୍ଷୁଦ୍ରଗଳ୍ପ "ଲଛମନିଆ" କୁ ଅନେକ ଭାଷାବିଦ୍ କୌଣସି ଭାରତୀୟ ଭାଷାରେ ପ୍ରକାଶିତ ପ୍ରଥମ କ୍ଷୁଦ୍ରଗଳ୍ପ ର ମାନ୍ୟତା ଦିଅନ୍ତି। ତାଙ୍କ ଜୀବନୀ "ଆତ୍ମ ଚରିତ" ମରଣୋପରାନ୍ତ ଭାବେ ୧୯୨୭ ରେ ପ୍ରକାଶ ପାଇଥିଲା। ସେ ରାମାୟଣ, ମହାଭାରତ, ଭଗବଦ୍ ଗୀତା ଏବଂ ଛନ୍ଦୋଗ୍ୟ ଉପନିଷଦ ର କିଛି ଅଂଶ ଅନୁବାଦ କରିଥିଲେ। ତାଙ୍କ କ୍ଷୁଦ୍ରକବିତା ଗୁଡିକ ର ସଂକଳନ ପୁଷ୍ପମାଳ ( ୧୮୯୪) , ଉପହାର ( ୧୮୯୫) , ଅବସର ବାସରେ ( ୧୯୦୮) ପ୍ରକାଶ ପାଇଥିଲା। ଏହା ବ୍ୟତୀତ ପୂଜାଫୁଲ, ପ୍ରାର୍ଥନା, ଧୂଳି ଇତ୍ୟାଦି ତାଙ୍କ ସୃଜନ ର ବାର୍ତ୍ତାବହ। ତାଙ୍କ ଉପନ୍ୟାସର

ଚରିତ୍ରମାନେ ଥିଲେ ମାଟିର ମଣିଷ। ସେ ଚରିତ୍ର ମାନଙ୍କୁ ପାଠକେ ନିଜ ଆଖପାଖରେ ଦେଖିଥିବା ଅନୁଭବ କରିପାରିବେ। ସାମାଜିକ ସଂସ୍କାରଧର୍ମି ବିଷୟ ଗୁଡିକ ପ୍ରତି ସେ ଅଧିକ ସଚେତନ ଥିଲେ। "ରେବତୀ" ଏହାର ବଡ ଉଦାହରଣ। ନିଜେ ବ୍ୟାସକବି ଉଚ୍ଚଶିକ୍ଷିତ ନହେବା ଏକପ୍ରକାର ଭଲଥିଲା କାରଣ ଏଇଥିପାଇଁ ତାଙ୍କ ରଚନା ଗୁଡିକର ଭାଷା ସାଧାରଣ ମଣିଷର ସରଳ କଥିତ ଭାଷା ଥିଲା। ତାଙ୍କ ସମସାମୟିକ ପ୍ରସିଦ୍ଧ ବଙ୍ଗଳା ଲେଖକ ବଙ୍କୀମଚନ୍ଦ୍ରଙ୍କ ଭଳି ତାଙ୍କ ଲେଖାରେ ସଂସ୍କୃତର ପ୍ରଭାବ ନରଖି, ସେ ଉପେକ୍ଷିତ ସାଧାରଣ ମଣିଷ ର ଭାଷାକୁ ଆପଣେଇବାର ସାହସ ଦେଖାଇଥିଲେ। ତାଙ୍କଠୁ ବିପରୀତ ରାଧାନାଥ ଓ ମଧୁସୂଦନଙ୍କ ଲେଖାରେ ଜ୍ଞାନୀ ବିଦ୍ୱାନଙ୍କ ଭାଷାର ବ୍ୟବହାର ଦେଖିବାକୁ ମିଳେ। ଫକୀରମୋହନ କେବଳ ରକ୍ଷା କରିନଥିଲେ ବରଂ ତା'ର ଲାଳନପାଳନ କରି ବଢାଇଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ପ୍ରସିଦ୍ଧି ପାଇଁ ଲେଖୁନଥିଲେ ବରଂ ପାଠ୍ୟପୁସ୍ତକ ଅଭାବ ପୂରଣ କରିବା ପାଇଁ ଲେଖୁଥିଲେ। ଏହି ତିନିବନ୍ଧୁ ଓଡିଆ ପାଠ୍ୟପୁସ୍ତକ ର ଅଭାବ ପୂରଣ ଲାଗି ଅଣ୍ଟା ଭିଡିଥିଲେ। ଫକୀରମୋହନ ଗଣିତ ଓ ଇତିହାସ ଏବଂ ଅନ୍ୟ ଦୁଇଜଣ ସାହିତ୍ୟ ଶିକ୍ଷା ପ୍ରତି ଧ୍ୟାନଦେଇ କାର୍ଯ୍ୟ କରୁଥିଲେ।

ରାଧାନାଥ ରାୟ ଥିଲେ ବିବିଧ ଜ୍ଞାନ ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ। ଅନେକ ଭାଷାରେ ଥିଲା ତାଙ୍କର ପାଣ୍ଡିତ୍ୟ। ତାଙ୍କ ପାଣ୍ଡିତ୍ୟ ଓ କବି ପ୍ରତିଭା ପାଇଁ ସେ ଖୁବ ପ୍ରଶଂସିତ ହୋଇଥିଲେ। ନବୀନ ଚନ୍ଦ୍ର ସେନ ଓ ଭୂଦେବ ମୂଖୋପାଧ୍ୟାୟଙ୍କ ଭଳି ବଙ୍ଗୀୟ କବି ମାନେ ତାଙ୍କ ପ୍ରଶଂସାରେ କବିତା ମାନ ଲେଖିଥିଲେ। ଟାଗୋରଙ୍କ ବ୍ୟତୀତ ରାଧାନାଥଙ୍କ ଅତିରିକ୍ତ ଅନ୍ୟ କୌଣସି ଭାଷାର ଲେଖକ ଏତେ ପ୍ରଶଂସା ଲାଭ କରିନଥିବେ। ଫକୀରମୋହନ, ରାଧାନାଥ ଓ ମଧୁସୂଦନ ଙ୍କ ମିଳିତ ସଂକଳନ "କବିତାବଳି"(୧୮୭୩) କୁ Wordsworth ଓ Caleridge Lyrical Ballades ସହିତ ତୁଳନା କରାଯାଏ। ତାଙ୍କ ରଚନା ଗୁଡିକ ମଧ୍ୟରେ ପ୍ରମୂଖ ଥିଲା କେଦାର ଗୌରୀ (୧୮୮୬), ଚନ୍ଦ୍ରଭାଗା (୧୮୮୬), ନନ୍ଦିକେଶ୍ୱରୀ (୧୮୮୭), ଉଷା (୧୮୮୮), ପାର୍ବତୀ (୧୮୯୦), ଚିଲିକା (୧୮୯୨), ମହାଯାତ୍ରା (୧୮୯୩), ଦରବାର (୧୮୯୬) ଇତ୍ୟାଦି। ସେ ମଧ୍ୟ କାଳିଦାସ ଙ୍କ ମେଘଦୂତମ୍ (୧୮୭୮) ଓ ଉର୍ବଶୀ (୧୮୯୬) ଅନୁବାଦ କରିଥିଲେ। ତାଙ୍କ ରଚିତ "ମହାଯାତ୍ରା" ପ୍ରଥମ ଓଡିଆ ମହାକାବ୍ୟ। "ଦରବାର" କୁ ପ୍ରଥମ ବ୍ୟଙ୍ଗ ସାହିତ୍ୟ ଏବଂ "ଚିଲିକା" କୁ ପ୍ରଥମ ବର୍ଣ୍ଣନାତ୍ମକ ପ୍ରତିଫଳନ ଧର୍ମି ସାହିତ୍ୟ ଭାବେ ବିବେଚନା କରାଯାଏ। ସେ ତାଙ୍କ ରଚନା ଗୁଡିକର ବିଷୟବସ୍ତୁ ଗ୍ରୀକ୍ ଓ ରୋମାନ୍ କାହାଣୀ, ଭାରତୀୟ ପୁରାଣ, ଜନଶ୍ରୁତି ଏବଂ ଓଡିଶାର ଇତିହାସରୁ ଆହରଣ କରୁଥିଲେ। ବିଦେଶୀ କାହାଣୀ

ଗୁଡିକୁ ସମ୍ପୂର୍ଣ୍ଣ ଓଡିଆ ରଙ୍ଗରେ ପ୍ରସ୍ତୁତ କରୁଥିଲେ। ତାଙ୍କ ଲେଖାରେ ଓଡିଶାର ଭୂଗୋଳ ସହିତ ଓଡିଶା ମାଟିର ବାସ୍ନା ପରିପୂର୍ଣ୍ଣ ଥିଲା।

ମଧୁସୂଦନ ରାଓ ଭକ୍ତକବି ଭାବରେ ପ୍ରସିଦ୍ଧ ଥିଲେ। ସେ ବ୍ରହ୍ମସମାଜ ରେ ସାମିଲ ହୋଇ ଓଡିଶାରେ ସାମାଜିକ ପରିବର୍ତ୍ତନ ଓ ସଂସ୍କାର ଆଣିବାକୁ ଚେଷ୍ଟା କରିଥିଲେ। ସେ "ଉତ୍କଳ ସାହିତ୍ୟ ସମାଜ" ପ୍ରତିଷ୍ଠା କରିଥିଲେ। ତାଙ୍କ ରଚତ ଛବିଳ ମଧୁ ବର୍ଣ୍ଣବୋଧ ପାଇଁ ସେ ପ୍ରତ୍ୟେକ ଓଡିଆ ପ୍ରାଣରେ ଚର ଅମର ରହିବେ। ସେ ମଧ୍ୟ ଅନେକ ଗୀତ, ଗୀତିକବିତା, ଚତୁର୍ଦ୍ଦଶପଦୀ କବିତା ( sonnet) , ସମ୍ବୋଧନ ଗୀତ( odes) ଓ ପ୍ରବନ୍ଧ ମାନ ଲେଖିଥିଲେ। ସନେଟ୍ ଲେଖିବାରେ ସେ ଥିଲେ ତାଙ୍କ ସମୟର ଏକମାତ୍ର କବି।

ଏହି ତିନଜଣ ଅନେକ ଲେଖକ ଓ କବିଙ୍କୁ ପ୍ରେରିତ କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ କାବ୍ୟ ରଚନାକାର ଚନ୍ତାମଣି ମହାନ୍ତି, ପଲ୍ଲୀକବି ନନ୍ଦକଶୋର ବଳ, ଗଙ୍ଗାଧର ମେହେର ( ତପସ୍ୱିନୀ, ପ୍ରଣୟବଲ୍ଲରୀ, କୀଚକ ବଧ, ଇନ୍ଦୁମତି) , ପଦ୍ମଚରଣ ପଟ୍ଟନାୟକ, କୁନ୍ତଳା କୁମାରୀ ସାବତ ( ପ୍ରେମ ଚନ୍ତାମଣି) , ଲକ୍ଷ୍ମୀକାନ୍ତ ମହାପାତ୍ର ( ବନ୍ଦେ ଉତ୍କଳ ଜନନୀ) । ଗଦ୍ୟ ଓ ନାଟକ କ୍ଷେତ୍ରରେ ରାମ ଶଙ୍କର ରାୟ ଓଡିଆ ନାଟକ ରଚନା ରେ ଖୁବ୍ ସଫଳତା ପାଇଥିଲେ। ତାଙ୍କ ପ୍ରଥମ ନାଟକର ଉପକ୍ରମରେ ସେ ଲେଖିଛନ୍ତି ଯେ ଓଡିଶାରେ ବଙ୍ଗଳା ନାଟକର ମଞ୍ଚନରେ ବିରକ୍ତ ହୋଇ ତାଙ୍କ ମନ ବିଦ୍ରୋହ କରି ଉଠିବାରୁ ସେ ଓଡିଆ ନାଟକ ଲେଖିବାକୁ ମନସ୍ଥ କଲେ, ଯେଉଁଥିରେ ସେ ଓଡିଆ ମାନଙ୍କ ଐତିହ୍ୟକୁ ପ୍ରଦର୍ଶିତ କରିପାରିଲେ। ଗୋପୀନାଥ ନନ୍ଦଶର୍ମା ( ଭାଷାବିଦ୍, ଶବ୍ଦକୋଶ ସଂକଳକ, ସମୀକ୍ଷକ, ପ୍ରଥମ ଓଡିଆ ଅଭିଧାନ "ତତ୍ତ୍ୱବୋଧ ଅଭିଧାନ" ଓ ଓଡିଆ ଭାଷାତତ୍ତ୍ୱ ର ସଂକଳକ) , ଗୋପାଳ ଚନ୍ଦ୍ର ପ୍ରହରାଜ ( ବ୍ୟଙ୍ଗ ରଚନାକାର, ଭାଗବତ ଟୁଙ୍ଗୀରେ ସନ୍ଧ୍ୟା) , ସୁନ୍ଦର ରାଜଗୁରୁ ( ପ୍ରାବନ୍ଧିକ) , ବିଶ୍ୱନାଥ କର ( ଉତ୍କଳ ସାହିତ୍ୟ ର ସମ୍ପାଦକ ଓ ବିବିଧ- ପ୍ରବନ୍ଧ ର ରଚୟିତା) , ଶଶୀଭୂଷଣ ରାୟ ଏବଂ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଇତ୍ୟାଦି ଅନେକ ପରିଚତ ସାହିତ୍ୟିକ ଙ୍କ ଅଭ୍ୟୁଦୟ ଘଟିଲା।

ପଣ୍ଡିତ ଉତ୍କଳମଣିଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟ ସହ ସଂଶ୍ଳିଷ୍ଟ ପ୍ରସିଦ୍ଧ ପଞ୍ଚସଖା ମାନେ ଥିଲେ ଖୁବ୍ ବିଦ୍ୱାନ ଓ ରାଷ୍ଟ୍ରବାଦୀ ଚନ୍ତାଧାରା ସମ୍ପର୍ଣ୍ଣ। ସେହିମାନଙ୍କ ରଚନା ଗୁଡିକୁ ନେଇ ସତ୍ୟବାଦୀ ଯୁଗ ସମୃଦ୍ଧ ହୋଇଥିଲା। ସେମାନେ ରାଷ୍ଟ୍ରଚେତନାଧର୍ମି କବିତା, ନାଟକ, ପ୍ରବନ୍ଧ ଓ ଐତିହାସିକ ରଚନା ମାନ ସୃଷ୍ଟି କରିଥିଲେ। ସତ୍ୟବାଦୀ ଯୁଗ ପରେ ଆସିଥିଲା "ସବୁଜ ଯୁଗ" । ପ୍ରମଥ ଚୌଧୁରୀ ଙ୍କ ପତ୍ରିକା "ସବୁଜ ପତ୍ର" ରୁ ଏହି ଯୁଗର ନାମ ପ୍ରେରିତ।

ମାନସିଂହଙ୍କ ମତରେ ଏହି ଯୁଗର ସାହିତ୍ୟିକ ମାନଙ୍କ ରଚନାରେ କୌଣସି ଜାତୀୟତା ବା ସଂସ୍କୃତି ସମ୍ପର୍କିତ ଆଧାର ନଥିଲା । ସେମାନେ ପରୀକଥା, ମେଘ, ବାଦଲ ଓ ଆମ୍ବବଉଳ କୁ ନେଇ ସାଧାରଣ ଭାବରେ ଲେଖୁଥିଲେ। ଆନନ୍ଦ ଶଙ୍କର, ବୈକୁଣ୍ଠ ନାଥ, କାଳନ୍ଦୀ ଚରଣ ଇତ୍ୟାଦି ଏହି ଯୁଗର କଛି ପରିଚତ ନାମ ।

ଏହିସବୁ ପ୍ରସିଦ୍ଧ ନାମ ଗୁଡିକଙ୍କ ବ୍ୟତିତ ଆଉକଛି ଏମିତି ସାହିତ୍ୟିକ ଥିଲେ ଯେଉଁମାନେ କୌଣସି ନର୍ଦ୍ଦିଷ୍ଟ ଧାରାକୁ ଗ୍ରହଣ କରିନଥିଲେ। ସେମାନେ ନଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଗୋଦାବରୀଶ ମହାପାତ୍ର ଓ ରାଧାମୋହନ ଗଡନାୟକ ସେହିଭଳ ସ୍ୱତନ୍ତ୍ର ସାହିତ୍ୟିକ ଥିଲେ। ଗୋଦାବରୀଶ ମାସିକ ନଆଁଖୁଣ୍ଟା ପତ୍ରିକା ର ସଂପାଦନା କରୁଥିଲେ ଓ ଗଡନାୟକ ଜଣେ ଉଚ୍ଚକୋଟୀର କବି ଥିଲେ ଏବଂ କାଳଦାସଙ୍କ ମେଘଦୂତମ୍ କୁ ଅନୁବାଦ ମଧ କରିଥିଲେ। ତାଙ୍କ ପରେ ଭଗବତୀ ଚରଣ ପାଣିଗ୍ରାହୀ, ସଚ୍ଚି ରାଉତରାୟ, ଗୁରୁପ୍ରସାଦ ମହାନ୍ତି ଓ ଭାନୁଜି ରାଓ ଙ୍କ ଭଳ କବିମାନେ ଆସିଲେ। ସେମାନେ ଆଧୁନକ ତଥା ବାମପନ୍ଥୀ ଚନ୍ତଧାରା ରେ ପ୍ରଭାବିତ ଥିଲେ। ସେମାନଙ୍କ ମଧରୁ କେତେକ ପାଶ୍ଚାତ୍ୟ ସାହିତ୍ୟ ପ୍ରତି ଅଧିକ ଢଳଥିଲେ। ଖାସ୍ କରି **T.S.Eliot** ଓ **Ezra Pound** ଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ଗୁରୁପ୍ରସାଦ ମହାନ୍ତିଙ୍କ ଅଧିକାଂଶ ଲେଖା **T.S.Eliot** ଙ୍କ ଲେଖା ରୁ ଅନୁପ୍ରାଣିତ, ତଥାପି ସେଥିରେ ଓଡିଶାର ସ୍ୱାତନ୍ତ୍ର ଏବଂ ଓଡିଆ ଛାପ ଦେବାରେ ସେ ଖୁବ୍ ସଫଳ ହୋଇଛନ୍ତି। ତାଙ୍କ ରଚତ "କାଳ ପୁରୁଷ" ଏହାର ସର୍ବୋତ୍କୃଷ୍ଟ ଉଧାହରଣ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

**"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା** vedantimagazine@gmail.com and

editor.vedantimagazine@gmail.com

# ସାଗର କୂଳେ ଦିନେ



ଅନୁସୂୟା ମିଶ୍ର

ଭାବିପାରୁଛ.....
କେତେ କଷ୍ଟଦାୟକ ସେ ମୁହୂର୍ତ୍ତ ?
ମର୍ମଭେଦୀ ତୁମ ଆମନ୍ତ୍ରଣର ଛନ୍ଦ
ଆଉ, ସୀମାବଦ୍ଧ ମୁଁ
ପାଦଟେ ପରିସୀମା ଭିତରେ
ଅବାଧ ମୋ ଇଚ୍ଛାମାନଙ୍କ ସହିତ ।
କାହିଁକି ଏତେ ଅଶାନ୍ତ ତୁମେ ଆଜି ?
ଗଭୀର ତୁମ ମନତଳେ
କଏବା ସେ କରେ ଆନ୍ଦୋଳିତ ?
କାହିଁ ତୁମେ ଅସହାୟ, ଏତେ ଅସମର୍ଥ ?
ଟାଣିନଅ ସତ
ବୁକୁତଳେ ବାନ୍ଧି ରଖନ ତ !
ନିଷ୍ଠୁର ସେ ବେଳାଭୂମି
ରଖିଛି କି ସର୍ତ୍ତ ?
ଅଥବା, ଆଜିବି ନିରୁଦ୍ଦିଷ୍ଟ
'ମନଟିଏ' ତୁମ ନିଜସ୍ୱ ଏକାନ୍ତ ?

ଖୁବ୍ ମନହୁଏ ଆଜି
ଆଙ୍କିଦେବି
ଅନନ୍ତ ଏକ ଅନ୍ୱେଷାର ଅନ୍ତ,
ସଂଚରିଯିବି ତୁମ ବିଶାଳତାରେ
ଢାଳଦେବି ଆତ୍ମାଠୁ ଅସ୍ତିତ୍ୱ ,
ନା ତୁମଠାରେ ତୁମେ ଥିବ
ନା ମୋଠାରେ ତିଳେମାତ୍ର ମୁଁ
ହେ ସମୁଦ୍ର....
ଥରୁଟିଏ, ମୋତେ ନିଜର ତ କରିନଅ !

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର



# ଗଙ୍ଗା, ଯମୁନା



ଶଶଧର ମହାପାତ୍ର

ହେ! ଗଙ୍ଗା, ଯମୁନା?
ତୁମେ ଜାଣିଛନି?
ତୁମେ କେବଳ ନଦୀ ନୁହଁ
ତୁମେ ଆଜି ଭାରତବର୍ଷରେ
ମଣିଷ ଭିତରେ ଗଣା
ମାନବାଧିକାର ମାନ୍ୟତା
ଦେଇଛନ୍ତି କୋର୍ଟ
ଭାରତବର୍ଷରେ ଏହା
ପ୍ରଥମ ରିପୋର୍ଟ

ଯେହେତୁ ଆମରି ମାଆ
ତେଣୁ ତୁମେ ନିଶ୍ଚୟ ଜୀବନ୍ତ
କେଉଁକାଳୁ ଚିହ୍ନିଥିଲେ
ଆମ ଋଷି, ଆମ ସାଧୁ, ସନ୍ଥ
ଶିବଙ୍କ ଜଟାରୁ
ତୁମେ ଯେବେ ବହାରିଲ
ସେ ପରମପିତା ହେଲେ
ତୁମେ ମାତୃତୁଲ୍ୟ

ତୁମେ କୋଟି ଜନଙ୍କର
ଜୀବନର ଧାର୍
ବୁଡ ପକାଇଲେ ସବୁ
ପାପ ଧୁଏ ପର୍
ତୁମେ ମା ଆମପାଇଁ

ଶାନ୍ତ ଓ ଉଦାର
ଅତି କୋମଳ ତୁମେ
ଅତିବ ସୁନ୍ଦର
ସ୍ମୃତି ତୁମ ସଙ୍ଗେ ଥିଲ୍
ଅତ୍ୟନ୍ତ ନିଆର୍
ଅପବିତ୍ର କରିଦେଲୁ
ତୁମ ଦେହସାର୍

ହେ' ମାତା!
ଯୁଗଯୁଗ ଧରି
ବହୁଅଛ ବାନ୍ଧିଦେଇ
ମମତାର ଡୋରି
କିନ୍ତୁ, ଏ ହୀନମତି
ତୁମର ସନ୍ତାନ, ସନ୍ତତି
ନାତି, ଅଣନାତି
ତୁମ ହୃଦୟକୁ ନିତି
ଦିଅନ୍ତି ବିଦାରି
ସାର୍ଦେଶ ଆଜି
ଆଖି ମଳମଳ କାନ୍ଦେ
ତୋ ବକ୍ଷରେ ଢାଳିଦେଲେ
କିଏ ବିଷବୁନ୍ଦେ
କା ଆଖିରୁ ଟୋପେ ଲୁହ
ଆଜି ଗଡେନାହିଁ
ସବୁ ଦେଖି କେବେ ମୁହଁ
ଫିଟେଇଲ ନାହିଁ

ସଙ୍କଟାବସ୍ଥାରେ ଅଛି
ତୁମ ପରିବେଶ
ବେସରମ ଆମେ ସବୁ
କରିଛୁ କର୍ଷଣ
ଶ୍ୱାସରୁଦ୍ଧ ହୋଇ ତୁମେ
ମାରୁଛ ନିଃଶ୍ୱାସ
ନିଃସହାୟ ଅଟେ ତୁମ
ଆଶା, ଅଭିଳାଷ
ସାତଶ ବାଉନ ଇଣ୍ଡଷ୍ଟ୍ରୀଜ୍
ଛାଡେ ଆବର୍ଜ୍ଜନା
ସେଥିପାଇଁ ଲାଗିଅଛି
ଆଜି ଡନାଘନା
ପ୍ରଦୂଷଣ କରିଥିଲେ
ତାଙ୍କ ନଶ ମୋଡି
କାନୁନ ବ୍ୟବସ୍ଥା ହେଲେ
ତଳେ ଯିବେ ପଡି

ହେ' ମାତା!
ଛୋଟ ମୁହଁରେ ବଡ କଥା
ତୁମପାଇଁ ସରକାର
କରୁଛନ୍ତି ଚିନ୍ତା
ଦେଖି ତୁମର ଏ ହୀନସ୍ଥା
ଦେଉଅଛି ବେଦନା ଓ ବ୍ୟଥା
ଆମେ ତୁମ ପୁତ୍ର, କନ୍ୟା
ବର୍ଷ, ବର୍ଷ ଧରି
ହରାଇଛୁ ମଣିଷପଣିଆ
ସମୟ ଆସିଛି ମାତା
ନହୁଅ ଛାନିଆ
ଏବେ ନୁହେଁ କେବେ ନୁହେଁ
ହେବୁନାହିଁ ଆଉ ଅମାନିଆ

ହେ ମାତା! ଥୟଧର
ତୁମର ଏ ଦୁଃଖଦ କାହାଣୀ
କହି କହି, ଶୁଣି ଶୁଣି
ଆମେ ଥୋବର୍ ହେଲୁଣି
ତୁମପାଇଁ ଆସୁଅଛି
ସ୍ୱତନ୍ତ୍ର ପ୍ୟାକେଜ
ତୁଙ୍ଗ ନେତାମାନେ ଏବେ
ନେଇଛନ୍ତି ଗର୍ଜ
ପାଇବ ଦିନେ ନା ଦିନେ
ନୂତନ ଜୀବନ

ଆରମ୍ଭ ହେଲାଣି ଏବେ
ସଫେଇ ଅଭିଯାନ
ଭେଣ୍ଟିଲେଟରରୁ ଉଠି
ମାରିବ ନିଃଶ୍ୱାସ
ଦେଶବାସୀଙ୍କର ଅଛି
ଅତୁଟ ବିଶ୍ୱାସ

( ନିକଟରେ ଉତ୍ତରାଖଣ୍ଡ ହାଇକୋର୍ଟ ଗଙ୍ଗା, ଯମୁନା ନଦୀକୁ ମାନବାଧିକାର ମାନ୍ୟତା ପ୍ରଦାନ କରିଛନ୍ତି । ଏହା ଭାରତବର୍ଷର ଇତିହାସରେ ପ୍ରଥମ । ପୂର୍ବରୁ ସୁଇଜରଲ୍ୟାଣ୍ଡ ସରକାର "କୁଇ" ନଦୀକୁ ମାନବାଧିକାର ମାନ୍ୟତା ପ୍ରଦାନ କରିଥିଲେ ।)

ହିଡେନ୍ ଭଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ନଦୀ

ମୂଳହିନ୍ଦୀ – କଶନ ଲାଲ

ଅନୁବାଦ – ସୁଧାଂଶୁ ଦ୍ୱିବେଦୀ



ସୁଧାଂଶୁ ଦ୍ୱିବେଦୀ

କେବେ ଭାବିନଥିଲି ନଦୀଠୁ ମୋତେ ଏଭଳି ଭାବେ ଅଲଗା ହେବାକୁ ପଡିବ । ପରନ୍ତୁ ଏହା ସତ୍ୟ । ମୁଁ ନଦୀଠୁ ବହୁଦୂରକୁ ଗ୍ଲାଲିଯାଉଛି । ନଦୀଠାରୁ ଦୂରେଇଯିବା ମୋ ଜୀବନର ସବୁଠୁ କଠିନ ଓ ସବୁଠୁ ଦୁଃଖଦ ଫଇସଲା । ଏହା ମଧ୍ୟ ଜାଣିଥିଲି ନଦୀ ବିନା ମୁଁ ବେଶିଦିନ ବଞ୍ଚିପାରିବିନି । ଯେଉଁ ନଦୀ ବିନା ମୁଁ ଜିଇଁବାର କଳ୍ପନା କରିନଥିଲି । ହେଲେ ଆଜି ଜିଇଁବା ପାଇଁ ସେହି ନଦୀଠୁ ଦୂରେଇଯିବାକୁ ହେଉଛି ।

ଟ୍ରେନ୍ ଆସିବାକୁ ଆହୁରି ଘଣ୍ଟାଏ ବାକି । ରେଲୱେ ପ୍ଲାଟଫର୍ମର ଗୋଟିଏ ବେଞ୍ଚ ଉପରେ ବସି ଭାବୁଥିଲି ଟ୍ରେନର ଗତି କେତେ ହୋଇଥିବ? ଯେଉଁଥିରେ ବସି ମୁଁ ନଦୀଠାରୁ ଦୂରକୁ ଗ୍ଲାଲିଯିବି । ତା ର ଗତି ଯେତେ ହେଉଥାଉନା କାହିଁକି ମୋ ଭାବନାର ଗତିଠୁ ନିଶ୍ଚୟ କମ ହୋଇଥିବ । ମୋତେ ତାର ଗତି ଜାଣିବାରେ ବିଶେଷ କିଛି ରୁଚି ନଥିଲା । ତଥାପି ନଦୀଠୁ ଦୂରେଇ ଯାଉଥିବାରୁ ମୋ ପାଇଁ ଟ୍ରେନ୍ ଘଣ୍ଟାଏ ପରେ ଆସିପାରେ! ଦୁଇ ଘଣ୍ଟାପରେ ଆସିପାରେ! ଅବା ଦୁଇଦିନ ପରେ ଆସିପାରେ! କମ୍ବା ଆଦୌ ଆସିନପାରେ ।

ଏହା କେମିତି ସମ୍ଭବ ହେବ?

କାହିଁକି ନହେବ... ।

ଟ୍ରେନ୍ କୌଣସି ନଦୀର ପୋଲ ଉପରେ ଆସିବାବେଳେ ପୋଲଟି ଭୁଷୁଡି ପଡିବ । ତା ପରେ ନଦୀ ଭିତରେ ସମାହୀତ ହୋଇଯିବ । ଏହା ମଧ୍ୟ ହେଇପାରେ କେହି ରେଳ ଧାରଣାକୁ ବାହାର କରିଦେଇଥିବ । ଆଉ ଟ୍ରେନଟା ଭାରସାମ୍ୟ ହରେଇ ଗୋଟେ ବଗି ଉପରେ ଆଉ ଗୋଟେ ବଗି ଚଢିଯିବ । ପୁଣି ଏହାବି ହେଇପାରେ ଅଗ୍ନିକ ଟ୍ରେନ୍ ରେ ନିଆଁ ଲାଗିଯିବ ଓ ସବୁ ବଗି ଜଳିଯିବ ।

ହେଃ – ଏସବୁ ଅମଙ୍ଗଳ କଥା କଣ ପାଇଁ ମୁଁ ଭାବୁଛି? ନଦୀଠାରୁ ଦୂରକୁ ଯାଉଛି । ତା ମାନେ ନୁହେଁ ଆମ ଦୁହିଁଙ୍କ ବିଚ୍ଛେଦର ଦଣ୍ଡ ଅନ୍ୟମାନଙ୍କୁ ମିଳୁ! ଯେଉଁମାନେ ଆମ ଦୁହିଁଙ୍କୁ ଜାଣି ନାହାନ୍ତି ।

ମୁଁ ଏଭଳ ଭୟଙ୍କର ଟ୍ରେନ୍ ଦୁର୍ଘଟନାକୁ ଭୁଲିବାପାଇଁ ବେଞ୍ଚ୍ ରେ ଅପରପଟେ ବସିଗଲି । ଯେଉଁପଟରୁ ମୋ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଟ୍ରେନ୍ ଆସିବାର ନଥାଏ । ମୋ ପାଖାପାଖି ଆହୁରି ମଧ୍ୟ ଅନେକ ଯାତ୍ରୀ ବସିଥିଲେ । ନିକଟରେ ଆଉ ଗୋଟେ ବେଞ୍ଚ୍ ରେ ଜଣେ ମା' ତା ଶିଶୁକୁ କ୍ଷୀର ପିଆଉଥାଏ । ସେ ସମୟରେ ତାହା ସବୁଠୁ ମନୋରମ ଦୃଶ୍ୟ ଥିଲା । ମୁଁ ଆଖି ବନ୍ଦ କରି ବେଞ୍ଚ୍ ର ପଛ ବାଡା ରେ ମୁଣ୍ଡ ରଖି ଭାବିହେଲି । ମଣିଷ ହେଉ କ ପଶୁ, ଛେଳି ହେଉ କ ଶିଆଳ, ବାଘ ହେଉ କ କୁକୁର, ଯେବେ ସେମାନେ ନିଜ ଶିଶୁକୁ କ୍ଷୀର ପିଆନ୍ତି, ସେତେବେଳେ ସାରା ଦୁନିଆରେ ସବୁଠୁ ଆନନ୍ଦମୟ ଦୃଶ୍ୟ ଓ ପବିତ୍ର ସମୟ ହୋଇଥାଏ । ଓଠରେ ସ୍ମିତ ହସ ରଖି, ଅଧା ଆଖି ଖୋଲି ସେହି ମନୋରମ ଦୃଶ୍ୟକୁ ପୁଣିଥରେ ଦେଖିଲି । ଶିଶୁଟି କ୍ଷଣକ ପାଇଁ ସ୍ତନରୁ ମୁହଁ ବାହାର କଲା ଏବଂ ମୋତେ ଦେଖି ହସିଦେଲା । ତା ମା' କୁ ଆଭାସ ହେଲା ବୋଧେ । ହଠାତ୍ ସଂଜତ ସଂକୁଚତ ଭାବେ ଟିକେ ହସ ହସି ନିଜ ଅଞ୍ଚଳରେ ଶିଶୁକୁ ଢାଙ୍କିଦେଲା । ଅଳ୍ପ ଲଜ୍ଜା ଓ ଟିକେ ସ୍ମିତ ହସ ଭିତରେ ହଜାରେ ସେକେଣ୍ଡ୍ ର ମୁହୂର୍ତ୍ତ ପରି ଅଭିଭୂତ କରିଦେଲା ମୋତେ ।

ନଦୀକୂଳରେ ଆମ ଘର ଥିଲା । ଆମେ ମା' ପୁଅ ବ୍ୟତୀତ ଆମ୍ବ, ପିଜୁଳି, ଗୁଲାପଜାମୁନ୍, କନିଅର, ମନ୍ଦାର, ଗୁଣ୍ଡୁଚମୂଷା, ପିମ୍ପୁଡି ଏବଂ ଦୂବଘାସ ଆଦି ଘରର ଅନ୍ୟ ସଦସ୍ୟ ଥିଲେ । ନଦୀ ଆମଘରର ଏତେ ନିକଟରେ ଥିଲା ଯେ ମୋ ଭାବନାରେ ତାକୁ ସ୍ପର୍ଶ କରିବାର ଅନୁଭବ କରୁଥିଲି ।

ଋତୁ ଅନୁସାରେ ନଦୀ ଓ ଘରର ଦୂରତା କେବେ ବଢିଯାଏ ପୁଣି କେବେ କମିଯାଏ । ଏହି ବଢିଯିବା ଓ କମିଯିବା ବ୍ୟବଧାନ ପାଇଁ ମୁଖ୍ୟତଃ ବର୍ଷା ହିଁ ଦାୟୀ ଥିଲା ।

ନଦୀ ଆମ ଘରର ଅତି ନିକଟବର୍ତ୍ତୀ ହେଉଥିବାରୁ ମୋତେ ଖୁବ୍ ଭଲଲାଗେ । ପୁଣି କେବେ ଏଇ ଭଲଲାଗିବା ଭୟ ଭିତରେ ପରିଣତ ହୋଇଯାଏ । ନଦୀ ଯେବେବି ଆମ ଘରକୁ ଆସେ

ପ୍ରଥମେ ଅଗଣାରେ ଥିବା ଆମ୍ବଗଛର ଚରଣ ସ୍ପର୍ଶ କରେ । ଯେତେବେଳେ ସେ ଆସେ ଖେଳ, କୁଦି, ହସି ହସି ଆସିଯାଏ । ମା' କହେ ନଦୀଟା ପାଗଳ ହୋଇଗଲାଣି ।

ହଲୁଥିବା ପତ୍ର, ପିଜୁଳକୁ ଦାନ୍ତରେ କୁରୁଥିବା ଗୁଣ୍ଡୁଚମୂଷା, ଦୋହଲୁଥିବା ଫୁଲ, ଫୁଲ ଉପରେ ଘୁରିବୁଲିଥିବା ପ୍ରଜାପତି ଓ ପକ୍ଷୀମାନଙ୍କ ସହ କଥା ହେବାର ବୟସ ସେତେବେଳେ ମୋର ନଥିଲା ।

ସକାଳର ପ୍ରଥମ କରଣରେ ପିଠିକୁ ସେକୁଥିବା ହଳଦୀବସନ୍ତ ମାନଙ୍କୁ ମା' ବସିବା ପାଇଁ ଆସନ ଦେଇଦିଏ । ପିଜୁଳଗଛ ଡାଳରେ କୁଆଟିଏ ମାମୁଁଙ୍କ ଗାଁରୁ ଆଣିଥିବା ସନ୍ଦେଶ ନିଜ ଡେଣା ଝାଡି ଜଣେଇଦିଏ । ମୁଁ ପ୍ରାୟତଃ ଅନେକଥର ପଗ୍ଭରେ କୁଆ ସେଉଠୁ କାହିଁକି ସନ୍ଦେଶ ଆଣେନାହିଁ! ଯେଉଁଠିକୁ ମୋ ବାପା ଯାଇଛନ୍ତି । ଆଉ ଏ ପର୍ଯ୍ୟନ୍ତ ଫେରିନାହାନ୍ତି । ମା ଆଖିରେ ଲହଡି ଖେଳେ । ସେ କୁଆକୁ ଉପାୟଶୂନ୍ୟ ଦର୍ଶାଇ କହେ ତା ଡେଣାରେ ଏତେ ପବନ ଭରି ପାରେନା ଯାହାକି ମୋ ବାପାଙ୍କ ଠିକଣାରେ ପହଞ୍ଚିବାକୁ ତାକୁ ଖୁବ୍ ଭୟ ଲାଗେ ।

ତାପରେ ପ୍ରତି ଗ୍ଭତିରେ ନଦୀ ମା ର ଶୋଇବା ଘରେ ହବିଗ୍ଭଲି । ନଦୀର ଲହଡି ମା ର ଦୀର୍ଘଶ୍ୱାସରେ ଜାଣିହୁଏ । ଗ୍ଭତିସାଗ୍ଭ ମା ର ଦୁଃଖ ପିଜୁଳ ଗଛର ହଳଦିଆ ଶୁଖିଲା ପତ୍ରପରି ଝଡିପଡେ । ଯାହାକି ସକାଳେ ମୋ ହସର ସମୁଦ୍ର ଲହଡିରେ ଭସେଇଦିଏ ।

ବହୁତ ଗୁଡିଏ ଋତୁ ମଧ୍ୟରେ ଦୁଃଖର ଋତୁଟିଏ ଆସେ । ସେତେବେଳେ ନଦୀ ମା' ପରେ ପତଳା, ଦୁର୍ବଳ ହେଇଯାଏ । ମନେହୁଏ ସେ ଆମଠୁ ବହୁଦୂରକୁ ଗ୍ଭଲିଯାଇଛି । ତା ପାଖରେ ପହଞ୍ଚିବାକୁ କୋଟି କୋଟି ବାଲିର ଅଙ୍ଗାର ଉପରେ ଗ୍ଭଲିବାକୁ ହୁଏ । ତଥାପି ଅସଂଖ୍ୟ ଅଗ୍ନିରେଣୁ ତଳେ ନଦୀ ବହି ଗ୍ଭଲିଯାଏ ।

ମୁଁ ନଦୀ ତଟରେ ଗୋଟେ ଖେଳ ଖେଳିବା ଶିଖିଯାଇଥିଲି । ଛୋଟ ଛୋଟ କୁଆ ବନେଇବାର ଖେଳ । ଦିନେ ଦେଖିଲି ମୋ ଦ୍ୱାଗ୍ଭ ତିଆରି ହୋଇଥିବା କୂଅରୁ ଛେଳମାନେ ପାଣି ପିଉଛନ୍ତି । ତା ପରଠୁ ମୁଁ ଆହୁରି ଅଧିକ କୂଅ ତିଆରି କଲି । ସେହି ଦୂଆରୁ ଛେଳମାନେ ପିଣି ପିଇବା ମୋତେ ଖୁବ୍ ଆନନ୍ଦ ଦେଉଥିଲା । ତା ପରେ ନଦୀ ଛେଳମାନଙ୍କ ଭିତରେ ବି ବହିଗ୍ଭଲିଲା । ଦିନେ ମୁଁ ଖୁବ୍ ପରିଶ୍ରମ କରି ଗଡିଆଟେ ବନେଇଲି । କଛି କ୍ଷଣ ମଧ୍ୟରେ ନଦୀ ଗାଁ ଭିତରେ ବହିଯିବାରେ ଦେଖିଲି ।

ମୁଁ ଘଣ୍ଟା ଘଣ୍ଟା ନଦୀକୂଳରେ ଏକ ବଡ ପଥର ଉପରେ ବସିରହେ ଓ ମାଛଙ୍କ ପିଠିରେ ସୂର୍ଯ୍ୟ କରଣର ଚମକ ଦେଖେ । ଦିନେ ଆଣ୍ଠୁଏ ପାଣିକୁ ଯାଇ ଆଞ୍ଜୁଳାଏ ପାଣି ଭରୁଥାଏ, ସେତିକବେଳେ କଛି ଦୂରରେ ପରୀ ସଦୃଶ ପକ୍ଷୀମାନଙ୍କ ଦଳ ତଳକୁ ଓହ୍ଲେଇବା ଦେଖିପାରିଲି ।

ଘରେ ମା'କୁ ସବୁ ଜଣେଇଲି । ମା' ଉପଦେଶ ଦେଲା, ଗାଧୋଇଥିବା ପରୀମାନଙ୍କୁ ଦେଖନ୍ତିନ । ପାପ ଲାଗିବ ।

ମୁଁ ଡରିଗଲି, ପୁଣି ମା' ଅଭୟ ଦେଲା, ମୋ ବୟସ ଏତେ ହେଇନାହିଁ ଯହାକ ପାପ ଛୁଇଁବ । ସେ ସେହି ଗ୍ତିରେ ପରି ଓ ମସ୍ୟକନ୍ୟାଙ୍କ କାହାଣୀ ଶୁଣେଇଲା ।

ପାପ କଣ? ମୋତେ ଜଣା ନଥିଲା ।

କେମିତି ଲାଗେ? ତାହାବି ମୋତେ ମାଲୁମ୍ ନଥିଲା ।

ମା' ମଧ ମୋତେ ଠିକ୍ ଭାବେ ବୁଝେଇ ପାରିନଥିଲା, ଇଏବି ହେଇପାରେ ମା' ଠିକ୍ ଭାବେ ବୁଝେଇଥିବ, ହେଲେ ମୁଁ ଠିକ୍ ଭାବେ ବୁଝିପାରି ନଥିବି ।

ତା' ପରଦିନ ଭୋଗବେଳେ ନଦୀକୁ ଗଲି । ନଦୀ ଘାଟରେ ସବୁ ପିନ୍ଧାବସ୍ତ୍ର ବାହାରକଲି । ଏହା ଜାଣିବାପାଇଁ, ଯଦି ଅଜାଣତରେ ମୋତେ ପାପ ଲାଗିଥିବେ ତେବେ ତାହା ମୋ ଶରୀରରେ କୋଉଠି ରହିଛି?

ମନେ ପଡିଗଲା ଆଣ୍ଠୁଏ ପାଣିରେ ଠିଆ ହୋଇ ଜଳପରୀଙ୍କୁ ଦେଖିଥିଲି । ବୋଧହୁଏ ଗୋଇଠିରେ ପାପ ଲାଗିଥିବ । ଗୋଇଠିକୁ ବାଲିରେ ଖୁବ୍ ଜୋରରେ ଘସିଲି । ଗୋଇଠିରେ ଜମିଥିବା ମଳ ଛାଡିଗଲା, ହେଲେ ମୁଁ ସନ୍ତୁଷ୍ଟ ହେଇପାରିଲିନ ।

ଜଳପରୀଙ୍କୁ ଆଖିରେ ଦେଖିଥିଲି । କଏ ଜାଣେ ମୋ ଆଖିରେ ପାପ ଜମିଯାଇଥିବ? ମୁଁ ଅନେକ ସମୟ ଯାଏ ଆଖିକୁ ଧୋଇଲି ଓ ସେହି ଅଜ୍ଞାତ ପାପଠାରୁ ଦୂରେଇଯିବା ପାଇଁ ବାରମ୍ବାର ପ୍ରୟାସ କଲି ।

ମୁଁ ସେଦିନ ବହୁତ ଖୁସି ହେଇଗଲି । ଯେବେ ଆମକୁ ସ୍କୁଲରେ ନଦୀ ଉପରେ ରଚନା ଲେଖିବାକୁ କୁହାଗଲା । ମୋର ବିଶ୍ୱାସ ଥାଏ ନଦୀ ବିଷୟରେ ମୋଠୁ ସୁନ୍ଦର ରଚନା ଆଉ କେହି ଲେଖି ପାରିବେନ ।

ପରୀକ୍ଷା ପରେ ଜଣାଗଲା ନଦୀ ରଚନା ପାଇଁ ମୋତେ ଗୋଟେ ବି ନମ୍ବର ମିଳନ । ଶିକ୍ଷକ ମୋ ପ୍ରତି ଅସନ୍ତୁଷ୍ଟ ହେଲେ । ନଦୀ ଉପରେ ଯାହା ପଢେଇଥିଲେ, ସେଭଳ ମୁଁ ଆଦୌ ଲେଖିନଥିଲି । "ନଦୀ କେବେ ଶେଷ ହୁଏ ନାହିଁ ।" ଏଭଳ ଏକ ବାକ୍ୟ ଥିଲା ଯାହାକୁ ମୁଁ ବାରମ୍ବାର ଲେଖିଥିଲି । ଏଥିପାଇଁ ଶ୍ରେଣୀରେ ସଭିଁଏ ହସିଥିଲେ । ଶିକ୍ଷକ ମଧ୍ୟ ମୋ ହାତରେ ଛଡି ବର୍ଷା କରି କହିଥିଲେ, "ବାର୍ଷିକ ପରୀକ୍ଷାରେ ଏମିତି ଲେଖିଲେ ଫେଲ୍ କରିଦେବେ ।"

ମୋତେ ଫେଲ୍ ପାସ୍ ର ଚନ୍ତା ନଥିଲା, ମୁଁ ନଦୀକୁ ଯେମିତି ଜାଣିଥିଲି, ଯେମିତି ଅନୁଭବ କରିଥିଲି ସେହି ଅନୁରୂପ ଲେଖିଥିଲି । ଯାହାକ ସବୁ ପ୍ରଶ୍ନର ଉତ୍ତର କେବଳ ନଦୀହିଁ ଥିଲା । ସେଥିପାଇଁ ସ୍କୁଲରୁ ବିତାଡିତ ହେଲି ।

ମୋତେ ନଦୀ ସହିତ ରହିବାକୁ ବହୁତ ଭଲଲାଗେ । ନଦୀ ବାଲିକୁ ସାଧା କାଗଜ କରି ତା ଉପରେ ଆଙ୍ଗୁଳ କଲମ ଦ୍ୱାରା ମୋ ନାଁ ଲେଖୁଥିଲି । କଛି ସମୟ ପରେ ବାଲି କାଗଜ ଫାଟି ଯାଉଥିଲା ଏବଂ ମୋ ନାଁ ପାଣିରେ ମିଳେଇ ଯାଉଥିଲା ।

ଦିନେ ମୋ ନାଁ ପାଣିରେ ମିଳେଇ ଯାଉଥିବାର ଦେଖୁଥାଏ, ଠିକ୍ ସେତିକବେଳେ ସେ ଅଗ୍ୟନକ୍ ଆସି ମୋ ପଛରେ ଠିଆ ହୋଇଗଲା । ପୂର୍ବରୁ ମୁଁ ତାକୁ ଏଠି ତଥା ଆଉ କୋଉଠି କେବେବି ଦେଖିନଥିଲି । ଜଳପରୀ ଓ ମତ୍ସ୍ୟକନ୍ୟାଙ୍କ କଥା ମୋର ମନେ ପଡିଗଲା । ମୁଁ ତାକୁ ନବିଡଭାବେ ଦେଖି ଭାବୁଥାଏ ଇଏ ଜଳପରୀ ନା କୋଉ ମତ୍ସ୍ୟ କନ୍ୟା! ମାଂ କହିଥିଲା ପରୀମାନଙ୍କର ହାତ ବ୍ୟତୀତ ଅନେକ ଡେଣା ବି ଥାଏ । ମୋତେ ଡେଣା ଦେଖା ଯାଉନଥିଲା । ମତ୍ସ୍ୟକନ୍ୟାଙ୍କ ପରି ସେ ଅଧା ଝିଅ ଅଧା ମାଛ ବି ହେଇନଥିଲା । ମୋତେ ସେ କଛି ପଗ୍ଚରିଲା । ପରନ୍ତୁ ମୁଁ କଛି ବୁଝିପାରୁ ନଥାଏ । ଏତିକ ନଶ୍ଚିତ ଅନୁମାନ କଲି ସେ କୋଇଲି ଭଳ କୁହୁତାନ କରୁଥିଲା ।

ତା ପରଦିନ ସେ ପୁଣି ଆସିଲା । ଠିକ୍ ସେହି ସ୍ଥାନ, ସେହି ସମୟ, ଯେତେବେଳେ ମୁଁ ତାହାରି ବିଷୟରେ ଭାବି ହେଉଥାଏ । ତା'ର ଯିବା ପୁଣି ତା ପରଦିନ ଆସିବା ମଝିରେ ପୁରା ଗୋଟିଏ ଶତାବ୍ଦୀର ବ୍ୟବଧାନ ପରି ଲାଗୁଥିଲା । ଯାହାକ ମୁଁ ବଡ କଷ୍ଟରେ ଅତିବାହିତ କରିଥିଲି ।

ଏଥର ସେ ମୋ ସମ୍ମୁଖରେ ଥିଲା । ମୋ ନାଁ ଓ ଠିକଣା ପଗ୍ଚରୁଥିଲା ।

ମୁଁ ଗତକାଲି ପରି ବିହ୍ୱଳତ ନଥିଲି । କନ୍ତୁ ଏଥର ମଧ କଛି କହି ପାରିଲିନ ।

ଦିନେ ସେ ମୋତେ କହିଲା, ତା ବାପା ଗୋଟେ ବ୍ୟାଙ୍କ୍ ର ଅଫିସର ।

ମୁଁ କହିଲି "ତାହେଲେ ତ ତୁମେ ବହୁତ ଗୁଡିଏ ଟଙ୍କା ଦେଖିଥିବ? "

ସେ କହିଲା, ହଁ ।

ଘରେ ବି ଥିବ?

ଏଥର ମଧ ସେ ହଁ କହିଲା । କନ୍ତୁ ମୁଁ ଚୁପ୍ ହେଇଗଲି । ହୁଏତ ସରିଯାଉଥିବା ସମୟ କଛି ସମୟ ପାଇଁ ଅଟକ ଗଲା ଏବଂ ମୋ ମୁହଁରେ ଉଦାସ ଭାବର ପରଳ ଲଗେଇ ଆଗକୁ ବଢିଲା ।

ପୁଣି ସେ କହିଲା, "ଉଦାସ କାହିଁକ ହେଉଛ? ସେମିତି କଛି ମାନେ ନାହିଁ ଯାହା ପାଖରେ ବହୁତଗୁଡିଏ ଟଙ୍କା ଅଛି ସେ ସୁଖି ଓ ଖୁସିରେ ଅଛି! ତୁମକୁ ଜଣାଥିବ ଯାହାପାଖରେ ପାଣିଥାଏ ସେ ସବୁଠୁ ଅଧିକ ସୁଖରେ ଥାଏ ।"

ମୁଁ ବହୁତ ଖୁସି ହେଲି । କାରଣ ମୋ ପାଖରେ ନଦୀ ଅଛି । ତାପରେ ମୁଁ ତାକୁ କହିଲି "ତୁମର ଦୁଇଟି ଆଖି ନଦୀପରି ସ୍ୱଚ୍ଛ । ସେଥିରେ ବହୁତ ପାଣି ଅଛି ।"

ତା ଆଖି ଝଲସି ଉଠିଲା । ଓଠର ପାଖୁଡା ଖୋଲିଗଲା, ତା ଦାନ୍ତରେ ରୁପାପରି ଚମକୁଥିବା ମାଛର ପିଠିକୁ ଦେଖିପାରିଲି ମୁଁ ।

ଦିନେ ଶୋରିଷ କ୍ଷେତରେ ପବନ ନାଚ ନାଚ ଯାଉଥିବା ବେଳେ, ଆମ୍ବ ଗଛରୁ କୋଇଲିର ପଞ୍ଚମ ସ୍ୱର ଶୁଭୁଥିବାବେଳେ ମୁଁ ତାକୁ କହିଲି "ତୁମେ ନଦୀ, ମୋ ଭିତରେ ବହିଗ୍ଚଲିଛି ।"

ସେ ଲାଜେଇଗଲା । କିଛି ସମୟ ପରେ ତା ଓଠର ସ୍ପର୍ଶରେ ମୋ ନିଃଶ୍ୱାସ ଗରମ ହେଇଗଲା । ତା ଡାହାଣ ହାତର ପାପୁଲିକୁ ମୋ ବାମହାତ ପାପୁଲି ଭିତରେ ରଖିନେଲି । ସେ କହିଲା, "ଏବେ ମୋ ଆଖିରେ ଅନେକ ସ୍ୱପ୍ନ ଭାସୁଛି ।"

ମୁଁ ପଚାରିଲି "ତେବେ ସେ ସ୍ୱପ୍ନରେ କୌଣସି ରାଜକୁମାର ବି ଥାଇପାରେ? "

ସେ ପୁଣି କହିଲା, "ନା ମୋ ସ୍ୱପ୍ନରେ ସବୁବେଳେ ନଦୀରେ ନିଜ ନାଁ ଲେଖୁଥିବା ରାଜକୁମାର ଆସିଥାଏ ।"

"ଆଉ ତୁମ ସ୍ୱପ୍ନରେ? " ସେ ପଚାରିଲା ।

ମୁଁ କହିଲି "ମୋ ସ୍ୱପ୍ନରେ ନଦୀ ତରଙ୍ଗ ସୃଷ୍ଟି କରେ ।"

ସେଦିନ ପୁଣି ଏଭଳି ଆସିଲା । ଯାହାକି ମୋତେ କିଛି ଜଣା ନଥିଲା, ହେଲେ ସେ ସବୁ ଜାଣିଥିଲା ।

ଶେଷରେ ଆମ ଦୁହିଁଙ୍କୁ ତା ବାପାଙ୍କର ଅନ୍ୟ ସ୍ଥାନକୁ ବଦଳି ହେଇଯିବା ଅଲଗା କରିଦେଲା ।

ନଦୀ କାନ୍ଦୁଥିଲା । କାନ୍ଦୁ କାନ୍ଦୁ କହୁଥିଲା, "ଯଦି ସତରେ ମୁଁ ତୋର ନଦୀ ଓ ତୋ ଭିତରେ ବହୁଛି ତାହେଲେ ନିଜ ଭିତରେ ବହୁଥିବା ନଦୀକୁ କେବେ ଶୁଖିଯିବାକୁ ଦେବୁନି.... ।"

ଯୋଗ ଫର ଲାଇଫ୍, ବିସି- ୭୪, ସେକ୍ଟର- ୧,
ସଲ୍ଟ ଲେକ୍,କଲକତା - ୭୪

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ନାମହୀନ ନଦୀଟିଏ



ସୁଲୋଚନା ପଟ୍ଟନାୟକ

ନଦୀଟିଏ ଯାଏ ବହି
କୁଳୁ କୁଳୁ କଥା କହି
କେତେ ଗ୍ରାମ ଯାଏ ଛୁଇଁ
ପ୍ରିୟ ପାଶେ ଯିବା ପାଇଁ ।

ପାହାଡର ବୁକୁ ଚରି
ଆସଇ ସେ ଝରି ଝରି
ଅମାନଆ ମନ ତାର
ହସଇ ସେ କରି କରି ।

ପ୍ରିୟ ପାଶେ ଯିବ ସିଏ
ଏକା ମୁହାଁ ଧାଇଁ ଥାଏ
କେହି ବି ପାରେନା ରଖି
ଡରିଗଲେ ଯାଏ ସୁଖି ।

ସାଥି ତା ବରଷା ଆସେ
ଦେଖି ତାର ମନ ତୋଷେ
ବୁକୁ ତାର ଭରି ଯାଏ
ପଛ କଥା ଭୁଲିଯାଏ ।

ସୂର୍ଯ୍ୟ ଯେବେ ଡାକ ଦିଏ
ପାଶେ ତାର ଯାଏ ସିଏ
କିଛି ଦିନ ରହିଯାଏ
ବରଷା ଆସିବା ଯାଏ ।

ସମୁଦ୍ରେ ହେବ ମିଳନ
ସାର୍ଥକ ହେବ ଜୀବନ
ମନ ହେବ ପୁଲକତ
ଭୁଲିଯିବ ସେ ଅତୀତ ।

ସିଏ ନୁହେଁ ଗୋଦାବରୀ
ନୁହେଁ ସେ ସିନ୍ଧୁ କାବେରୀ
ନୁହେଁ ଅବା ବୈତରଣୀ
ଦୁଃଖ ଦାୟିନୀ ବ୍ରାହ୍ମଣୀ ।

ନଦୀଟିଏ ନାମହୀନ
ନାମେ ତାର ନାହିଁ ମନ
ସଦା ମନ ପୁଲକତ
ଅବାରିତ ଗାଏ ଗୀତ ।

ସିଏ ମୋର ଛୋଟ ନଈ
ବରଷା ହେଲେ ଆସଇ
ଗୁଣୁ ଗୁଣୁ ଗୀତ ଗାଇ
ସଭିଙ୍କ ମନ ତୋଷଇ ।

ଉପ- ସଭାପତି,
ଦି ଓଡିଶା ସୋସାଇଟି ଅଫ୍ ଆମେରିକାଜ୍
ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା



# ମହାଦେବଙ୍କ ମହାପ୍ରଳୟ

କାଳକଙ୍କର

ଜଟା ଫିଟିଲ୍ ରୁ ଗଂଗା ବୋହିଲ୍
ଆକାଶରୁ ପୃଥିବୀକୁ
ସେ ସେମିତି ବହି ଗ୍ଲିଥାଏ ଅନେକ କାଳ
ଯେତେବେଳେ ଇନ୍ଦ୍ରଙ୍କ ସହ ଶିବଙ୍କ ପ୍ରତିଯୋଗିତା ହେଲ୍
ସେତେକାଳ ଭିତରେ ଏ ପୃଥିବୀକୁ ଆସି ଯାଇଥିଲ୍ ପ୍ରଳୟ
ପବନର ପଳୟ, ଅଗ୍ନିର ପ୍ରଳୟ, ଜଳର ପ୍ରଳୟ ।।

ମହାଦେବ ଆଶୁତୋଷ ସେ ସନ୍ତୋଷ ହେଲେ ସବୁ ମିଳଯିବ
ଅସୁର ଡାକନ୍ତୁ କ ଦେବତା, ମଣିଷ କ ଅମଣିଷ
ସେ ତୃତୀୟ ନୟନ ଖୋଲିବା ଆଗରୁ ମାଗି ନଅ ଯାହା ଇଚ୍ଛା
ସେ ବୁଝିଲ୍ ବେଳକୁ ସବୁ ଆଡେ ପ୍ରଳୟ ହିଁ ପ୍ରଳୟ
ମହାଦେବଙ୍କ ଉପରେ ମହାପ୍ରଳୟ ।।

ଆଜି ସାମନ୍ତ ସାମାନ୍ୟ ମଣିଷ ମାନଙ୍କୁ କରୁଛନ୍ତି ନେହୁର୍
ଆସ ଥରେ ଅଧେ ଦରଶନ ଦିଅ ହେ ମହାମାନ୍ୟ
ଟଙ୍କା କଆ ଗ୍ଭଉଳ, ବାର୍ଦ୍ଧକ୍ୟ ଭତା ସବୁ ନ ଥିଲ୍ ବେଳେ
ମୋରି ହାତ ଟେକାରେ ଗ୍ଲୁଥିଲ୍ ତୁମର ନଆଁ ପାଣି ନତିଦିନ
ଆଜି ମୁଁ ଊର୍ଦ୍ଧ ବାହୁ ହୋଇ ନେହୁର୍ ହେଉଛି ହେ ଦୀନ ଜନାର୍ଦ୍ଦନ
ମୋତେ ଏ ଅକର୍ମଣ୍ୟତାର ମହାପ୍ରଳୟରୁ ପରିତ୍ରାଣ କର
ଉଦ୍ଧାର କର ।

ମୋର କଛି ଆଉ ବୁଝିବାର ନାହିଁ ଦକ୍ଷ କମ୍ବା ପ୍ରଜାପତି
ଉମା କ ପାର୍ବତୀ, କାଳୀ କମ୍ବା ସତୀ, ଦୁର୍ଗା ଭୈରବୀ
ମୋତେ କେବଳ ତୁମେ ହାତ ଠାରି ଥରେମାତ୍ର ସତ କଥା
ପ୍ରତ୍ୟୟର ଗାଥା ବୁଝାଇ ଦେଇ କୂଳ କନାର୍ ଲଗାଇଦିଅ
କାଶ୍ମୀର ଭାରତର ହେଉ, ନକ୍ସଲ ଆତଙ୍କ ବନ୍ଦ ହେଉ ।।

ପୃଥିବୀରେ ସମସ୍ତେ କହନ୍ତୁ ଯେ ଆମକୁ ପ୍ରେମ କରିବାର ଅଛି
ମହାଦେବଙ୍କୁ ଗଙ୍ଗାଙ୍କୁ ପୁଣି ମହାପ୍ରଳୟର ସଂକେତରେ
ବଂଚ ଉଠୁଥିବା ଅନେକ କାଳରୁ ସୁପ୍ତ ସାଗର ବଂଶଙ୍କୁ ।।

ସୌଭାଗିନୀ, ରଟିଲୋ, ରେଂଚ, ପୁରୀ

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ପଥହରା ପଥିକ- ୨
# ଲକ୍ଷପ୍ରାପ୍ତି



ଆଶା ସାହୁ

ନୀଳାଚଳ ଖଡଗପୁର ଧରିଲାଣି । ତାର ଆଖିରେ ଅସୁମାରି କଳ୍ପନାର ଅଜସ୍ର ସ୍ୱପ୍ନ । ଆଉ ଅଳ୍ପ ସମୟ ପରେ ସେ ଭଦ୍ରଖ ପହଞ୍ଚିଯିବ । ବାପା ଲକ୍ଷ୍ମୀଧର ଆଉ ତାର ସାର୍ ମାନେ ସମସ୍ତେ ଆସିଥିବେ । ମାନୀ କହୁଥିଲା ଗାଁ ସରପଞ୍ଚ ବିଧାନ ଅଜା ମଧ୍ୟ ଆସିବେ ତାକୁ ପାଛୋଟି ନେବାକୁ । ସେ ସୁନେଲି ରୂପେଲି ସପ୍ନ ରାଜ୍ୟରେ ଭାସୁଥିଲା । ଛାଇଛାଇକା ନିଦ ଲାଗିଗଲା ।

ଝଣଟଣାତ୍..... ।

ପୂତି ଗନ୍ଧମୟ ସେ କୋଠରୀର ଲୁହା ଶିକୁଳୀ ଖୋଲିଗଲା । ଜୋତା ଠକ୍ ଠକ୍ କରି ଜେଲର୍ ଆସି କହିଲେ,

“ଲଡକେ ଉଠ୍ । ତେରା ବେଲ୍ ହୋ ଗୟା ହୈ ।”

ଦୁଇ ଆଣ୍ଠୁ ସନ୍ଧିରେ ମୁଣ୍ଡ ରଖି ସେ ସେଇମିତି ବସି ରହିଲା । ଟିକେ ବି ହଲଚଲ୍ ନାହିଁ, ଯେମିତି ମୁର୍ଦ୍ଦାର । ତାକୁ କିଛି ଶୁଭୁନଥିଲା ।

ମସ୍ତିଷ୍କର କେଉଁ ଏକ ନିଭୃତ କୋଣରେ ନିଜକୁ ସେ ହଜାଇ ଦେଇଥିଲା । ଯେଉଁଠି ଆଉଟି ପାଉଟି ହେଉଥିଲେ କେତେକ ଅନୁତ୍ତରିତ ପ୍ରଶ୍ନ । ତା ସହ ଏପରି କାହିଁକି ଘଟିଲା? କେଉଁ ଅଶୁଭ ବେଳାରେ ସେ ଘରୁ ଗୋଡ କାଢିଥିଲା କେଜାଣି? ତାର ବାପା ବୋଉ ଏକଥା ଜାଣି କେଉଁ ଅବସ୍ଥାରେ ଥିବେ କେଜାଣି? ତାର ବାପା ବୋଉ ଏକଥା ଜାଣି କେଉଁ ଅବସ୍ଥାରେ ଥିବେ କେଜାଣି? କିନ୍ତୁ ତାର ଦୋଷ କଣ । ମନ ତାର ବିଦ୍ରୋହୀ ହୋଇଉଠେ, ସଭ୍ୟତା, ସଂସ୍କୃତି, ଆଧୁନିକତା, ଆଇନ୍ ସମସ୍ତଙ୍କ ପ୍ରତି ।

ସେ ଜାଣିବାକୁ ପାଇଛି ଯେ ସେ ଝିଅମାନଙ୍କ ଭିତରୁ ଜଣେ ମୁମୂର୍ଷୁ ଅବସ୍ଥାରେ ଡାକ୍ତରଖାନାରେ ପଡିଛି । ତାର କୋମଳ ମଫସଲିଆ ମନଟି ସେ ଝିଅଟି ପାଇଁ ଆକୁଳ ବ୍ୟାକୁଳ ହୋଇପଡିଲା । ତାକୁ ମାନୀ ମନେପଡିଲା । ସେ ଚିତ୍କାର କରି ଉଠିଲା, ମାନୀ....ମାନୀ..... ।

କ୍ୟୋଁ ଚିଲ୍ଲାତା ହୈ ବାଓ୍ୱଲେ, ଚଲ୍, ଉଠ୍ । ତେରା ବେଲ୍ ହୋ ଗୟା ହୈ ।”

"ହେଁ.....? "

ସେ ବୋକାଙ୍କ ପରି ଅନେଇ ରହିଲା । ତାକୁ ଜେଲର୍ ବାହୁରୁ ଧରି ଉଠାଇଲେ । ସେ ଏପଟ ସେପଟକୁ ଅନାଇଲା ।

ବେଲ୍? କଏ ତାର ବେଲ୍ ଦେଲା? ବାପା? ସେ ଯାଇ ତଳକୁ ମୁହଁ ପୋତି ଠିଆ ହେଲା । ଚକ୍ ଚକ୍ ପଲିସ୍ କରା ଯୋତା ଓ ଖାକ ପ୍ୟାଣ୍ଟ । ସେ ତେବେ କଏ?

"ହାଁ, ତୋ ଡି.ଏସ୍.ପି. ସ୍ୱାଇନ୍, ଜବ୍ ଭି ଜରୁରତ୍ ପଡେଗା ହମ୍ ଖୁଦ୍ ଜାକର୍ ଇସେ ଲେ ଆଏଁଗେ । ଆପକୋ ତକଲିଫ୍ ଉଠାନେ କ କୋଇ ଜରୁରତ୍ ନହିଁ ।

"ସ୍ୱାଇଁ" କୁ "ସ୍ୱାଇନ୍" ଉଚ୍ଚାରଣ ଶୁଣି ଏତେ ଆର୍ତ୍ତତା ଭିତରେ ବି ତାର ଓଠ କୋଣରୁ କଷ୍ଟୁପ୍ ଦୟନୀୟ ହସଟିଏ ଫୁଟି ଉଠିଲା ।

"ଗ୍ଲ ବାବା, ତୁମେ ମୋ ସାଥିରେ ଗ୍ଲ ।" ଚମକ ପଡିଲା ସୌମ୍ୟକାନ୍ତ । କାନରେ ଅବା ଅମୃତର ଧାରା ବରଷିଗଲା ।

କଏ? କଏ ଏମିତି ସମ୍ବୋଧନ କଲା । ବାପା ତ ନୁହଁନ୍ତି । ତେବେ କଏ ଏଇ ମହିୟାନ୍ ପୁରୁଷ? ସେ ଜାଣିବାରେ ଦିଲ୍ଲୀରେ ତାର ତ କେହିହେଲେ ଆତ୍ମୀୟ ନାହାନ୍ତି ।

"ଜା, ସୋମୁବେଟା, ଜାକର ଅପନା ସପନା ପୂରା କର ।"

ଆଉ ଗୋଟିଏ ଦରଦୀ ସ୍ୱର । ଏଇ ସ୍ୱରଟି ତାର ଅତି ପରିଚତ । ସେ ପ୍ରଥମଥର ପାଇଁ ମୁଣ୍ଡ ଟେକିଲା । ଗଢବାଲୀ ଆଣ୍ଟି?

ସେ ଉତକ୍ଷିପ୍ତ ପ୍ରାୟ ତାଙ୍କ ପାଖକୁ ଧାଇଁଗଲା । ଜାବୁଡି ଧରିଲା ତାଙ୍କୁ । ସେ ଭୁଲିଗଲା ଯେ ଏହା ପୋଲିସ୍ ଷ୍ଟେସନ୍ । ଆଉ ଯାହାକୁ ଜାବୁଡି ଧରିଛି ସେ ତାର ବୋଉ ନୁହେଁ। ସେ କଇଁ କଇଁ ହୋଇ ବହେ କାନ୍ଦିଗଲା ଛୋଟ ପିଲାଟିଏ ପରି ।

"ବୋଉ , ମୋର କଛି ଦୋଷ ନାହିଁ। ସେମାନେ ଯୋର ଜବରଦସ୍ତି ମୋତେ ନେଇଗଲେ ।"

ପିଠିରେ ତାର କୋମଳ ହାତର ମମତାମୟ ଅଭୟ ସ୍ପର୍ଶ ।

"ବସ୍ ବେଟା, ବସ୍ । ମୁଝେ ପତା ହୈ ତୁ ବିଲକୁଲ୍ ନର୍ଦୋଷ ହୈ । ହମଲୋଗ ତୁଝେ କୁଛ୍ ନହିଁ ହୋନେ ଦେଁଗେ ।"

ଅବସରପ୍ରାପ୍ତ ଡି.ଏସ୍.ପି. ସ୍ୱାଇଁ ତାର ହାତ ଧରି ତାକୁ ସାନ୍ତ୍ୱନା ଦେଲେ । ଗୁରୁ ଗମ୍ଭିର କଣ୍ଠରେ କହିଲେ- "ଆମେ ଜାଣୁ ସୌମ୍ୟକାନ୍ତ, ତୁମର ପିଜି ମାଲିକାଣି ଆମକୁ ସବୁ ବୃତ୍ତାନ୍ତ ଶୁଣେଇଛନ୍ତି । ତାଙ୍କରି ପାଇଁ ତୁମେ ଆଜି ଖଲାସ ହେଲ। ଚାଲ, ତୁମେ ଆଜିଠାରୁ ମୋ ପାଖରେ ରହିବ ।"

ଯନ୍ତ୍ରଚାଳତ ପରି ସେ ଗଡଓ୍ୱାଲି ଆଣ୍ଟିଙ୍କଠାରୁ ବିଦାୟ ନେଇ ଡି.ଏସ୍.ପିଙ୍କ ପଛେ ପଛେ ଚାଲିଲା । ତାର ଜୀଜ୍ଞାସୁ ମନରେ ଅନେକ ପ୍ରଶ୍ନବାଚୀ । ଡି.ଏସ୍.ପି. ସ୍ୱାଇଁଙ୍କର ଏ ଅହେତୁକ ଦୟାର କାରଣ କଣ। କଣ କେବଳ ଓଡିଆ ବୋଲି। ନଚେତ୍ ଦିଲ୍ଲୀରେ ଏଭଳ କେତେ ନିର୍ଦ୍ଦୋଷ ପିଲା ଜେଲ୍ ରେ ସଢୁଥିବେ ବଡ ବଡ ଘରର ଝିଅ ପୁଅଙ୍କ ଶୀକାର ହୋଇ ।

ସେ କିନ୍ତୁ ପଚାରିବାକୁ ସାହସ କରୁନଥିଲା । ପରିସ୍ଥିତି ପାଖରେ ସେ ନିଜକୁ ସମର୍ପି ଦେଇଥିଲା । ଚୁପ୍ ଚାପ୍ ଯାଇ ଗାଡିରେ ବସିଲା । ବାଟସାରା ସେ ମୁହଁପୋତି ବସିଥାଏ । ଡି.ଏସ୍.ପି. ମଧ୍ୟ କଛି କହୁନଥାନ୍ତି ।

ହଠାତ୍ ଘଣ୍ଟଘଣ୍ଟିର ସମବେତ୍ ପବିତ୍ର ଧ୍ୱନିରେ ତାର ଧ୍ୟାନ ଭଙ୍ଗହେଲା । ହୌଜ ଖାସ୍ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗାଡି ଅଟକିଛି । ତାର ହାତଧରି ତଳକୁ ଓହ୍ଲାଇଲେ ଡିଏସ୍.ପି ସ୍ୱାଇଁ। ତାକୁ କାନରେ ଆସ୍ତେ କହିଲେ, "ତୁମର ନିର୍ମଳ ମନକୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମର୍ପି ଦିଅ ବାବା। ସମ୍ଭବତଃ ତାଙ୍କରି ଅସୀମ କୃପାରୁ, ନିରେ୍ଳା ସଂଯୋଗରୁ ମୁଁ ପୋଲିସ୍ ଷ୍ଟେସନ୍ ଯାଇଥିଲି । ସେଠାରେ ତୁମ ପିଜି ମାଲିକାଣି "କାକୁତି ମିନତି" କରୁଥିଲେ, ତୁମ ପାଇଁ, ଗୋଟେ ପର ପିଲା ପାଇଁ। ମୁଁ ଜାଣିବାକୁ ପାଇଥିଲି ଯେ ତୁମେ ଓଡିଆ। ଏବେ ତୁମର ନୂଆ ଜୀବନ ପାଇଁ ଠାକୁରଙ୍କ ପାଖରେ କୃତଜ୍ଞତା ଜ୍ଞାପନ କର ।"

ସେ ମୁଣ୍ଡ ଟୁଙ୍ଗାରି ସବୁ ଶୁଣିଲା ପରେ ପାହାଚ ଚଢି ଠାକୁରଙ୍କ ସାମନାରେ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ପଡି ରହିଲା ବେଶ୍ କଛି ସମୟ ପର୍ଯ୍ୟନ୍ତ । ଆଖିରୁ ତାର ଲୁହର ସୁଅ ଛୁଟୁଥିଲା । ଏବେ କିନ୍ତୁ ହୃଦୟକୁ ତାର ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ପରିବର୍ତ୍ତେ ଆଉ ଜଣକର ବ୍ୟକ୍ତିତ୍ୱ ଅକ୍ତିୟାର କରି ସାରିଥିଲା । ସେ ଜୀବନ୍ତ ଠାକୁର ଯାହାଙ୍କୁ ସେ ନୟନ ପୂରାଇ ଦେଖି ସୁଦ୍ଧା ନାହିଁ।

ଧଡ କିନା ତା ମୁଣ୍ଡଟା ପିଟି ହୋଇଗଲା ଟ୍ରେନ ଝରକାର କାଚରେ । ଆଗକୁ ଝୁଙ୍କି ପଡିଲା । ଅପ୍ରସ୍ତୁତ ହୋଇ ଚାରିଆଡେ ଚାହିଁଲା । ସାମନାରେ ବସିଥିବା ବୃଦ୍ଧା ମହିଳା ଜଣକ ହସିଦେଲେ ଟିକେ । ସେ ସମ୍ଭ୍ରମରେ ଆଖି ତଳକୁ କଲା ।

କଣେଇ କଣେଇ ସେ ଗୃହୁଁଥିଲା ବଗି ଭିତରଟାକୁ । ଜୀବନରେ ମୋଟ ଦୁଇଥର ତ ସେ ଟ୍ରେନରେ ବସିଛି । ଯେବେ ଦିଲ୍ଲୀ ଆସିଥିଲା ବୋଲି ସ୍ୱପ୍ନ ଆଉ ସ୍ମୃତି ନେଇ ସ୍ଲିପର କ୍ଲାସରେ, ଆର୍.ଏ.ସି. ଟିକଟରେ । ଏବେ କନ୍ତୁ ଫେରୁଛି ଫାଷ୍ଟକ୍ଲାସ ଏ.ସି. କୋଚରେ ।

ତାର ଇଚ୍ଛା ନଥିଲା । ହେଲେ ସ୍ୱାଇଁ ମଉସା ତାକୁ କେମିତି ଏକ କାତର ଦୃଷ୍ଟିରେ ଗୃହିଁ ରହିଥିଲେ । ତାର ହାତରେ ଗୁଞ୍ଜି ଦେଇଥିଲେ ରିଜର୍ଭେସନ ଟିକଟଟା । ସେ ତାଙ୍କ ଆଗ୍ରହକୁ ଦେଖି ବାରଣ କରିପାରିନଥିଲା । ସ୍ୱାଇଁ ମଉସାଙ୍କ କୌଣସି ଆଗ୍ରହକୁ ମନା କରିପାରେ ନାହିଁ କ ଏଡେଇ ଯାଇପାରେ ନାହିଁ । କୌଣସି କଥାକୁ କାଟିପାରେ ନାହିଁ ।

ମାଉସୀଙ୍କର ଝରଝର ଝରୁଥିବା ଆଖି ଦୁଇଟି ସାଙ୍ଗକୁ ସ୍ୱାଇଁ ମଉସାଙ୍କର ସ୍ୱାଭିମାନୀ କନ୍ତୁ ସର୍ବହରା ଆଖି ଦୁଇଟି ମନେ ପଡିଲେ ତାର ହୃଦୟ ଭିତରଟାରେ କଣ କଣ ସବୁ ତରଳବାକୁ ଆରମ୍ଭ କରେ ।

କେଡେ ମହାନ୍ ମଣିଷ ଦୁଇଜଣ । ତା ଜୀବନରେ ପାଦ ଦେଇଥିଲେ ସତେ । ସେ ଦୁର୍ଦ୍ଦିନର କରାଳ ବିଭୀଷିକାମୟ ମୁହୂର୍ତ୍ତମାନଙ୍କୁ ଗଣିବାକୁ ବସିଲେ ସଂଖ୍ୟା ସିନା ସରିଯାଏ, କନ୍ତୁ ମୁହୂର୍ତ୍ତ ସରେନା ।

ମାଉସୀଙ୍କ ସହ ପ୍ରଥମ ସାକ୍ଷାତ ଡି.ଏସ୍.ପି. ସ୍ୱାଇଁଙ୍କ ଗ୍ରିନପାର୍କ ସ୍ଥିତ ସୁରମ୍ୟ ଅଟ୍ଟାଳକାରେ । ଧିର ମନ୍ଥର ଗତିରେ ଗାଡି ଅଟକେ ଅଟ୍ଟାଳକାର ପୋର୍ଟିକରେ । ଡୋର୍ ଖୋଲିଦିଅନ୍ତି ସ୍ୱୟଂ ଡି.ଏସ୍.ପି. ମହାଶୟ । ସ୍ଫଟିକ ନର୍ମିତ ସୁଚକ୍କଣ ଚଟାଣରେ ପାଦ ଥାପିବାକୁ ତାକୁ ସଂକୋଚ ଲାଗୁଥାଏ ।

"କଣ ହେଲା, ସେ ପିଲାର? ବେଲ୍ ମିଳଲା? "

ପ୍ରଶ୍ନକର୍ତ୍ତ୍ରୀଙ୍କର ତେଜସ୍ୱୀ ମୁଖମଣ୍ଡଳରେ ଆଖି ଦୁଇଟି ଲାଖି ରହିଯାଏ ସୌମ୍ୟକାନ୍ତର ।

କୋଣାର୍କର ଦେବଦାସୀ ମୂର୍ତ୍ତିଟିଏ ଅବା ଜୀବନ୍ତ ହୋଇ ଉଠିଛି । ସ୍ୱତଃ କଜ୍ଜ୍ୱଳତ ଟଣା ଟଣା ଆଖି ଦୁଇଟିରେ ନୀଳ ସାଗରର ଅସୀମ ଅମାପ ଗଭୀରତା । ବୟସର ଗାମ୍ଭିର୍ଯ୍ୟ ମୁଖକୁ କରି ତୋଳୁଥାଏ ଆହୁରି କମନୀୟ, ଆହୁରି ବାତ୍ସଲ୍ୟମୟ ।

ଡି.ଏସ୍.ପି. ସ୍ୱାଇଁ ଯାଇ ଭଦ୍ର ମହିଳା ବସିଥିବା ହ୍ୱିଲ୍ ଚେୟାରଟାକୁ ଭିତରକୁ ପେଲୁ ପେଲୁ କୁହନ୍ତି- "ହଁ, ହେଲା, ହେଲେ ଗୁଡାଏ ଧାରା ଲାଗିଯାଇଛି । ଦେଖିବା କଣ ହେଉଛି । ଆମର କେସ୍ ଷ୍ଟ୍ରଙ୍ଗ ହେବ ନଶ୍ଚୟ, କାରଣ ମୁଖାର୍ଜି ନଗରରେ ପ୍ରାୟ ସମସ୍ତେ ସୌମ୍ୟର ସପକ୍ଷରେ ।"

ସେ ନିଜ କାନକୁ ବିଶ୍ୱାସ କରିପାରୁ ନଥାଏ । ଦିଲ୍ଲୀରେ ଏମାନେ କିଏ, ଯିଏ ତାକୁ ଏତେ ନିଜର ଭଳି ବ୍ୟବହାର କରୁଛନ୍ତି । ଅତି ଆପଣାର ଭଳି ସମ୍ବୋଧନ କରୁଛନ୍ତି ।

ସ୍ୱତଃ ସେ ଧିରେ ଧିରେ ଯାଇ ଠିଆହୁଏ ସେ ନାରୀ ମୂର୍ତ୍ତି ସମ୍ମୁଖରେ । କିଛି କ୍ଷଣ ପରେ ସେ ନିଜକୁ ଆବିଷ୍କାର କରେ ସେ ନାରୀମୂର୍ତ୍ତିର ପାଦତଳେ । ତାଙ୍କର ସୁନ୍ଦର କିନ୍ତୁ ନିଷ୍କଳ ପାଦ ଦୁଇଟିରେ ତାର ମଥା ଓ ମଥାରେ ତାର ଆଶୀର୍ବାଦ ମୁଦ୍ରାରେ ଏକ ପ୍ରକମ୍ପିତ ହାତର ସ୍ପର୍ଶ ।

ସେହି ଦିନଠାରୁ ସେ ସେଠାରେ, ସେଠାକାର ଅଜଣା ସ୍ନେହ ମମତାର ବନ୍ଧନରେ ବାନ୍ଧି ହୋଇ ରହିଯାଇଥିଲା ।

କିନ୍ତୁ ସେ ବୁଝି ପାରୁନଥିଲା ଏ କାରୁଣ୍ୟତା, ଏ ବଦାନ୍ୟତା, ଏ ବାତ୍ସଲ୍ୟର କାରଣ କଣ । କିଛି ପଚାରିବାକୁ ତାର ବେବେକ ତାକୁ କଦାଚତ୍ ଅନୁମତି ଦେଇ ନାହିଁ । ଗୁପ୍ତେଟି ଆଖିରେ ପ୍ରହେଳିକା ଭିତରେ ସେ ନିଜର ପ୍ରଶ୍ନର ଖିଅକୁ ଧରିପାରେ ନାହିଁ । ସେ କେବଳ ସେମାନଙ୍କ ନୀରବତାକୁ ଶୁଣେ ଓ ତାଙ୍କର ସ୍ୱର୍ଗୀୟ ମମତ୍ୱକୁ ହୃଦୟଙ୍ଗମ କରେ ।

ସେମାନେ ତାକୁ ତାର କଟୁ ଅତୀତକୁ ଭୁଲିବାରେ ବହୁତ ସାହାଯ୍ୟ କରିଥିଲେ । ଆଗ୍ରହ କରିଥିଲେ ତାଙ୍କୁ ମଉସା- ମାଉସୀ ସମ୍ବୋଧନ କରିବାକୁ । ସେ ମଧ ମାନି ଯାଇଥିଲା । ସେ ଦୁହିଁଙ୍କର ସାମାନ୍ୟତମ ଇଶାରାକୁ ମଦ୍ୟ ସେ ହୃଦୟରୁ ସମ୍ମାନ ଦେଉଥିଲା । ତାଙ୍କର ସମସ୍ତ କଥାକୁ ସେ ଜଡବତ୍ ପାଳନ କରୁଥିଲା ।

ସେ ଆଶ୍ଚର୍ଯ୍ୟ ହେଉଥିଲା, ଏତେବଡ ଅଟ୍ଟାଳିକାରେ ପୁଝାରୀ ନରିଭାଇ ଓ ଡ୍ରାଇଭର ଦୁଃଖିଶ୍ୟାମ ଭାଇ ଛଡା ମାତ୍ର ଦୁଇଜଣ ମଣିଷ । ସେ ଭାବେ ତାଙ୍କର ପିଲାପିଲି କେଉଁଠି? କାହିଁ କେବେତ ସେ କାହାକୁ ଦେଖି ନାହିଁ କି କେବେହେଲେ ସେମାନଙ୍କୁ ପୁଅଝିଅ ବିଷୟରେ କଥା ହେବାର ମଦ୍ୟ ଶୁଣିନାହିଁ ।

ଏମିତିରେ ମଧ ଘରେ ଗୋଟିଏ ନିରବ ପବିତ୍ର ଆଶ୍ରମର ବାତାବରଣ । ମାଉସୀ ପ୍ରାୟ ସଦାବେଳେ ଠାକୁର ଘରେ ଆଉ ମଉସା ଫାଇଲ୍ ଭିତରେ ନ ହେଲେ ତୁଳସୀ ଦାସଙ୍କ "ରାମ ଚରିତ ମାନସ ଭିତରେ ।

ଫୋନର ବ୍ୟବହାର ଅତି ସୀମିତ । କେହି ବେଶି କଥା କୁହନ୍ତି ନାହିଁ । ଏପରିକି ନରିଭାଇ ଓ ଦୁଃଖିଶ୍ୟାମ ଭାଇ ମଧ ଯେପରି ଚୁପ୍ ରହିବାର ଏଗ୍ରିମେଣ୍ଟରେ ଦସ୍ତଖତ କରିଛନ୍ତି ।

ସୌମ୍ୟଭଳି ନିଜ ଭିତରେ ରହୁଥିବା ପିଲାକୁ ଚୁପ୍ ରହିବାରେ କୌଣସି ଅସୁବିଧା ହେଉ ନଥିଲା । ବୋଉ ଓ ବାପା ସହିତ ଖୁବ୍ ସଂକ୍ଷିପ୍ତ କଥା ହେଉଥିଲା । ସେମାନଙ୍କୁ ଏ ଦୁର୍ଘଟଣା

ସମ୍ପର୍କରେ ବିନ୍ଦୁ ବିସର୍ଗ କିଛି ଜଣା ନଥିଲା କି ସେ ମଧ୍ୟ ଜଣାଇ ନଥିଲା ସ୍ୱାଇଁ ମଉସାଙ୍କ ନିର୍ଦ୍ଦେଶ କ୍ରମେ ।

ତା ଛଡା, ଭଗବାନଙ୍କ ଅସୀମ ଅନୁକମ୍ପାରୁ ଓ ଏଠାରେ ସମସ୍ତଙ୍କର ସହଯୋଗରୁ କେସ୍ ଟି ସଲଭ୍ ହୋଇ ଯାଇଥିଲା । ସେ ଝିଅଟି ଭଲ ହୋଇ ତା ସପକ୍ଷରେ ସାକ୍ଷ୍ୟ ଦେଇଥିଲା । ସୌମ୍ୟ ତା ପ୍ରତି କୃତଜ୍ଞ ହୋଇ ପଡୁଥିଲା । ସେ ପାଠ ଭିତରେ ନିଜକୁ ସମ୍ପୂର୍ଣ୍ଣ ରୂପେ ହଜାଇ ଦେଇଥିଲା । ସେ ଯେ ଅପରିଚିତ ଏକ ପରିବାରରେ ରହୁଛି, ଏକଥା କେମିତି କେଜାଣି ତାର ମନରେ କେବେହେଲେ ଆସୁନଥିଲା ।

କେବେ କେବେ ସମୟ ବାହାର କରି ସେ ମାଉସୀଙ୍କର ନିର୍ଜିବ ପାଦ ଦୁଇଟିରେ ଔଷଧୀୟ ତୈଳ ମାଲିସ୍ କରୁଥିଲା । ମାଉସୀ କି ମଉସା କେହି ହେଲେ ତାକୁ ଏଥିରୁ ନିବୃତ୍ତ କରାଇବାକୁ ଚେଷ୍ଟା କରୁନଥିଲେ ବରଂ ବେଳେ ବେଳେ ସେ ଅନୁଭବ କରୁଥିଲା ଏଥିରେ ତାଙ୍କୁ ପରମ ସନ୍ତୁଷ୍ଟି ଲାଭ ହେଉଥିଲା, ଆଖିରୁ ତାଙ୍କର ଆନନ୍ଦାଶ୍ରୁ ଝରି ପଡୁଥିଲା ସୌମ୍ୟର ମଥାରେ ।

ସେହି ସଂକ୍ଷିପ୍ତ ସମୟ ସୀମା ଭିତରେ ସେ ଅନୁମାନ କରୁଥିଲା ମଉସା- ମାଉସୀଙ୍କର ଜୀବନରେ କିଛି ଗୋଟାଏ ରିକ୍ତତା ଅଛି । ସେମାନଙ୍କ ଆଖି କଣ ଗୋଟାଏ ହଜିଲା ଜିନିଷକୁ ଖୋଜୁଛି ।

ସେମାନେ ତାଙ୍କର ହୃଦୟର ତାଲାକୁ କେବେ ଖୋଲୁ ନଥିଲେ କି ସେ ମଧ୍ୟ ଖୋଲିବାକୁ ଚେଷ୍ଟା କରୁ ନଥିଲା । କିନ୍ତୁ ସେ ତାଲା ଆପେ ଆପେ ଖୋଲିଗଲା, ଯେଉଁଦିନ ତାର ଫାଇନାଲ୍ ଇଣ୍ଟରଭ୍ୟୁ ଥିଲା ।

ରାତିସାରା ଉତ୍କଣ୍ଠା ଓ ଇଣ୍ଟରଭ୍ୟୁର ଫଳାଫଳ ନେଇ ତାର ନିଦ ହେଉନଥିଲା । ବାରମ୍ବାର ବାପା- ବୋଉ, ଭାଇ- ଭଉଣୀ, ଲକ୍ଷ୍ମୀଧର, ତାର ସାରମାନେ ଓ ଏଇ ମଉସା- ମାଉସୀଙ୍କର ଛବି ଝଲସି ଉଠୁଥିଲା ତାର ଆଖି ଆଗରେ । ଇଣ୍ଟରଭ୍ୟୁରେ ଭଲ କଲେ ଯେ କେବଳ ସେ ସଫଳ ହେବ ତା ନୁହେଁ, ତା ସହ ଏମାନେ ସମସ୍ତେ ମଧ୍ୟ ସଫଳ ହେବେ ।

ସେ ଉଠି ଡାଇନିଂ ହଲ୍ କୁ ଆସିଲା । ମଉସା- ମାଉସୀଙ୍କର ରୁମରୁ ମାଉସୀଙ୍କର କାନ୍ଦିବାର ଚାପା ସ୍ୱର ଲହରୀ ତାର କାନରେ ପଡିଲା । ତା ସହ ମଉସାଙ୍କର ଆବେଗମୟ ଆଶ୍ୱାସନାଭରା କଣ୍ଠସ୍ୱର । ଡି.ଏସ୍.ପି. ଥିବାରୁ ମଉସାଙ୍କର ସ୍ୱର ଯେତେ ଧିରେ ହେଲେ ମଧ୍ୟ ସ୍ପଷ୍ଟ ବାରି ହେଉଥିଲା । ସେ କହୁଥିଲେ- "ଆଉ କେତେ କାନ୍ଦିବ କଲ୍ୟାଣୀ । ଦେଖ ଆମର "ସୌମ୍ୟ" ଫେରି ଆସିଛି ।"

ଚମକ ପଡି ସେ କାନ ଡେରିଲା – "ଆମର ସ୍ୱପ୍ନ ମଧ୍ୟ ସଫଳ ହେବ । ତୁମେ ଚାହିଁଥିଲ ନା ପୁଅ ଆମର ଆଇ.ଏ.ଏସ୍. ହେଉ । ଆଉ ଆଜି ଦେଖ, ଦୟାଳୁ ଭଗବାନ କେଉଁ ରୂପରେ ଆମର କର୍ମର ସୁଫଳ ଦେବାକୁ ଯାଉଛନ୍ତି ଆମକୁ । ଆମର "ସୌମ୍ୟ" ଅକାଳରେ ଆମକୁ ଶୋକସାଗରରେ ଭସାଇ ଦେଇ ଚାଲିଗଲା । ସେଥିପାଇଁ ମୁଁ କଦାପି ଠାକୁରଙ୍କ ଉପରେ ଦୋଷାରୋପଣ କରିନାହିଁ । ତାହା ନିଶ୍ଚିତ ଆମର ପ୍ରାରବ୍ଧ ଥିଲା । କିନ୍ତୁ ଆଉ ଗୋଟିଏ ସୌମ୍ୟ ଯେ ଅକସ୍ମାତ ଆମ ଜୀବନରେ ପାଦ ଦେଇ ଆମକୁ ଏତେ ସୁଖ ଦେଲା, ତାହା ମଧ୍ୟ ନିଶ୍ଚିତ ପୂର୍ବଜନ୍ମ ବା ଏ ଜନ୍ମର ପୁଣ୍ୟଫଳ ।"

ସୌମ୍ୟକାନ୍ତ ଯେମିତି ବରଫ ପାଲଟି ଯାଇ ସ୍ଥାଣୁ ହୋଇ ରହି ଯାଇଥିଲା । ମାଉସୀ ମଉସାଙ୍କର ପୁଣ୍ୟ ଫଳର ପ୍ରଭାବ ତା ଆଡକୁ ପ୍ରସାରିତ ହୋଇ ଆସୁଥିଲା । ସେ ନିଜକୁ ଇଣ୍ଟରଭ୍ୟୁ ପାଇଁ ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ କରି ସାରିଥିଲା । ଆତ୍ମ ବିଶ୍ୱାସ ଭରି ଯାଉଥିଲା । ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରି ମନାସୁଥିଲା, "ପ୍ରଭୁ, ଏମାନଙ୍କ ସ୍ୱପ୍ନ ସଫଳ ହେଉ ।"

ଦୂରରୁ ଜଗନ୍ନାଥ ମନ୍ଦିରରୁ ଘଣ୍ଟଧ୍ୱନି ଭାସି ଆସୁଥିଲା ପହଡଭଙ୍ଗାର ।

"ପୁଅ, ତୁମେ ପରା ଭଦ୍ରଖରେ ଓହ୍ଲାଇବ? " ଚଟ୍ କିନା ତାର ଆଖି ଖୋଲିଗଲା । ଟ୍ରେନ ପ୍ଲାଟଫର୍ମ ଧରିଲାଣି । ଏ.ସି. କୋଚର କାଚ ଭିତରୁ ବାହାରକୁ ଅନାଇଲା । କେତେ ଭୀଡ.....?

ଭୀଡ ଭିତରେ ଲକ୍ଷ୍ମୀଧର ତା କଲେଜର ଦୁଇଜଣ ପ୍ରଫେସରଙ୍କ ଛଡା ଗ୍ରାମ ସରପଞ୍ଚ ଓ ଅନ୍ୟାନ୍ୟ ସାଧାରଣ, ଅସାଧାରଣ ଲୋକେ ମଧ୍ୟ ଆସିଛନ୍ତି ତାଙ୍କ ଗାଁର "ଗୌରବ"କୁ ପାଛୋଟି ନେବାକୁ । କେତେଦିନର ପିପାସୁ ଦୃଷ୍ଟି ଯାଇ ନିବଦ୍ଧ ହେଲା । ଭୀଡ ଭିତରେ ଥିବା ବାପାଙ୍କର ଉଲ୍ଲସିତ ଆଖି ଦୁଇଟିରେ.....ଆଖିରୁ ତାର ଝରି ପଡୁଥିଲା ଅବାରିତ ସଞ୍ଚିତ ଲୁହଧାର..... ।

ନିଜର ଲଗେଜ ଧରି ସିଏ ମଧ୍ୟ ଧିରେ ଧିରେ ଚାଲୁଥିଲା । କୋଚର ଗେଟ୍ ପାଖକୁ ଟ୍ରେନର ମନ୍ଥର ହୋଇ ଆସୁଥିବା ଗତି ସହ ତାଳ ମିଳେଇ..... ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ତାତିରେ ଓଡିଶା



ବରୁଣ କୁମାର ଦାସ

ଅଛି ତାତିକୁ
ଜିଣିବାର ଶକ୍ତ ଛାତି
ବିନ୍ଦୁ ବିନ୍ଦୁ ଘର୍ମରେ
ଭିଜୁଥାଉ ପଛେ
ପଥୁର୍ ମାଟି ।



କମି ଯାଇନ
ଶୀତ୍ଳ ହାତ ଆଉ
ଦୁଇ ପାଦର ଗତି ।

ଏବେବି ଅଫୁରନ୍ତ
ସବକୁ ଡେଇଁ ଯିବାର
ପାରୁପଣ ଆଉ
ମନର ସଂଚତ ଶକ୍ତି ।

ଆସୁଥିଲେ ଆସୁଥାଉ
ଯେତେସବୁ ବିପତ୍ତି
ବାତ୍ୟା, ଭୂକଂପ ଅବା ତାତି
ସଂଗ୍ରାମର ନାମ ହିଁ ଜୀବନ
ଏଠି ବଂଚବାର ଏଇ ତ ରୀତି ।

ପାଲୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

# ଜୀବନର ମୋଡ



ଶାନ୍ତିଲତା ମିଶ୍ର

ଜୀବନର ସେଇ ଅଦେଖା ମୋଡ ଟା, ଏଇଠୁ ଯାଇଛି ବାଙ୍କି ।
ଦେଖା ହେବ ନାହିଁ ତୁମ ସଙ୍ଗେ ଆଉ, ରହି ଥିବା ଦିନ ବାକ ॥୧ ॥
ଦିଶିବନି ଆଉ ତୁମ ଛାଇ କେବେ, ଯେତେ ଗଲେ ବି ତ ତୁମ ପଛେ ।
ଡାକଲେ ଉତ୍ତର ମିଳବନି କେବେ, ନ ଶୁଭିବାର ଅଭିନୟେ ॥୨ ॥
ଚ଼ାଲୁଥିଲେ ଦୁହେଁ ସାଥୀ ହୋଇ ସିନା, ନାମ ମାତ୍ର ଏଇ ପଥେ ।
ଭୁଲ କ୍ରମେ ଯେବେ ମିଶୁଥିଲା ଆଖି, ବୁଲି ଯାଉଥିଲା ତତକ୍ଷଣେ ॥ ୩ ॥
ପୃଷ୍ଠା ପରେ ପୃଷ୍ଠା ପଢିଛେ ଅନେକ, କିଛି ବୁଝି ହୋଇ ନାହିଁ ।
ନା ଝୁରିବି ମୁଁ, ନା ଝୁରିବ ତୁମେ, ଏ ବିଚ୍ଛେଦ ଅଧ୍ୟାୟ ପାଇଁ ॥ ୪ ॥
ବାଧ୍ୟ ହୋଇ ଚ଼ାଲୁଥିଲେ ଦୁହେଁ, କିଛି ମୋଡ ନ ଆସିବା ଯାଏ ।
ଏବେ ଏ ମୋଡ ଟା ଦେଖା ଗଲା ପରେ, ବାଛି ନେବା ରାସ୍ତା ଦୁହେଁ ॥୫ ॥
ଭୁଲ୍ ବୁଝାମଣା କେତେ ଭୟଙ୍କର, ଆଜି ଜାଣି ଗଲେ ଆମେ ଦୁହେଁ ।
କିଛି କାମେରେ ନ ଲାଗି ପାରେ, ବହୁତ ଡେରି ଏ ଜ୍ଞାନ ଉଦୟେ ॥ ୬ ॥
ମୋ ଆକାଶେ ଆଜି ଯେତିକି ଅନ୍ଧାର, ତୁମର ବି ସେତିକି ଥିବ ।
ତାକୁ ଦୂର କରି ଆଲୋକ ଦେବାକୁ, ଚନ୍ଦ୍ରରେ ଗ୍ରହଣ ଥିବ ॥୭ ॥
ପରସ୍ପରେ କେବଳ ଦୋଷ ଦେଇ, କେତେ ଦୂର ଚ଼ାଲିଗଲେ ।
ଥରେ ହେଲେ କେବେ ଦେଖି ନାହେଁ, ଉଭୟଙ୍କୁ ପ୍ରଶଂସା ଦୃଷ୍ଟିରେ ॥ ୮ ॥
ସୀମା ହୀନ ଜିଦି ଭଉଁରୀ ଭିତରେ, ଘୁରି ଘୁରି ରାତି ଦିନ ।
ମୁଣ୍ଡ ବିନ୍ଧା ରୋଗେ ପିଡିତ ହୋଇବା, ହୋଇଛି କେବଳ ସାର ॥ ୯ ॥
ଗର୍ବର ପ୍ରାଚୀର ଉପରୁ ଲମ୍ଫ ଦେଇ, ଭାଙ୍ଗିଛେ କେବଳ ହାଡ ।
କଥା କହିବାର ଶକ୍ତି ଥାଇ ଆଜି, ପାଲଟି ଯାଇଛେ ଜଡ ॥ ୧୦ ॥
ଏବେ ଯଦି ପଥ ମୋଡିଗଲା, ବିପରିତ ଦିଗେ, ଦୁଇଟି ରାସ୍ତା ହୋଇ ।
ସେଥିପାଇଁ ଅନ୍ୟ କେହି ନୁହେଁ, ଆଜି ଆମେ ହିଁ କେବଳ ଦାୟୀ ॥ ୧୧ ॥
ସମସ୍ୟାର କିଛି ସମାଧାନ, ବାଛି ପାରିଲେନି ଆମେ ଯେଣୁ ।
କାହିଁ ଅନୁତାପ! ଯେଝା ପଥ, ଯେଝେ ବାଛି, ନିରବ ରହିବା ତେଣୁ ॥୧୨ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା



# ଛୋଟ କଥା,ବଡ ଶିକ୍ଷା

ଆଶୁତୋଷ ମେହେର

ସକାଳର ସୌମ୍ୟ ଆଶ୍ରମ ପରିବେଶରେ ଧ୍ୟାନମଗ୍ନ ଗୁରୁ ସୋମଦେବଙ୍କ ଆଗରେ ହାତ ଯୋଡି ଆସି ଠିଆ ହେଲେ ଶିଷ୍ୟ ନଶାନ୍ତ.. ମୁହଁରେ ଅନେକ ପ୍ରଶ୍ନବାଚୀ ।

ଆଖି ଖୋଲି ଗୁରୁଦେବ ଦେଖିଲେ ଶିଷ୍ୟ ନଶାନ୍ତ ଚନ୍ତିତ, କହିଲେ "ବତ୍ସ, ସକାଳୁ ସକାଳୁ ଏତେ ଚନ୍ତିତ କାହିଁକ ? '

"ଗୁରୁଦେବ, ଆପଣ ଗତକାଲି କହିଲେ ଆପଣଙ୍କ ପାଖରେ ଯେତେ ଶିକ୍ଷା ପାଇବାକଥା ମୁଁ ପାଇସାରିଲିଣି, ତେଣୁ ମୋର ଶିକ୍ଷା ସରିଲାଣି.. ଗୁରୁଦକ୍ଷିଣା ଆଦେଶ ହେଲେ ବ୍ୟବସ୍ଥା କରି କର୍ମକ୍ଷେତ୍ରରେ ଆଗେଇବି'

"ନା ବତ୍ସ, ଶିକ୍ଷାର ଶେଷ ବିଷୟ ରହିଛି ଯାହାକ ତୁମକୁ ମୋର ପ୍ରିୟ ଗୁରୁଦେବ ପରମାନନ୍ଦଙ୍କ ଆଶ୍ରମରେ ଏକ ସପ୍ତାହ ପାଇଁ ଗ୍ରହଣକରିବ ଓ ସେଥିରୁ ଯାହା ଶିକ୍ଷା ଲାଭ କରିବ ତାର ସାରମର୍ମ ହିଁ ମୋତେ ଜଣାଇବ ଓ ତାହା ହେବ ମୋର ତୁମ ଠାରୁ ଗୁରୁଦକ୍ଷିଣା। ଆଜି ତୁମେ ସେଠାକୁ ଗମନ କର। ମୁଁ ଗୁରୁଦେବଙ୍କୁ ପୂର୍ବରୁ ଜଣାଇସାରିଛି, ସବୁ ବ୍ୟବସ୍ଥା ତାଙ୍କ ଆଶ୍ରମରେ ହୋଇସାରିଛ' ।

* * * * * *

ଗୁରୁ ପରମାନନ୍ଦଙ୍କ ଆଶ୍ରମରେ ପହଞ୍ଚି ଦେଖିଲେ ଯେ ସେଠାରେ କିଛି ପାଠଶାଠ ପଢା ହେଉନ। ସକାଳୁ ଗୁରୁ ପରମାନନ୍ଦ ଉଠି ନିଜେ ହାତରେ ରନ୍ଧନ କରି ସୁସ୍ୱାଦୁ ଖାଦ୍ୟ ଆଶ୍ରମର ଅନ୍ତେବାସୀଙ୍କୁ ପରସୁଛନ୍ତି ଓ ବଡ ଆଦରରେ ଖୁଆଉଛନ୍ତି । ସକାଳେ ଓ ସଂଧ୍ୟା ସମୟରେ ସେଇ ଏକା କାମରେ ଗୁରୁଦେବ ବ୍ୟସ୍ତ ରହୁଛନ୍ତି ।ସମସ୍ତେ ଖାଇ ସାରିବା ପରେ ସମସ୍ତ ବାସନକୁସନ ଧୁଆଧୋଇ କରି ରାତ୍ରୀ ବିଶ୍ରାମ କରୁଛନ୍ତି। ପୁଣି ତା' ପର ଦିନ ସକାଳୁ

ଉଠି ପୂର୍ବରାତିରେ ଧୁଆ ହେଇଥିବା ବାସନକୁସନକୁ ଆଉ ଥରେ ଧୋଇ ରନ୍ଧନ କାମରେ ଲାଗିଯାଉଛନ୍ତି । ବାସ୍ ସେଇ ପୂର୍ବବତ୍ ଏକା କଥା । କଛି ଶିଖିବାକୁ ନ ପାଇ ଶିଷ୍ୟ ନଶାନ୍ତ ଗୁରୁ ପରମାନନ୍ଦଙ୍କ ଅନୁମତି ନେଇ ତିନ ଦିନ ପରେ ଫେରିଆସିଲେ ।

ସମୟ ପୂର୍ବରୁ ଫେରିଆସିବା ଦେଖି ଗୁରୁ ସୋମଦେବ ଶିଷ୍ୟ ନଶାନ୍ତଙ୍କୁ ପଚ୍ଚରିଲେ, "ବତ୍ସ, ଅଧା ସମୟରରୁ ଫେରି ଆସିଲ ଯେ ?' ନଶାନ୍ତ କହିଲେ," ଗୁରୁଦେବ ତ ସବୁ ଦିନ ସକାଳୁ ଉଠି ପୂର୍ବ ରାତ୍ରୀର ଧୁଆ ହୋଇଥିବା ବାସନକୁସନକୁ ସକାଳୁ ଆଉଥରେ ଧୁଆଧୋଇ କରି ରନ୍ଧନରେ ଲାଗୁଛନ୍ତି, ଆଉ ସେଇଟା ତାଙ୍କରି ପ୍ରତିଦିନଆ କାମ...'

"ଠିକ୍ ଭାବେ ନରୀକ୍ଷଣ କରିଛ ବତ୍ସ...ସେଇଥି ପାଇଁ ହିଁ ମୁଁ ତୁମକୁ ସେଠାକୁ ପଠାଇଥିଲି । ଦେଖ ଆମ ମନଟା ସେ ବାସନକୁସନ ପରି, ଆମେ ମନଟାକୁ ଯେତେ ସଫା ରହିଥିଲେ ମଧ୍ୟ ସମୟକ୍ରମେ ତା' ଦେହରେ ନାନା ମଇଳା ଯଥା ଗର୍ବ, ଅହଂକାର, ଗାରିମା, ବଡିମା ଇତ୍ୟାଦି ଜମା ହୋଇଯାଏ ଆଉ ଆମର ମନକୁ କଳୁଷିତ କରେ...ତେବେ ଆମର ଦାୟୀତ୍ୱ ହେଲା ସେ ମଇଳା ଗୁଡିକ ପ୍ରତିଦିନ ଧୋଇ ତ୍ୟାଗ କରି ନୂଆଁ ସଫା ମନରେ ନଜ କର୍ମରେ ଆଗେଇ ଯିବା । ସେଇଟା ହିଁ ସଫଳ ଜୀବନର ଧେୟ । ଏଥି ସହ ଶେଷ ହେଲା ତୁମର ଶିକ୍ଷା, ମୋର ଗୁରୁ ଦକ୍ଷିଣା ମଧ୍ୟ ମିଳସାରିଛି, ବ ତ୍ସ ଏବେ ଆଗେଇ ଯାଅ ନଜ କର୍ମକ୍ଷେତ୍ରକୁ....'

ଗୁରୁଙ୍କୁ ଭୂମିଷ୍ଠ ପ୍ରଣାମ କରି ନଶାନ୍ତ ଉଠିଲା ବେଳକୁ ଭାବୁ ଥିଲେ ଜୀବନର ଛୋଟ ଛୋଟ କର୍ମରେ ଭି ଭରିରହିଛି କେତେ ସୁନ୍ଦର ଗହିରୀଆ ଶିଖିବାର ଅସୁମାରୀ କଥା.....

ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

**ବେଦାନ୍ତୀର ହ୍ୱାସଟଆପ୍ ( Whatsapp) ନମ୍ବର ହେଲା- 9594993733**

**ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନଜ ନଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।**

# ଅଗ୍ନି



ବିନୟ ମହାପାତ୍ର

ହୁତ୍ ହୁତ୍ ଜଳୁଛି ଏଠି,
ଆତ୍ମା ରେ ଲାଗିଛି ଅଗ୍ନି,
ଲୈଲା ର, ମଜନୁ ର, ହୀର ର, ରାଞ୍ଝା ର
ଆଉ ଅଧା ଜଳା ମନେ ମୋର,
ହୃଦୟ ବି ଜଳୁଛି ଏଠି,
ବିରହ ର ଅଗ୍ନି ରେ ସଖୀ
ହେଲେ, ଏ ଅଗ୍ନି କେବଳ,
କାମ କାମନା ର ନୁହେଁ ।

ତଥାପି, କେମିତି କହି ଦେବି,
ତାହା ମିଛ କଥା ଟିଏ,
ମୁଁ କେବଳ ତୁମ ସଙ୍ଗ ଚାହେଁ,
ଆଲିଙ୍ଗନ ଚାହେଁ ନାହିଁ ବୋଲି,
ଦେହ ମୋ ଜଳୁନ ବୋଲି,
ତୁମରି ଅଙ୍ଗ, ସଙ୍ଗମ ପାଇଁ ।
ଅଗ୍ନି ତ ଜଳୁଛି ତାର
ଚରମ ପ୍ରଚଣ୍ଡତା ନେଇ,
ଏଠି ବି ଜଳୁଛି ନିଆଁ,
ସେଠି ତୁମ ହୃଦୟେ ବି,
ଦୁଇ ହୃଦେ ଦେଇ ସମଦଶା ।
ଝୁଲସି ଯାଉଛି ପ୍ରାଣ, ମନ ଉପବନ,
ପ୍ରତି ମୁହୂର୍ତ୍ତ ରେ, ବିରହ ଅଗ୍ନି ରେ
ତାର ଲେଲିହାନ ଶିଖାରେ ଶିଖାରେ ।

ଏବଂ, ତୁମରି ଜ୍ୱଳନ ର ଝାସ,
ଏ ଯାଏ ଆସୁଛି,
ମୋ ଦେହ କୁ ଛୁଉଁଛି, ହେଲେ
ତୁମର ସେ ପ୍ରଚଣ୍ଡ ପ୍ରଣୟ ଆବେଗ,
ମୋ ଦେହ ରେ, ମୋ ମନ ରେ,
ମୋ ହୃଦୟ ରେ ସ୍ପର୍ଶ ଦେଇ ଯାଏ,
ପୁଣି ଥରେ ମୋ ବିଦଗ୍ଧ ପ୍ରାଣ ରେ
ଆଶାର ଅଙ୍କୁରଣ କରି ଯାଏ,
ପଲ୍ଲବିତ କରି ଦିଏ ନବ କିଶଳୟେ,
ପ୍ରଣୟ ର ସଂଜିବନୀ ଉଷ୍ମତା ର
ମଧୁର ଉଷୁମ ସ୍ପର୍ଶ ରେ ।

ବିଷ କୁ ତ ବିଷ ହିଁ ନାଶ କରି ପାରେ,
ହେ ମୋର ପ୍ରିୟତମା,
ଜଳ ନାହିଁ ଆଉ ତୁମେ,
ଜଳାଅନା ମୋତେ ବି ଏଇଠି,
ଆସି ଯାଅ ପ୍ରିୟତମା ଥରେ,
ତୁମରି ଅଗ୍ନି କୁ ମୋ ଅଗ୍ନି ରେ
ସମ୍ମିଳିତ କରି ଯାଅ,
ପ୍ରଶମିତ କରି ଦିଅ,
ଏଇ ବିରହ ର ଦାବାନଳ,
ଏବଂ ପୁଣି ଥରେ,
ଜୀବନ ରେ ବସନ୍ତ କୁ ଆସିବାକୁ ଦିଅ ।

ପଟିଆ, ଭୁବନେଶ୍ୱର

# ପାରୁଷ୍ୟ



ଡଃ. ନୃସିଂହ ଚରଣ କର

ତୁମେ ସୀମାନ୍ତେ ସିନ୍ଦୁର ଭରିବିନ
ତାଜମହଲ ବି ତୋଳିବିନ
ସତ ମୁଁ କହୁଛି ମୋ ଆଖି ଆଗେ
ତମ ଶବ ଦେଖି ପାରିବିନ
ତୁମ ସୀମନ୍ତେ ସିନ୍ଦୁର ଭରିବିନ ।୧ ॥

ଏତେ ଭଲ ପାଇ ପାରିବିନ
କ ରକ୍ତେ ଦୟାନଦୀ ଭରିବିନ
ସତ ମୁଁ କହୁଛି ତମ ଆଖିଆଗେ
ସନ୍ୟାସ ନେଇ ବି ପାରିବିନ
ତୁମ ସୀମନ୍ତେ ସିନ୍ଦୁର ଭରିବିନ ॥ ୨ ॥

ଶିବଧନୁ କେବେ ଭାଂଗୀବିନ
ନଦୀ ତୀରେ ଛାଡି ପାରିବିନ
ସତ ମୁଁ କହୁଛି ମୋ ଆଖି ଆଗେ
ତମ ବିସର୍ଜନ ଦେଖି ପାରିବିନ
ତୁମ ସୀମନ୍ତେ ସିନ୍ଦୁର ଭରିବିନ ॥ ୩ ॥

ମୀନ ନେତ୍ରେ ଧନୁ ବିନ୍ଧିବିନ
ପଶାଖେଳ ବାଜି ସହିବିନ
ସତ ମୁଁ କହୁଛି ମୋ ଆଖି ଆଗେ ତମ ବିବସନା
ମଥାପତି ସହି ପାରିବିନ
ତୁମ ସୀମନ୍ତେ ସିନ୍ଦୁର ଭରିବିନ ॥ ୪ ॥

କାପୁରୁଷ ହୋଇ ପାରିବିନ
ଆତ୍ମହତ୍ୟା କେବେ କରିବିନ
ସତ ମୁଁ କହୁଛି ତମ ପ୍ରତିକୃତି ମୋ ହୃଦୟର
ତାକୁ କେବେ ମାରି ପାରିବିନ
ତୁମ ସୀମନ୍ତେ ସିନ୍ଦୁର ଭରିବିନ ॥ ୫ ॥

ରାଷ୍ଟ୍ରୀୟ ପାଣ୍ଡୁଲିପି ମିଶନ, ସଂସ୍କୃତି ମନ୍ତ୍ରାଳୟ,
ଭାରତ ସରକାର, ନୂଆ ଦିଲ୍ଲୀ

# ଗୁଜବ



ଡ. ବିଜ୍ଞାନୀ ଦାସ

ସ୍କୁଲ୍‌ରୁ ଫେରିବାପରେ ଆଉ ପଢ଼ା ବିଷୟରେ ଚନ୍ତା କରିବାକୁ ସମୟ ନଥିଲା ରବି ପାଖରେ । ମଧ୍ୟାହ୍ନ ଭୋଜନ ପରେ ସମସ୍ତେ ମାମୁଁଙ୍କ ଝିଅ ବାହାଘର ବିଷୟକୁ ନେଇ ବ୍ୟସ୍ତ ରହିଲେ । ଝିଅକୁ କଣ ଦିଆଯିବ, ଜୁଆଇଁକୁ କଣ ଦିଆଯିବ, ଆଉ କଣକଣ ସବୁ କରିବାକୁ ପଡିବ, ସେସବୁ ବିଷୟ ନେଇ ବୋଉ ଓ ଭାଉଜ ମଜ୍ଜିରହିଲେ । ଘର ତରଫରୁ ଝିଅପାଇଁ ଗୋଟିଏ ଡାଇମଣ୍ଡ ହାର ଓ କାନଫୁଲ ସେଟ୍ ସହିତ ଶାଢୀ, ସାୟା, ବ୍ଲାଉଜ୍ ଦେବାର ବ୍ୟବସ୍ଥା ହୋଇଥିଲା । ଜୁଆଇଁକୁ ବନ୍ଦାଣରେ ବୋଉର ଗୋଟିଏ ଚେନ୍ ଦେବାର ଥିଲା ଓ ଭାଉଜଙ୍କର ମୁଦି । ତା' ବ୍ୟତୀତ ଆମ ଘର ତରଫରୁ ଏକଲକ୍ଷ ଟଙ୍କା ଦେବାର ଥିଲା । ଏକଲକ୍ଷ ଟଙ୍କା ଦିନେ ସ୍ୱପ୍ନ ଥିଲା । ହେଲେ ଆଜିକାଲି, ସେସବୁ ସାଧାରଣ ହୋଇଗଲାଣି । ସବୁଠୁ ମଜାର କଥା ହେଲା ଯେ, ବୋଉ ଓ ଭାଉଜ ସେସବୁ ସମସ୍ତଙ୍କୁ ଆଣି ଦେଖାଉଥାଆନ୍ତି ଓ ସମସ୍ତଙ୍କ ମତାମତ ନେଉଥାଆନ୍ତି । ଗାଁର ସମସ୍ତେ ଆସି ପଚାରିଯାଉଥାଆନ୍ତି ଓ ସମସ୍ତଙ୍କୁ ଗହଣା ଦେଖା ଚାଲିଥାଏ ।

ଏଇ ସମୟରେ ବଡବୋଉ ଆସିଲା । ସିଏ ତା' ଝିଅ ପାଖକୁ କଲିକତା ଯାଇଥିଲା । ଆଜି ସକାଳେ ଫେରିଥାଏ । ସିଏ ହେଲା ସେ ଗାଁର ଖବର ସଂଗ୍ରହକ । ଏମିତି ଲୋକଙ୍କୁ ପଚାରି କଥା ଆଦାୟ କରିଦେବ ଯେ, ତା' କବଳରେ ଥରେ ପଡିଲେ ଉଦ୍ଧାର ପାଇବା ବଡ କଷ୍ଟକର । ସିଏ ଆସି ବୋଉକୁ ପଚାରିଲା, "କଣଲୋ ମାଳ, ଝିଆରୀକୁ କଣସବୁ ଦେଉଛ?" ସେତେବେଳେ ବୋଉ ଭାଉଜଙ୍କୁ ଠାର ମାରିଦେଲା ଓ ଭାଉଜ ସବୁ ସେଟ୍ ଆଣି ଦେଖେଇଦେଲେ । ସେଇଠୁ ବଡବୋଉ କହିଲା, "ହଁ ମ, ଦେଇଥିଲେ ପାଇ । ତମର କୋଉ ଅଭାବ ଅଛିକ । ଆମ ଜୁଲି ବାହାଘରକୁ ସିଏ ପୁଣି ଫେରିଆସିବ ।"

ବୋଉ ଭାରି ବଡପଣ ଦେଖେଇ କହିଲା, "ହଁ ଅପା, ଗୋଟିଏ ବୋଲି ତ ଝିଆରୀ, ଆଉ ତାକୁ ଟିକେ ଦେଖିଚାହିଁ ବେଭାର ନଦେଲେ କଣ କଥାଟା ସୁନ୍ଦର ହେବ ? ସେଥିପାଇଁ ବୋହୂକୁ କହିଥିଲି ସିଏ ଏଇ ଡାଇମଣ୍ଡ ସେଟ୍‌ଟା ଖେମଜୀରୁ ଆଣିଛି ।"

ବଡବୋଉ ପଗ୍ଚରିଲା, "ହେଲେ ମାଳ, ମୁଁ ଗୋଟିଏ କଥା ଶୁଣିଲି ଯେ, ଭଲ ଲାଗିଲାନ । ଆଚ୍ଛା ସତରେ କଣ ରବି ଆମର ସେ ଆମେରିକାରେ କରସ୍ତାନ ଝିଅକୁ ବାହାହବ ବୋଲି ଠିକ୍ କରିଛି ? କଥାଟା ଜମା ଭଲନୁହେଁ । ଯାହାହେଲେ ବି ଆମର କରଣ ବଂଶ । ବାପା, ଜେଜେବାପାଙ୍କର କେତେ ନାଁ, ପିଲାଟା ଏମିତି କେମିତି କଲା ?"

ରବି ଦାଣ୍ଡଘରେ ବସିଥାଏ । ସବୁକଥା ତାକୁ ଶୁଭୁଥାଏ । ପ୍ରଥମେ ତ ସିଏ ଏ ଦବାନବାର ବ୍ୟବସାୟ ଦେଖି ମନେମନେ ରଗିଥିଲା । ପୁଣି ବଡବୋଉର ଏ ମନ୍ତବ୍ୟ ଶୁଣି ତା' ରକ୍ତ ଆହୁରି ଗରମ ହୋଇଉଠିଲା । ବୋଉର ଜବାବ ଶୁଭୁଥିଲା, "ସେଇଟା ଉଡା ଖବର ମ' ଅପା। ତାକୁ ଆମେ "ବାହା ହୋ, ବାହା ହୋ' କହି ବିରକ୍ତ କରିଦେବାରୁ ସିଏ ସେମିତି ଆମକୁ ରଗେଇବାକୁ କହିଲା । ତମେ ଜାଣିନ ନା' ଆମ ରବିକୁ । କେଡେ କ୍ଷଣକୋପୀଟା । ନୂଆ ଗ୍ଚକରି କରିଚ ତ, ସେଥିପାଇଁ ଏବେ ବାହାହେବାକୁ ରାଜିହେଉନ ।"

ହେଲେ ବୋଉର ଏମିତି କଥା ରବିକୁ ଯେତେ ଆଶ୍ଚର୍ଯ୍ୟ ଲାଗିଲା ତାଠାରୁ ବଡ ଆଶ୍ଚର୍ଯ୍ୟ ଲାଗିଲା ଯେ ବୋଉ ରବିର ମନକଥା କେମିତି ସତସତ ବୁଝିଗଲା । ବଡବୋଉ କନ୍ତ ଛାଡିବାର ଜନ୍ତ ନୁହେଁ । ସିଏ ଯେମିତି ହେଲେ କଥାଟା ଆଦାୟ କରିବ । ତେଣୁ ପଗ୍ଚରିଲା, "କାହିଁକି ମତେ ଲୁଗ୍ଚଉଚୁ କ ମାଳ । ସେ ଦେଶକୁ ଯିଏ ଯାଉଚନ୍ତି ସେମିତି ପର୍ ହୋଉଚ । ଆମ ମନର ଦିଅରଟା ପା' ସେଇଆ କଲା । ତା ଶ୍ୱଶୁର କହିଲେ, "ସେମିତି କରିଲେ, ତୁ ଆଉ ଆମ ଘରପିଣ୍ଡା ମାଡିବୁନ"; ଆଉ ସତକୁ ସତ ଦଶବର୍ଷ ହେଲାଣି, ସେ ପିଲାଟା ଗାଁକୁ ଆସିନ । ତୁ ଟିକେ ରବିକୁ ଭଲରେ ପଗ୍ଚରି ବୁଝୁ ଆଉ ପିଲାଟାକୁ ବୁଝା ।"

ବୋଉ, ବଡବୋଉ ଆଉ କଣ କୁହାକୁହି ହୋଇଥାଆନ୍ତେ, ହେଲେ ବାପା ପହଞ୍ଚି ବୋଉ ଉପରେ ପାଟି କଲେ, "କଣ ଏପର୍ଯ୍ୟନ୍ତ ବସିକ ଖାଲି ଗପ କରୁଛ ? ଆରେ ଆମେ ସିନା କାଲି ଯିବୁ, ହେଲେ ତମକୁ ଆଜି ନବାପାଇଁ ତମ ପୁତୁରା ଏଇ ଘଣ୍ଟାକ ଭିତରେ ପହଞ୍ଚିଯିବ । ତମେ ତମର ଯାହା ନବାକଥା, ସବୁ ସଜାଡ । ଯାଅ ।"

"ହେ ଭଗବାନ, କାହାର କଣ ଆଉ କଛି କଥାନାହିଁ । ବଡବୋଉ ଆଜି ସକାଳେ ଆସି ଏ ଖବର ପାଇଗଲାଣି ?" ରବିର ମନେହେଲା ଯେମିତି ତା' ବିଷୟଟି ବର୍ତ୍ତମାନ ଗାଁ ପାଇଁ ଗୋଟିଏ ମସଲାଦାର ଖବର ହୋଇଛି ଆଉ ସମସ୍ତେ ତାରି ବିଷୟରେ ଆଲୋଚନା କରୁଛନ୍ତି । ଏତେ ଛୋଟକଥାଟା ଏତେ ବଡ ଆକାର ନେବ ବୋଲି ତାର ବିଶ୍ୱାସ ହେଉନଥିଲା । ତାପରେ

ବାହାହେବାଟା ତାର ବ୍ୟକ୍ତିଗତ ମାମଲା । ସେଥିରେ ଏ ସାରା ଗାଁ ଲୋକଙ୍କର ଏତେଟା ଆଗ୍ରହ ନେବା କଣ ଭଲକଥା ? ଏବେ ତାକୁ ମାମୁଁଘରକୁ ଯିବାକୁ ବି କୁଣ୍ଠା ଲାଗିଲା । ଏମିତି ଲାଗିଲା କ ଯେମିତି ମାମୁଁଘର ଗାଁରେ ବି ଏ ବିଷୟ ପ୍ରଘଟ ହୋଇଥିବ ଓ ସିଏ ସମସ୍ତଙ୍କ ପାଖରେ ଜୋକରଟିଏ ଭଳ ଚର୍ଚ୍ଚାର ବିଷୟ ସାଜିଥିବ । ହେଲେ ସିଏ ଆମେରିକାରୁ ସେଇଥିପାଇଁ ଆସିଛି, ଆଉ ଯିବନ କେମିତି ?

ଗାଁ ଲୋକମାନଙ୍କର ଏ ଯେଉଁ ଗୁଜବ ପ୍ରଚାର କରିବାର ନିଶା, ତାର କୌଣସି ମନସ୍ତାତ୍ତ୍ୱିକ କାରଣ ରବି ଖୋଜି ପାଇପାରୁନଥିଲା । ବିଶେଷତଃ ସ୍ତ୍ରୀ ଲୋକମାନଙ୍କର ସେ ନିଶା ଅଧିକ । ହୁଏତ କାମର ଅଭାବ ସେ କାରଣ ହୋଇପାରେ । ତେବେ ସେମାନେ ତ ବହୁତ କାମକରନ୍ତି । ରନ୍ଧାବଢା, ଝାଡୁପୋଛା, ଦବାନବା, କୁଣିଆମଇଚ୍ଛ, କେତେକେତେ କାମ । ତାମାନେ କଣ ଗୁଜବ ପ୍ରଚାର କରି ସେମାନେ କାମକରୁଥିବାର କଷ୍ଟ ମୋଚନ କରନ୍ତି ? ହୁଏତ ଗୁଜବ ପ୍ରଚାର ଏକ ଆନନ୍ଦଦାୟକ ଅନୁଭୂତି ଯାହାଦ୍ୱାରା ନିଜର ଦୁଃଖ, ଅଭାବ ଅସୁବିଧା ଓ କଷ୍ଟରୁ ମୁକ୍ତିପାଇବାର ମାଧ୍ୟମ ମିଳଯାଏ । ରବିର ଇଚ୍ଛା ହେଉଥିଲା, ସେ ଏ ପ୍ରଚାରର ଉଦ୍‌ଗମ ସ୍ଥଳୀକୁ ଠାବ କରନ୍ତା ଓ ଏ ବିଷୟରେ ଏକ ଗବେଷଣାମୂଳକ ପ୍ରବନ୍ଧ ଲେଖନ୍ତା । ସତରେ ଏ ଗୁଜବ ପ୍ରଚାର ଏକ ରହସ୍ୟମୟ ପଦ୍ଧତି, ଯାହା ବେଳେବେଳେ ଏତେ ବଳଶାଳୀ ହୋଇଯାଏ ଯେ ରାଜା ରାମଚନ୍ଦ୍ରଙ୍କ ଭଳ ବିବେକବାନ ପୁରୁଷ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇ ନିଜ ପତ୍ନୀ ସତୀ ଶିରୋମଣୀ ସୀତାଙ୍କୁ ବର୍ଜନ କରିଥିଲେ । ଆଉ ରବି ତ ଜଣେ ସାମାନ୍ୟ ମଣିଷ । ହେଲେ ରବି ଖୁସିଥିଲା ଯେ, ଏ ଗୁଜବ କୌଣସି ନାରୀକୁ ଅସହାୟ କରିପାରିବନି; କାରଣ ସେ "ଗୋରୀ ଝିଅ' ତ ଏକ ପରିକଳ୍ପନା, ତାର ରୂପରେଖ ନାହିଁ ।

ସନ୍ଧ୍ୟାବେଳକୁ ବୋଉ ମାମୁଁଙ୍କ ଘରକୁ ଚାଲିଗଲା । ତା' ପରଦିନ ସକାଳେ ସେମାନେ ସମସ୍ତେ ମାମୁଁଙ୍କ ଗାଁକୁ ଗଲେ । ସେଠି ମାମୁଁଙ୍କ ଝିଅ ମୋନାର ମଙ୍ଗଳପାଗ ବିଧି ସବୁ ହେଲା । ଖରାବେଳକୁ ଭୋଜିହେଲା । ସେଠି ବି ରବିକୁ "ସେ ଗୋରୀଝିଅ" ବିଷୟରେ କେତେସବୁ ପ୍ରଶ୍ନର ସାମନା କରିବାକୁ ପଡିଲା । ବିଶେଷତଃ ଆଇ । ସିଏ ପଚାରିଲା, "ଆରେ ସତରେ କଣ ତୁ ଏମିତି କଲୁ ? ବାପା ଦାଦା ଚଉଦଅମଳ ପାଇଁ କଳଙ୍କ ରଖିଦେଇଯିବୁ । ତୋ ଭଉଣୀ ଜୁଲିଟାର ବାହାଘର ହେଇନି । ତୋକଥା ଯିଏ ଶୁଣିବ, ସିଏ ସେଘରୁ ଜୁଲିକୁ କଣ ବୋହୂ କରିକି ନେବ ? "

ରବି ଆଇଙ୍କ ସହିତ ସବୁବେଳେ ଥଟ୍ଟା ଖେଳେ । ସେଇ ଥଟ୍ଟାଥଟ୍ଟାରେ ସିଏ ପଗ୍ଭରିଦେଲା, "ହେଲେ ଆଇ, ମୋନା ତ ନଜେନଜେ ବାଛି ବାହାହେବାକୁ ଯାଉଛି, ସେଥିରେ ତ ତୁ କଛି କହିଲୁନ ।"

"ମଲା, ସେକଥା, ଏକଥା ସମାନ । ଆରେ, ସିଏ ଯାହାହେଲେ ହିନ୍ଦୁ ପୁଅଟା ନା । ହୋଉପଛେ ତେଲୁଗୁ, ହେଲେ ଓଡିଶାରେ ଘରଦ୍ୱାର, ଭଲ ଖାନ୍‌ଦାନ୍ । ତୁ ସେ କରସ୍ତାନ ଝିଅକୁ ତା' ସହିତ ତୁଳନା କରୁଛୁ । ମୋ ସାନ କଥା ମାନେ । ହେଲେ ହେଲା ତୁ ରାଜି ହୋଇ ବାହାହେବୁ, ତେବେ ହିନ୍ଦୁ ଝିଅଟିଏ ଠିକ୍ କର । ମତେ କହ । ତୋ ବାପା, ବୋଉଙ୍କୁ ମନେଇ ମୁଁ ତୋ ବାହାଘର କରେଇଦେବି । ହେଲେ ତୁ ସେ କରସ୍ତାନ ଝିଅ କଥା ଭୁଲିଯା ।"

ରବିର ମନେହେଲା, ସିଏ କଣ ପଦ୍ମାକଥା ଆଇଙ୍କୁ କହିଦେବ କ ? ପଦ୍ମା ତ ହିନ୍ଦୁ ଧର୍ମର ନା । ପୁଣି ମହାପ୍ରଭୁ ଶ୍ରୀକୃଷ୍ଣ ଯେଉଁ ଗଉଡବଂଶରେ ପରିପାଳତ ହୋଇଥିଲେ, ସିଏ ସେଇବଂଶର । ପର ମୁହୂର୍ତ୍ତରେ ସିଏ ନଜକୁ ସମ୍ଭାଳନେଲା । "ନା, ଏବେ ନୁହେଁ, ତେବେ ଆଇଙ୍କୁ ପରେ କେବେ ଏକଥା ସିଏ ହୁଏତ କହିପାରେ ।"

ଜାନୁୟାରୀ ୨୮ ତାରିଖ ଦିନ ମୋନାର ବାହାଘର ହୋଟେଲ୍ ମେଫ୍ଲାଓ୍ୱାର୍ ରେ ବଡ ଧୁମଧାମରେ ସଂପନ୍ନହେଲା । କନ୍ତୁ କାହା ମନରେ ସରସତା ନଥାଏ । ବରକୁ ଦେଖିବା ମାତ୍ରେ ମାଇଁ ମୂର୍ଚ୍ଛାହୋଇ ପଡିଗଲେ । ତାଙ୍କୁ ପାଣି ଛାଟି ସମସ୍ତେ ଗୋଟିଏ ରୁମ୍ ଭିତରକୁ ନେଇଗଲେ ଓ ଜଗିବସିଲେ । ବନ୍ଧୁବାନ୍ଧବଙ୍କ ଭିତରେ ଜଣେ ଡାକ୍ତର ଥିଲେ । ସିଏ ମାଇଁଙ୍କ ପାଖରେ ରହିଲେ । ସମସ୍ତେ ଭାବିଲେ, ଝିଅ ବାହାଦେବାର ଦୁଃଖ ହିଁ ଏ କାରଣ । ହେଲେ ରବି ମାଇଁଙ୍କୁ ଯେତିକ ଜାଣିଛି, ଯିଏ ଏ ପର୍ଯ୍ୟନ୍ତ ହସିହସି ସମସ୍ତଙ୍କୁ ସ୍ୱାଗତ କରୁଥିଲେ, ସମସ୍ତଙ୍କର ଚର୍ଚ୍ଚା କରୁଥିଲେ, ହଠାତ୍ ଏମିତି ଧୈର୍ଯ୍ୟ କାହିଁକ ହରାଇ ବସିବେ ? ମୋନାଟା ଯେମିତି ସୁନ୍ଦରୀ ଓ ରୂପବତୀ, ବରପାତ୍ରଟି ସଂପୂର୍ଣ୍ଣ ବିପରୀତ । ରଙ୍ଗ, ଉଚ୍ଚତା, ଚେହେରା, ସବୁ ଯେମିତି ମୋନାର ବିପରୀତ । ତେବେ ମୋନା ଏମିତି ପାତ୍ର ବାଛିଲା କେମିତି ?

ବାହାଘରର ଏ ଯେତେ ଆଡମ୍ବର ହୋଇଥିଲା, ମେଲୋଡି ଗ୍ଭଲିଥିଲା, ଗ୍ଭଳଶି ରକମର ସ୍ନାକ୍ସ୍ ଷ୍ଟଲ୍, ଖାଦ୍ୟ ଓ ମିଠାର ବଜାର ମେଲିଥିଲା । ବାଙ୍ଗାଲୋରରୁ ବିଶେଷ ଅର୍ଡର୍ ଦିଆହୋଇ ସେ ଫୁଲରେ ବେଦୀ ସଜା ହୋଇଥିଲା, ଲାଗିଲା ସବୁ ଯେମିତି ବୃଥା । ମୋନାକୁ ଏ ପୁଅଟି ଜମା

ବି ଉପଯୁକ୍ତ ନୁହେଁ । ପୁଣି ଜଣା ପଡୁଥାଏ, ସିଏ ହୁଏତ ମୋନାଠାରୁ ଆଠଦଶ ବର୍ଷ ବଡ ହେବ କି କଣ ?

ରବି ମନରେ ବି ପ୍ରଶ୍ନ ଥିଲା, "ମୋନା ଏମିତି କାହିଁକି କଲା ? " ବୋଉ ଆଖିରେ ବି ବରକୁ ଦେଖି ଲୁହ ଆସିଗଲା । ସିଏ ଆଉ ବରଣୀ ନଦେଖି ଭାଉଜଙ୍କୁ ଧରି ଭିତରକୁ ଗଲା ଓ ମାଈଁଙ୍କ ରୁମ୍‌କୁ ଯାଇ ସେଇଠି ବସିଲା ।

ରବି ବରଯାତ୍ରୀଙ୍କ ଚର୍ଚ୍ଚାରେ ବ୍ୟସ୍ତରହିଲା । ଗାଁରୁ ଯେଉଁମାନେ ଆସିଥିଲେ, ସେମାନେ ସବୁ ଏତେମାତ୍ରାରେ ଖାଦ୍ୟ ଖାଇଦେଲେ ଯେ, ବରଯାତ୍ରୀଙ୍କ ପାଇଁ ମାଂସ, ମାଛ ଓ ଚଙ୍ଗୁଡି ଆଇଟମ୍ ସବୁ ନଅଣ୍ଟ ପଡିଲା । ରବି ସେମାନଙ୍କୁ ସମ୍ଭାଳନେଲା । ହେଲେ ଗାଁ ଲୋକ ତ ଗାଁରେ ଭୋଜି ଖାଇଲେ, ପୁଣି ସେମାନଙ୍କୁ ମାମୁଁ କାହିଁକି ଭୁବନେଶ୍ୱର ଡକାଇଲେ, ରବିକୁ ସେ ବ୍ୟବସ୍ଥା ଭଲଲାଗିଲାନ । ଆୟୋଜନ ଖାଲି କରିଦେଲେ ତ ହେଲାନ, ସେସବୁର ଭଲଭାବେ ପରିଚାଳନା କରାଯିବା ଉଚତ । ବରଯାତ୍ରୀ ମାନଙ୍କ ପାଇଁ ଖାଇବା ସରିଆସିବାଟା କେତେବଡ ଅପ୍ରୀତିକର କଥା । ଭଲହେଲା ଯେ, ରବି ସେମାନଙ୍କର ଅସନ୍ତୋଷ ସବୁ ମ୍ୟାନେଜ୍ କରି ସେମାନଙ୍କୁ ସୁସ୍ୱାଦୁ ଭେଜିଟେରିଆନ୍ ଆଇଟମ୍ ଖୁଆଇ ଭଲରେ ଭଲରେ ସମ୍ଭାଳନେଲା ।

ବାହାଘରର ପର୍ବ ସବୁ ଚାଲିଥାଏ । ମାମୁଁ ବସି କର୍ମ କରୁଥାଆନ୍ତି । ମୋନା ପାଖରେ ବସିଥାଏ ସେ ବରପାତ୍ରଟି, ତାର ନାଁ ହେଲା ରାଜାରମଣ । ମୋନା ବାଙ୍ଗାଲୋରରେ ଯେଉଁ ଅଫିସରେ କାମକରେ, ସିଏ ବି ସେହି ଅଫିସରେ କାମକରେ । ସେଇଠୁ ତାଙ୍କର ସଂପର୍କ ଆରମ୍ଭ ହୋଇଛି । ମାମୁଁ ମୁହଁରେ କୃତ୍ରିମ ହସ ଫୁଟାଉଥାଆନ୍ତି, ହେଲେ ରାଜାରମଣ ସହିତ କର୍ମସବୁ ସଂପନ୍ନ କରିବାବେଳେ ତାଙ୍କ ମୁହଁ କାନ୍ଦକାନ୍ଦ ହୋଇଆସୁଥାଏ । ରବିକୁ ସେସବୁ ଅଛପା ରହୁନଥାଏ । ହେଲେ କଣ କରାଯିବ ? ମୋନା ମାମୁଁଙ୍କର ଦୁଇପୁଅରେ ଗୋଟିଏ ବୋଲି ଝିଅ । ତାକୁ ଅତି ସ୍ନେହରେ ପାଳଆସିଛନ୍ତି ସିଏ ଏ ପର୍ଯ୍ୟନ୍ତ । ଏବେ କଣ ସେ ଝିଅକୁ ତେଜ୍ୟକନ୍ୟା କରିବେ ?

ବାହାଘର ସରିଗ । ମାଈଁ ଆଉ ସେ ରୁମ୍ ଭିତରୁ ବାହାଘର ଦେଖିବାକୁ ଆସିଲେନ । ବୋଉ ଓ ଭାଉଜ ଜୁଆଇଁଙ୍କୁ ବନ୍ଦାଣ ଦେବାକୁ ଆସିଲେ । ହେଲେ, ସେମାନଙ୍କ ମନରେ ସେମିତି ଆଉ ଆଗ୍ରହ ନଥିଲା । ଜୁଆଇଁର ରୂପ ସମସ୍ତ ଘରଲୋକଙ୍କର ଆଗ୍ରହ ମାରିଦେଇଥିଲା । ବିଦା ହେବା ପୂର୍ବରୁ ମୋନା ଓ ରାଜାରମଣ ମାଈଁଙ୍କୁ ଦେଖା କରିବାକୁ

ଗଲେ । ଡକ୍ଟର୍ ସେତେବେଳକୁ ମାଇଁଙ୍କ ପାଖେପାଖେ ରହିଥାନ୍ତି, ସେଥିପାଇଁ ବେଶୀ ଚନ୍ତା ନଥାଏ । ତାପରେ, ଏ ବିଦାୟ ତ ଆଗକାଳର ବିଦାୟ ଭଳ ନୁହେଁ । ଜୁଆଇଁର ଘର ବି ତ ଭୁବନେଶ୍ୱରରେ, ଯେତେବେଳେ ଗ୍ଧହିଁବ, ଝିଅ ସେତେବେଳେ ନଜଘରକୁ ଆସିପାରିବ । ସେଥିପାଇଁ ଏ ବିଦାୟବେଳା ବିଷାଦମୟ ନହୋଇ ନତିଦିନଆ ଯିବାଆସିବା ଭଳ ସହଜ ହୋଇଥିଲ୍ ।

ମୋନା ବିଦାହେବା ପରେ, କଛି ଅତିଥି ସେ ହୋଟେଲରେ ନଜନଜ ପାଇଁ ଉଦିଷ୍ଟ ରୁମ୍କୁ ଗ୍ଧଲିଗଲେ । ବୋଉ, ଭଉଜ ଓ ମାଇଁ ସମସ୍ତେ ମାମୁଁଙ୍କ ଘରକୁ ଗଲେ । ରବିକୁ ପ୍ରଥମେ ଯିବାକୁ ପଡିଲ୍ ମୋନାର ଶାଶୁଘରକୁ, ସମସ୍ତ ବାକ୍ସପନ୍ତ, ଭ୍ଧର ଓ ମୋନାର ଶାଶୁଘର ଲ୍ୋକଙ୍କ ପାଇଁ ବେଭ୍ଧର ଧରି; ସେଠାରୁ ଫେରି ସିଏ ସିଧା ମାମୁଁଙ୍କ ଘରକୁ ଗଲ୍ । ସେଠି ପ୍ରଧାନ ସମସ୍ୟା ହେଲ୍ ମାଇଁଙ୍କୁ ସମ୍ଭାଳବା । ସିଏ ମନଖୋଲି କଛି କହୁନଥାନ୍ତି; ହୁଏତ କହିଦେଇଥିଲେ ଟିକେ ହାଲୁକା ଲ୍ଗନ୍ତା । ସିଏ ଖାଲି କାନ୍ଦୁଥାଆନ୍ତି । ତାଙ୍କର ସାନ ଭଉଣୀ, ରୂପା ମାଉସୀ ତାଙ୍କ ପାଖରେ ବସି ଆଶ୍ୱାସନା ଦେଉଥାଆନ୍ତି । "ଝିଅ ସିନା ଜନ୍ମ କରିଥିଲୁ, କର୍ମ ତ ଦେଇନୁ ନା! ଭ୍ରଗ୍ୟ ବି ଦେଇନୁ । ବଢେଇଲୁ, ପଢେଇଲୁ, ଏବେ ସିଏ ତାର ତା କର୍ମ ନେଇ ଗଲ୍ । ତୁ କାହିଁକି ଏତେ ଭ୍ଧବୁଛୁ ?" ରବି ଫେରିବା ପରେ ରୂପା ମାଉସୀ ରବିକୁ ମାଇଁଙ୍କୁ ଜଗିବା ଦାୟିତ୍ୱ ଦେଇ ଶୋଇବାକୁ ଆର ଘରକୁ ଗ୍ଧଲିଗଲେ । ହେଲେ ଆରଘରେ, ଆଉ ସବୁ କେତେଜଣ ବସି ଗପିଲେ । "ମୋନାଟା ଏମିତି କେମିତି ବାଛିଲ୍ । ମାଲ୍ୋ, ମୁଁ ତ ଜୁଆଇଁକୁ ଦେଖିଦେଲି ଯେତେବେଳେ, ମୋ ଛାତିରୁ ରକ୍ତ ଶୁଖିଗଲ୍ ଯେମିତି । ଆମ ମୋନା ଭ୍ଧଗ୍ୟରେ ପୁଣି ଏମିତି ଥିଲ୍ ।" ଆଉ ଜଣେ କଏ କହିବାର ଶୁଣାଗଲ୍, "ହେଲେ ଜୁଆଇଁ ଭଲ ପିଲ୍ଟିଏ କନ୍ତୁ; ଦେଖିଲୁନ କ ସୁନ୍ଦର ବ୍ୟବହାର । ଆଉ ସିଏ କୁଆଡେ ମୋନା କଂପାନୀରେ ବଡ ମ୍ୟାନେଜର୍ ଅଛନ୍ତି ।"

ରବିକୁ ସବୁ ଶୁଣାଯାଉଥିଲ୍ । ତାମାନେ, ମାଇଁଙ୍କୁ ତ ସବୁ ଶୁଣାଯାଉଥିବ । ଏଥିରେ ଜଣେ ଆଘାତ ପାଇବନ କେମିତି । ଆରେ ଯାହା ହେଇଗଲ୍ ତ ହେଇଗଲ୍ । ସେ ମଣିଷଟିକୁ ବାହାହେଇଚ ମୋନା ନଜେ ବାଛିକରି, ସେ ଲ୍ୋକ ସହିତ ସଂସାର କରିବ ସିଏ । ଏମାନଙ୍କର କଣ ଯାଉଚ ଯେ ? ମାଇଁଙ୍କୁ ଏସବୁ କଥା କେତେ ବାଧୁନଥିବ ସତେ ?

ରାଜାରମଣଙ୍କୁ ଦେଖି ମାଇଁଙ୍କୁ ଯେତେ ବାଧୁନଥିବ, ସେତେ ବାଧୁଥିବ ଏଇ ସବୁ ଆଲୋଚନା, ସମାଲୋଚନା, ଗୁଜବ ଶୁଣିଶୁଣି ।

ରବି ଚନ୍ତା କରୁଥିଲା ଯଦି ପଦ୍ମା ସହିତ ତାର ବାହାଘର ହୋଇଯାଏ ତ, ସେ ଆଲୋଚନା, ସମାଲୋଚନା, ଗୁଜବ ସବୁ କ ମୋଡ ନେବେ ? ବୋଉ କଣ ସହିପାରିବ ? ନା, ଏମିତି ମାଇଁଙ୍କ ଭଳ ମୁର୍ଚ୍ଛା ଯିବ ।

ଏହି ସମୟରେ ମାଇଁ ପୁଣି ମୁର୍ଚ୍ଛାଗଲେ । ଡରିକରି ରବି ଡାକ ପକାଇଲା , "ରୂପା ମାଉସୀ, ଜଲ୍‌ଦି ଆସ, ମାଇଁ ପୁଣି ମୁର୍ଚ୍ଛାଗଲେ ।" ଚେଇଁ ରହି ଗପ କରୁଥିବା ସମସ୍ତ ସ୍ତ୍ରୀ ଲୋକମାନେ ହଠାତ୍ ମାଇଁଙ୍କ ରୁମ୍ ରେ ଆସି ପହଞ୍ଚିଗଲେ । ସେମାନଙ୍କ ମଧ୍ୟରେ ରୂପାମାଉସୀର ଝିଅ ଜାହ୍ନବୀ ଥିଲା । ସିଏ ଏବେ କ୍ୟାପିଟାଲ୍ ହସ୍‌ପିଟାଲରେ ପ୍ରାକ୍‌ଟିସ୍ କରୁଛି । ଜାହ୍ନବୀ କହିଲା, "ତମେମାନେ ସବୁ ଶୋଇବ ଯାଅ ।" ତାପରେ ରବିଙ୍କୁ କହିଲା, "ତମେ ଟିକେ ଚେଇଁକରି ରହିଥାଅ । କାଳେ କଣ ଦରକାର ପଡିବ ।"

ରବି ଓ ଜାହ୍ନବୀ ସେ ରୁମ୍ ରେ ମାଇଁଙ୍କୁ ଜଗି ବସିରହିଲେ । ଜାହ୍ନବୀ ମାଇଁଙ୍କ ଚେତା ଫେରାଇବାକୁ ଇଞ୍ଜେକ୍‌ସନ୍ ଓ ଔଷଧ ଦେଉଥିଲା । ଏଇ ଜାହ୍ନବୀ ସହିତ ରବିର ବାହାଘର ପ୍ରସ୍ତାବ ରୂପା ମାଉସୀ ପକାଇଥିଲେ ବର୍ଷକ ତଳେ ଆଉ ରବି ପ୍ରତ୍ୟାଖାନ କରିଥିଲା । ଆଜି ସେଇ ଜାହ୍ନବୀ ସହିତ ଏକନ୍ତ ବସିରହିବାକୁ କେମିତି ଗୋଟିଏ ଦୋଷୀଦୋଷୀ ଭାବ ମନକୁ ଆସୁଥିଲା । ଜୀବନଟା ଏକ ରଙ୍ଗମଞ୍ଚ । ଆଜି ଏ ଜାହ୍ନବୀ ସହିତ ଆଉ କ ଅଭିନୟ କରିବାକୁ ପଡିବ କଏ ଜାଣେ ?

ରବିର ଭାବନାରେ ବାଧାଦେଇ ହଠାତ୍ ଜାହ୍ନବୀ ପଚାରିଲା, "କଣ ମିଷ୍ଟର୍, ଆମେରିକାରେ କେଉଁ ଗୋରୀ ଝିଅ ସହିତ ଆଫେୟାର୍ ଚାଲିଛି ଶୁଣିଲି। କଣ ସତ ? କନ୍‌ଗ୍ରାଚ୍ୟୁଲେସନ୍‌। "

ରବି ସ୍ତବ୍‌ଧ ଓ ଆଶ୍ଚର୍ଯ୍ୟ ହୋଇ ଜାହ୍ନବୀକୁ ଚାହିଁରହିଲା। ଏମିତି ଲାଗୁଥିଲା, ଯେମିତି ସେ ଏ ଗୁଜବର ଅପରାଜେୟ ଶକ୍ତିର କଳନା କରିବାକୁ ପ୍ରୟାସ କରୁଛି।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ତୁମେ ଗଲାପରେ



ଅନାମ ଚରଣ ସାହୁ

ଭାରତ ମାତାର ବରେଣ୍ୟ ସନ୍ତାନ
ଘେନ ଆମ ପ୍ରଣିପାତ
ସଭିଙ୍କ ନୟନୁ ଝରୁଅଛି ଲହୁ
ହୃଦୟ ହୁଏ କମ୍ପିତ ।
ଦୂର ଗଗନର ହେଲ ତାରାଫୁଲ
ଛାଡି ଗଲ ଏହି ଦେଶ
ତୁମେ ଗଲାପରେ ଏ ଗ୍ଇଜ ଶିଶୁ
ମୁଖରୁ ଲିଭିଲା ହସ ।
ଗରିବ ଅନାଥ ଝୁରୁଛନ୍ତି ତବ
ଶରଧା ସେନେହ ସେବା
ଭାରତ ରତନ ଏକ ଛୋଟ ମାନ
ସେବାର କ ମୂଲ ଦେବା ।
ଶତ୍ରୁ ନାଶକାରି କ୍ଷେପଣାସ୍ତ୍ର କରି
ରଖିଲ ଦେଶର ମାନ
ବିଶ୍ୱର ବିଜ୍ଞାନୀ ତୁମ ନାମ ଗୁଣି
କରୁଛନ୍ତି ଜୟଗାନ ।
ଦିଗବାରେଣିର ତୁମେ ନେଇ ସ୍ଥାନ
ଦେଖାଉଛ ନୂଆ ପଥ
ବିଶ୍ୱ ବିଜ୍ଞାନରେ ଇତିହାସ ରଚ
ଗଢୁଛି ପ୍ରଗତି ରଥ ।
ତାରା ମେଳେ ରହି ଦେଖୁଥାଅ ଗ୍ହିଁ
ତୁମେ ଏଠୁ ଗଲା ପରେ
ଏ ଦେଶର ଧୂଳ ପବନ ଓ ପାଣି
ନଇତି ତୁମକୁ ଝୁରେ ।



ବିଭୁତିପୁର, କାକଟପୁର, ପୁରୀ

# ଦୁଇ ଗ୍ୱରି ଦିନର ଜୀବନ



ମଧୁସ୍ମିତା ପଟ୍ଟନାୟକ

ସଭିଏଁ କୁହନ୍ତି ଜୀବନଟା କୁଆଡେ ଦୁଇଗ୍ୱରି ଦିନର
ହସି ହସି ଦିଅ ବିତାଇ ନ କରି ମାନ ଅଭିମାନ
ସତରେ କଣ ଜୀବନଟା ଦୁଇ ଗ୍ୱରି ଦିନର....?
ନଜକୁ ନଜେ ମୁଁ କରିଲି ଅନେକ ପ୍ରଶ୍ନ....
ମନ ବିଝିଲ୍ ପରି ପାଇଲିନ ଗୋଟେ ସଠିକ୍ ଉତ୍ତର ।
ଶେଷରେ ଜୀବନକୁ ପଗ୍ୱରିଲି ଅତି ଗୋପନରେ
କହିବ କ ତୁମେ କଣ ସତରେ ଜୀବନଟା ଦୁଇ ଗ୍ୱରି ଦିନର....?
ମୃଦୁ ହସ ହସି ନୀରବରେ ଆସି ବସିଲ୍ ମୋ ପାଶେ
କଅଁଳ ପରଶେ ଆଉଁସି ଦେଇ ପଗ୍ୱରିଲ୍ ମୋତେ
ତତେ କଣ ଲ୍ଗୁନ ଜୀବନଟା ଦୁଇ ଗ୍ୱରି ଦିନର....?
ଅଭିମାନରେ ଦେଲି ମୁଁ ତାକୁ ତା ପ୍ରଶ୍ନର ପ୍ରତି ଉତ୍ତର
ସତରେ ଜୀବନଟା ଯଦି ହୋଇଥାନ୍ତା ଏହି ଭ୍ୱବର
ତେବେ ଗ୍ୱରିଆଡେ ଖେଳୁଥାନ୍ତା ହସଖୁସିର ଜୁଆର
ନଥାନ୍ତା ଏ ଜୀବନେ ଏତେ ସବୁ ବାଧାବିଘ୍ନ
କରିବାକୁ ପଡନ୍ତାନ ବଞ୍ଚିବା ପାଇଁ ଏତେ ଯେ ସଂଘର୍ଷ
ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତର ଏ ଜୀବନଯାତ୍ରା
ଅନ୍ତହୀନ ଦିଗବଳୟ ପର୍ଯ୍ୟନ୍ତ ଲମ୍ବିଛି ଏ ରାସ୍ତା
ଜୀବନ ଯିଇଁବା ପାଇଁ କରିବାକୁ ପଡେ କେତେ ଯେ କୌଶଳ
ଗୋଟେ ଗୋଟେ ଯୁଗ ପରି ଲ୍ଗେ ଏଠି ପ୍ରତ୍ୟେକ ମୂହୁର୍ତ୍ତ

ହସ- ଲୁହ, ସୁଖ- ଦୁଃଖ ଆଦି ଫେଣ୍ଟାଫେଣ୍ଟି ରଙ୍ଗର ଜୀବନ
ଶେଷ ଯାଏ ରହିଯାଏ କେତେ ଯେ ଅସମାହିତ ପ୍ରଶ୍ନ
କେତେ ମୁଁ କରିଲି, କଣ କରିଲି, କଣ ବା ମୁଁ ପାଇଲି
ଏସବୁର ଅଙ୍କ କଷୁ କଷୁ ବିତିଯାଏ ଏ ଜୀବନ
ହେଲେ କେବେ ତ ଦେଖିବାକୁ ପାଇଲିନ
ସେଇ ହସଖୁସିଭରା ଦୁଇ ଘଡ଼ି ଦିନର ଜୀବନ?
ଶେଷରେ ଜୀବନକୁ ଅନେଇଲି ପ୍ରଶ୍ନିଳ ଆଖିରେ
ବୁଝିଗଲା ବୋଧେ ସେ ମୋ ମନ ଗହନର କଥା
ହସି ହସି କହିଲା, "ମୁଁ ଯେ ଜୀବନ!"
ମୋର ଚଉହଦୀ ଭିତରେ ବନ୍ଧା ତୁମ ଚିନ୍ତା ଓ ଚେତନା
ଜୀବନର ଏଇ ସୁନ୍ଦର ଖେଳରେ ଖେଳନ୍ତି ସଭିଏଁ
ଭାରି କଠିନ ଏ ଜୀବନର ରାସ୍ତା....
ପ୍ରତ୍ୟେକ ମୋଡରେ ମିଳେ ଭିନ୍ନ ଆଉ ଏକ ମୋଡ
ଆଶାର ବୋଇତରେ ବସି ବାହି ନିଅନ୍ତି ନିଜକୁ
ଜଣା ନଥାଏ, କାତ କେଉଁ ଦିଗେ ହେବ ମାରିବାକୁ
ପାଇବାକୁ ସୂର୍ଯ୍ୟୋଦୟର ଅରୁଣ ସୁନେଲି କିରଣର ସ୍ନିଗ୍ଧତା
କରିଥାନ୍ତି ସମସ୍ତେ ଅପେକ୍ଷା ଭରି ମନେ ଅନେକ ଅଭିପ୍ସା
ତେଣୁ ନିଜକୁ ବୁଝେଇବା ପାଇଁ କୁହନ୍ତି ସମସ୍ତେ
ଜୀବନଟା ପରା ଦୁଇ ଘଡ଼ି ଦିନର....

ରାୟଗଡା, ଓଡିଶା

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜୁନ୍ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:**

**[vedantimagazine@gmail.com](mailto:vedantimagazine@gmail.com)"**

# ଆଇ.ଆଇ.ଟି

ଜ୍ୟୋତି ରଞ୍ଜନ ସାମନ୍ତରାୟ

## ଦୃଶ୍ୟ - ୧

ମନ୍ଦିରର ଘଣ୍ଟି କୁ ଖୁସି ରେ ଗଦଗଦ ହେଇ ବଜାଉ ଥିଲେ ଅବିନାଶ ବାବୁ । ସତେ ଯେମିତି ଗୋଟେ ଗଡ ଜିତି ଯାଇଛନ୍ତି । ପାଖରେ ତାଙ୍କର ବୁଢୀ ମା । "କଥା କଣ ଆଜି ଭାରି ଖୁସି ଅଛନ୍ତି, କେହି ଗୋଟେ ଆଗ୍ରହ ସାମିଲ ହେଇ ପଚାରିଲା । "ଆରେ ପୁଅ, ଜାଣିନୁ କି, ଅବିନାଶ ର ପୁଅ ହେଇଛି ପରା", ତାଙ୍କ ମା ଉତ୍ତର ଦେଲେ । ଅବିନାଶ ପାଖ କଲୋନୀ ରେ ନିଜର ଘରେ ରୁହନ୍ତି । ଅବିନାଶଙ୍କ ଆଉ ତାଙ୍କ ସ୍ତ୍ରୀ ସୁମନା ଭାରି ମେଳାପୀ ଲୋକ । ଭଗବାନ କିନ୍ତୁ ଦୁଇଜଣଙ୍କୁ ପିଲାଟେ ଦେଇ ନଥିଲେ । ସେଥିପାଇଁ ଦୁଇଜଣ ସବୁବେଳେ ଦୁଃଖୀ ରହୁଥିଲେ । କିନ୍ତୁ ବହୁତ ଡାକ୍ତର- ଗୁଣିଆ ପୂଜା ପାଠ ପରେ ଯାହା ହେଉ, ଭଗବାନ ସେମାନଙ୍କର ଡାକ ଶୁଣିଲେ । ପରିବାରର ଖୁସିର ଶ୍ରେୟ ନିମନ୍ତେ ଠାକୁରଙ୍କ ଆଶୀର୍ବାଦ ନେବାକୁ ମା' ଙ୍କୁ ଧରି ମନ୍ଦିର ଛୁଟି ଆସିଥିଲେ ଅବିନାଶ । ଘରେ ତେଣେ ସୁମନା ନୂଆ ଅତିଥିର ଯତ୍ନରେ ବ୍ୟସ୍ତ । ଉପସ୍ଥିତ ଲୋକମାନଙ୍କ ହାତକୁ ଲଡ୍ଡୁ ଗୋଟେ ଗୋଟେ ବଢାଉ ବଢାଉ ଅବିନାଶ ବାବୁ କହିଲେ, "ଆଜ୍ଞା ପିଲାଟିକୁ ଟିକେ ଆଶୀର୍ବାଦ କରିବେ, ସେ କେମିତି ଦୀର୍ଘାୟୁ ହଉ" । ମନ୍ଦିରରେ ଠାକୁର ସେମିତି ବସି ରହିଥାନ୍ତି । ସମସ୍ତଙ୍କ ହୃଦୟର କୋଉ ଗୋଟେ ଅଜଣା କୋଣରୁ କଅଁଳା ପିଲାଟା ପାଇଁ ଦୀର୍ଘାୟୁ ଆଶୀର୍ବାଦ ଟିକକ ବାହାରି ପଡୁଥିଲା ।

## ଦୃଶ୍ୟ – ୨

ମନ୍ଦିରରେ ଦେଖାଦେଲେ ସୁମନା । ସାଙ୍ଗରେ ପୁଅ । ଭାରି ବ୍ୟସ୍ତ ଥା'ନ୍ତି ସୁମନା । ନନାଙ୍କୁ ବି ବ୍ୟସ୍ତ କରି ପକାଉଥାନ୍ତି, "ନନା ଟିକେ ଜଲଦି କରନ୍ତୁ, ପୁଅର ତେଣେ ପରୀକ୍ଷା ଅଛି, ଡେରି ହେଇଯିବ" । ସୁମନା ଏବେ ଘରର ସବୁ ଟେନସନ ସମ୍ଭାଳୁଛନ୍ତି ବୋଲି ଅବିନାଶ ସବୁଆଡେ ପ୍ରଶଂସା ରେ କହୁଥିଲେ । ଅବିନାଶଙ୍କ ଅବସ୍ଥା ଏବେ "ହଡା ବଳଦ ର ଆତ୍ମକଥା" ରୁ ବେଶି କିଛି ଅଧିକା ନୁହେଁ । ପୁଅକୁ ଟିକେ ଭଲକରି ଟିଉସନ ଆଉ କୋଚିଂ ଦେବେ ବୋଲି ରୋଜଗାର କରିବାକୁ ଖଟି ଖଟି କଣ୍ଟାସାର ହେଇ ଯାଇଥିଲେ । ଏଇ ଭିତରେ ଅବିନାଶଙ୍କ ମା

ବି ଆରପାରିକୁ ଗ୍ଭଲିଯାଇଥିଲେ । "ଆଉ ବର୍ଷ କେଇଟା ବର୍ଷ ଭିତରେ ଗ୍ଭକରି ତ ସରିଯିବ, ତା' ପରେ ଖାଲି ଖଟି କରିବି", ଏ'ୟା ଅବିନାଶଙ୍କର ନୂଆ ସ୍ୱପ୍ନ । ନନା ସୁମନାଙ୍କ ହାତରୁ ଭୋଗ ଆଉ ନଡିଆ ତରବର ରେ ନେଇ ଠାକୁରଙ୍କୁ ଯୋର ଯୋର ଡାକୁଥାନ୍ତି । ତେଣେ ସୁମନାଙ୍କ ବିକଳ କଥା "ଟିକେ ଭଲସେ ଠାକୁରଙ୍କୁ ଜଣେଇବେ ନନା, ତା'ର ପରୀକ୍ଷା ଭଲ ହେଲେ ଆସି ବାଲ- ଭୋଜି ଦେବି" । ଜଲଦି ଜଲଦି ପାଦୁକ ପାଇ, ନନାଙ୍କ ହାତକୁ ଦକ୍ଷିଣା ବଢେଇ ଦେଲେ ସୁମନା । ପୁଅକୁ ଜବରଦସ୍ତ ମୁଣ୍ଡିଆ ମରେଇ ନନାଙ୍କୁ କହିଲେ, "ଟିକେ ତାକୁ ଭଲକରି ଆଶୀର୍ବାଦ କରନ୍ତୁ ଯେମିତି ଏକଜାମ୍ ରେ ଭଲ କରିବ" । ଦେଖୁ ଦେଖୁ ମା' ପୁଅ ଦି' ଜଣ ଯାକ ଯାଇ ଦୌଡି ଦୌଡି ଅଟୋରେ ବସି ପଳେଇଗଲେ । ମନ୍ଦିରରେ ଠାକୁର ସେମିତି ବସିଥାନ୍ତି । ପଛରୁ ନନାଙ୍କ ଆଶୀର୍ବାଦର ହାତ ଟେକ ହେଇ ରହିଥାଏ ।

## ଦୃଶ୍ୟ – ୩

ମନ୍ଦିର ପାଖରେ ଦେଖାଦେଲେ ଅବିନାଶ । ସାଙ୍ଗରେ ସୁମନା ଆଉ ପୁଅ । ବହୁତ ଦିନ ପରେ ପୁରା ପରିବାରକୁ ଏକାଠି ଦେଖିବାକୁ ମିଳଥିଲା । ସୁମନା ଠାରିଦେବାରୁ ପୁଅ ଆସି ନାନାଙ୍କୁ ମୁଣ୍ଡିଆ ମାରିଲା । ପଗ୍ଭରିଲା, "ଆପଣଙ୍କ ଦେହ କେମିତି ଅଛି" । ଅବିନାଶ ସମସ୍ତଙ୍କ ହାତକୁ ଲଡ୍ଡୁ ବଢଉ ବଢଉ କହିଲେ, "ବୁଝିଲେ ସବୁ ସେଇ ଠାକୁରଙ୍କ ଇଚ୍ଛା, ନହେଲେ ଆମେ କଏ, ଆଇ.ଆଇ.ଟି କଏ । ପୁଅ ଭଲ ନମ୍ବର ରଖି ପାସ କରିଛି । ଏଇଟା ତ ଯାହାହଉ ଭଗବାନ ତା ପରିଶ୍ରମ ର ଫଳ ଦେଲେ" । କଛି ଲୋକ ଆଇ.ଆଇ.ଟି ବିଷୟରେ କଛି ଜାଣି ନଥିଲେ ବି ଗୋଟେ ଗୋଟେ ଭବିଷ୍ୟଦ୍ରଷ୍ଟା ଭଳିଆ କହି ପକେଇଲେ, "ଆମ ପିଲେ କଣ କୋଉଠି ହାରିବେ, ସେ ନଷ୍ଟେ ସଫଳ ହେବେ ଏକଥା ଆମେ ଆଗରୁ ଜାଣିଥିଲୁ । ଦେଖିବେ ସିଏ କେତେ ଆଗକୁ ଯିବ । ଦିନେ ନା ଦିନେ ସେ ନଷ୍ଟେ ଆପଣଙ୍କ ନା ରଖିବ, ଦେଶର ବି ନା' ଉଜ୍ଜଳ କରିବ" । ମନ୍ଦିରରେ ଠାକୁର ସେମିତି ବସିଥାନ୍ତି, ଠାକୁରଙ୍କ ମୁହଁ ବି ଉଜ୍ଜ୍ୱଳ ଦେଖା ଯାଉଥିଲା । ସାରା ମନ୍ଦିରରେ ଆଜି ସେଲିବ୍ରେସନର ମହୋଲ ।

## ଦୃଶ୍ୟ – ୪

ମନ୍ଦିର ବେଢାରେ ଗୋଟେ କଣକୁ ଆଉଜି ବସିଥିଲେ ସୁମନା। ଟିକେ ବାଟ ଚାଲିବା ପାଇଁ ବି ଶକ୍ତି ଆଉ ପାଉନାହିଁ। ଅନ୍ୟମାନଙ୍କ ସହ କାର୍ତିକ ପୁରାଣ ଶୁଣିବାକୁ ବସିଥିଲେ। ଅବିନାଶ ବହୁତ ଦିନ ହେବ ସମସ୍ତଙ୍କୁ ଛାଡି ଆରପାରିକୁ ଚାଲି ଗଲେଣି। ସାରା ମାସ କାର୍ତିକ ପୁରାଣ ଚାଲିବ। ଏଠିକୁ ଆସିଲେ ଟିକେ ଶାନ୍ତି ମିଳେ। ଘରେ ଏକୁଟିଆ କେତେ ବୋର ହେବେ। ଏଇଠି ତାଙ୍କରି ଭଳିଆ କିଛି ଲୋକ ବି ଆସନ୍ତି ପୁରାଣ ଶୁଣିବାକୁ। ଏବେ କିଛିଦିନ ତଳେ ଦେହ ଖରାପ ହେଇ ଏକୁଟିଆ ମେଡିକାଲ ରେ ଭର୍ତି ହୋଇଥିଲେ। ପୁଅ ତ ବହୁତ ଦିନ ହବ ଦେଶକୁ ଫେରିନି। ଶୁଣାଶୁଣି କଥା ଯେ ସେ ଫରେନ ଯିବା ପରେ ସେଆଡେ ଗୋଟେ ଝିଅକୁ ଭଲପାଇ ବାହା ହେଇଗଲା। ଆଉ ଓଡିଶା ଆସିବା ନାଁ ଗନ୍ଧ ଧରୁନି। କାଁ ଭାଁ କେତେବେଳେ କେମିତି ବର୍ଷେ ଦୁଇ ବର୍ଷରେ ଥରେ ଆସେ, ଆଉ ସାଙ୍ଗେସାଙ୍ଗେ ପଳାଏ। ସୁମନାଙ୍କର ସବୁ ଚିକିତ୍ସା ଖର୍ଚ୍ଚ ଇନସୁରାନ୍ସ କମ୍ପାନି ସିଆଡୁ ଦେଲା। ପୁଅର କମ୍ପାନି ସହ ସେମାନଙ୍କର ଟାଇ'ଅପ୍ ଅଛି। ବାପା- ମା'ଙ୍କୁ ଇନସୁରାନ୍ସ ଫ୍ରୀ। ସୁମନାଙ୍କ ପାଖରେ କେହିବୋଲି କେହି ନାହିଁ। ପିଲାର ପଢା ଚକ୍କରରେ ବହୁଦିନ ହେଲା ଗାଁ' ସହ ସବୁ ସମ୍ପର୍କ କାଟି ଦେଇଥିଲେ ସେ। ଗାଁ' ରେ ବି ସବୁ ଏବେ ବୁଢାବୁଢୀ ମେଳାରେ ଭର୍ତି। ସବୁ ମରିବାକୁ ଅପେକ୍ଷା କରି କେବଳ ଓଲଟା ଦିନ ଗଣୁଛନ୍ତି। ପିଲାସବୁ ତ ଇଞ୍ଜିନିୟର, ପରଦେଶ ରେ ପେଇସା ପାଇଁ ମୁଣ୍ଡ ବିକୁଛନ୍ତି। ସୁମନାଙ୍କ ସବୁ ସେବା ହସ୍ପିଟାଲ ନର୍ସମାନେ କଲେ। ମା' ମନ ପରା, ସୁମନା କେମିତି କିଛି କହିପାରିଥାନ୍ତି ପୁଅକୁ? ମନ୍ଦିରରେ ଠାକୁର ସେମିତି ବସିଥାନ୍ତି, ମୁହଁ ର କାନ୍ତି ଅଦୃଶ୍ୟ ହେଇ ଯାଇଥିଲା। ସାରା ଦୁନିଆଁଟା ମତଲବୀ ମତଲବୀ ଲାଗୁଥିଲା। ସେଇ ଭିତରେ ସୁମନାଙ୍କ ହୃଦୟର କୋଉ ଗୋଟେ କୋଣରୁ ପୁଅଟା ପାଇଁ ଆଶୀର୍ବାଦର ଆଶିଷ ବାହାରୁଥିଲା, “ ତୁ ଯୋଉଠିବି ଅଛୁ ଭଲରେ ଥା' ”।

***

**ବେଦାନ୍ତୀର ହ୍ୱାସଟଆପ୍ ( Whatsapp) ନମ୍ବର ହେଲା- 9594993733**

**ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ।**

# ପାରୁନ ଭୁଲି



ଲିନା ମହାନ୍ତି

ଫେରିବାର ତୁମ ନାହିଁ କଛି ଆଶା
ନାହିଁ କଛି ସମ୍ଭାବନା,
ତଥାପି କେଜାଣି ତୁମ କଥା ଭାବି
ମନ ହୁଏ ଆନମନା ॥
ଘ୍ଲୁ ଘ୍ଲୁ ବାଟ ଝୁଣ୍ଟିପଡେ କାହିଁ
ତୁମ କଥା ଦେଲେ ଭାବି,
ଲାଗେ ତୁମେ ମୋର ଧରିଅଛ ହାତ
ଦିଶେ ତୁମ ପ୍ରତିଛବି ॥
ଦୁନିଆ ଭିତରେ ଏକା ଲାଗେ କାହିଁ
ମନେ ପଡ କାହିଁ ଏତେ,
ଭରିଯାଏ ମନ ଶୂନ୍ୟତାରେ ଖାଲି
ଖୋଜେ ମନେ ମନେ ଯେତେ ॥
ଦୁଃଖର ପାହାଡ ଲଦି ହୁଏ ଯେବେ
ଏଇ ମନ ଅଗଣାରେ,
ଭିଜିଯାଏ ଆଖି ଲୁହର ସାଗରେ
ଖୋଜେ ମନ ପ୍ରତିକ୍ଷଣେ ॥
ତଥାପି ପାରେନା ସୀମା ମୋର ଡେଇଁ
ପାଏନା ଖୋଜି ତୁମକୁ,
ଦରଦ କମେନ ଲୁହ ବି ସରେନ
ଘ୍ହେଁ ତୁମ ଫେରିବାକୁ ॥
ତଥାପି ଫେରନ ଯେତେ ଘ୍ହେଁ ବାଟ
ହେଲେ ଦିନ ଯାଏ ସରି,
ହେଲେ ବି ଥକନ ଏଇ ଆଖି ମୋର
ମନ ବି ପାରୁନ ଭୁଲି ॥



ଜଗତସିଂହପୁର, ଓଡିଶା

# ପ୍ରଭୁ ପାଦେ ଅଳି



ମୋହନ ଚନ୍ଦ୍ର ବିଷୋୟୀ

ପାହାନ୍ତି ପହରୁ ତୁମ ପୂଜା ପାଇଁ ପ୍ରଭୁ,
ନୀତି ଶଯାଡଇ ପୂଜାଥାଳ ଦୀପ ଧୂପ।

ଜୀବନ ଦୀପ ମୋ ଲିଭି ଆସୁଅଛି,
କେବେ ଆଉ ଦେଖିବି ନୟନେ କଳା ରୂପ।

ପାପ ପଙ୍କ ଭର୍ ଏ ଭବସାଗରେ କାହିଁ,
ନୀବେସିଲ ମୋତେ, ଦେଖିବାକୁ କେଉଁ ସୁଖ,

କୃପା ନେନ୍ଦେ ଥରେ ଗ୍ରହଁ ଏ ଦୁଃଖିକୁ
ଅସହ୍ୟ ହେଲାଣି ଦୁଃଖ, ହେ କଳାଶ୍ରୀମୁଖ।

ସୁଖ ବୋଲି ଯାକୁ ଭିବୁଥିଲି ମୁହିଁ,
ସେ ତ ଥିଲା ଖାଲି ମିଛ ମାୟା ମରୁଭୂଇଁ।

ପାଇବାକୁ ସେ ସୁଖ ଆଉ ଆଶା ନାହିଁ,
ଥକ ଗଲା ମନ ମରିଚକା ପଛେ ଧାଇଁ ଧାଇଁ।

ସଂସାର ମାୟା ଜାଲକୁ କରି ଗଳାମାଳୀ,
ସହିଲିଣି କେତେ ଝଡ ଝଞ୍ଜା, ଅଳ ଅର୍ଦଳ।

ଆଜି ପତ୍ରଝଡା ଦେଇଥିବା ଥୁଣ୍ଟା ବରଗଛ ମୁଁ,
ଅନୁତାପ ରୂପି ଗ୍ରୀଷ୍ମତାପ, ଜିଅନ୍ତା ଦେଉଛି ଜାଳ।

ଏଇ ବୋଧେ ତୁମ ପାଶେ ମୋର ଶେଷ ଅଳ,
ଶେଷ ବେଳେ ମୋ ଜୁଇକୁ ତୁମ ସ୍ୱର୍ଗଦ୍ୱାରେ ଦିଅ
ଜାଳ।

କପରି ପୂଜିବି, ତୁମକୁ ଜାଣେନା ମୁଁ ଆଜନ୍ମ ମୁରୁଖ,
କର ଯୋଡି ପାଦେ ପଶୁଛି ଶରଣ, ଭୁଜତଳେ ମତେ
ରଖ।

ଖରଖରିଆ, ବଣଶୋଳା, ଚକଟି, ଗଞ୍ଜାମ



# ଅସ୍ତରାଗିଣୀ

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ( ଭାଗ ୧୫)

ବାରମ୍ବାର ପ୍ରଚେଷ୍ଟା କାର୍ଯ୍ୟକାରୀ ହୋଇଛି । ଆଉଥରେ ଡା. ନିବେଦିତା ପୂର୍ବ କାମରେ ନିଯୁକ୍ତ ହୋଇଯାଇଛନ୍ତି । ଅଫିସରୁ ଫେରି ଝରକା ପାଖରେ ବସିଥିଲେ ସେ । ବାତାୟନରୁ ଚାହିଁଲେ ଦେଖା ଯାଉଛି ସୁଦୂର ସେଇ ନୀଳ ପାହାଡ । ପାହାଡ ଉପରେ ସେଇ ଛୋଟ ଛୋଟ ଗଛ ଗୁଡିକ ମୁଣ୍ଡ ହଲଉଛନ୍ତି । ମନେ ହୁଏ କେତେ ଜଣ କୁନି କୁନି ଝିଅ ମିଶି ଏକାଠି ନୃତ୍ୟ କରୁଛନ୍ତି । ବହୁବର୍ଷ ତଳକୁ ଖସିଗଲେ ଡା. ନିବେଦିତା । ସେଦିନ ଅଗଷ୍ଟ ୬ ତାରିଖ । ଅଙ୍ଗଦାନ ବାର୍ଷିକ ଉତ୍ସବରେ ଛୋଟ ଝିଅମାନେ ଗୋଟିଏ କଥକ ନୃତ୍ୟ ପେଷଣ କରିବାର ନିଷ୍ପତି ନିଆଯାଇଥିଲା । କ୍ୟାସେଟ୍ ବଜାଇ ନୃତ୍ୟର ପରିଚାଳନା କରିବାର ବ୍ୟବସ୍ଥା ଥିଲା । ହେଲେ ଷ୍ଟେଜ୍ ରିହରସାଲ୍ ଦିନ ପ୍ରୋଗ୍ରାମ୍ ରେ ପରିବର୍ତ୍ତନ । କ୍ୟାସେଟ୍ ସ୍ଥାନରେ ଲାଇଭ୍ ହେଲେ ବେଶୀ ଭଲ ହେବ । ସମସ୍ତେ ଏକମତ- - ଗାୟିକା ଅନ୍ୱେଷଣ । ଶେଷରେ ଝିଅ ମନୀଷା ଡା. ନିବେଦିତାଙ୍କ ଆଡକୁ ନିର୍ଦ୍ଦେଶ କରିଥିଲା । ହୁଏ ତ ସେଇ ଥିଲା ତାଙ୍କର ଶେଷ ସଂଗୀତ । ସେଇ ପ୍ରୋଗ୍ରାମ୍ ପାଇଁ ଆମନ୍ତ୍ରିତ ହୋଇ ଆସିଥିଲେ ଓଡିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଶ୍ରୀ ଦୟାନିଧି ଅଧିକାରୀ..... । ଦୟାନିଧି ଅଧିକାରୀ.....ପ୍ରଥମଥର ପାଇଁ ତାଙ୍କ ସହିତ ସାକ୍ଷାତ ମାତ୍ର । ପିଲାଟି ଦିନରୁ ସେ ଥିଲେ ନିବେଦିତାଙ୍କ ପାଇଁ ନୈପଥ୍ୟ ଗୁରୁ ।

ଡା. ନିବେଦିତା ନିଜେ ଏକ ଡାକ୍ତର ହୋଇ ମଧ୍ୟ କଳା ପ୍ରତି ଏତେ ଆଗ୍ରହ, ଉଲ୍ଲେଖନୀୟ । ସେ ଥିଲା ଗୁରୁ ଦୟାନିଧିଙ୍କର ସେ ଦିନର ମନ୍ତବ୍ୟ- - -

ଡା. ନିବେଦିତା କିଛି କହିବାର ଉଦ୍ୟମ କରୁ କରୁ ଆରଣ୍ୟକ କହି ଉଠିଥିଲେ ଆପଣ ତାର ନୈପଥ୍ୟ ଗୁରୁ । କିଛି ନ କହି ଅଳ୍ପ ହସିଲେ ଶ୍ରୀ ଅଧିକାରୀ । ଆରଣ୍ୟକଙ୍କର ବଡ ଭାଇ ତାଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ । ଆରଣ୍ୟକ ଯେତିକି ମାପି ଚୁପି କଥା କହନ୍ତି ସେ ପୁରା ଓଲଟା । କାହାକୁ କଣ କୁହାଯାଏ, କେଉଁଠି କେମିତି କୁହାଯାଏ, କଣ କହିଲେ କାହା ମନରେ ଆଘାତ ଲାଗିବ ସେ ସବୁ ଚିନ୍ତା କରିବା ତାଙ୍କ ଆଦର୍ଶର ବାହାରେ । ହଠାତ୍ କହି ଉଠିଲେ, ନୈପଥ୍ୟ ଗୁରୁ- - - ତେବେ ସେ ଆପଣଙ୍କ ପାଇଁ ଏକଲବ୍ୟ ଆଉ ଆପଣ ତାଙ୍କ ପାଇଁ ଦ୍ରୋଣାଚାର୍ଯ୍ୟ ।

ତାଙ୍କର ଭଏସ୍ ବକ୍ସଟାକୁ ଗୁରୁ ଦକ୍ଷିଣା ମାଗନ୍ତୁନା, ଦେଖିବା ତାଙ୍କର ପ୍ରତିକ୍ରିୟା । ଡା. ନବେଦିତା ଲକ୍ଷ୍ୟ କଲେ ଏଇ କଥା ପଦକରେ ଶ୍ରୀ ଅଧିକାରୀ ଆଦ୍ର ହୋଇ ଉଠିଲେ । କାହାରି ମୁହଁରେ କଛି କଥା ନାହିଁ । ଟିକଏ ସମୟ ପରେ ସେ ମୁହଁ ଖୋଲିଥିଲେ । ମୁଁ ନବେଦିତା ଦେବୀଙ୍କର କଣ୍ଠ ସ୍ୱର ନେଇ ଗର୍ବ କରୁଛି । ତାହା ଭଗବାନଙ୍କର ଦାନ । ଆମେ ତ ଛାର ମଣିଷ । ଭଗବାନଙ୍କ ଦାନ ଉପରେ ଆମେ ବା କେମିତି ଅଧିକାର ସାବ୍ୟସ୍ତ କରି ପାରିବୁ । କଛି ନ କହି ଶ୍ରୀ ଅଧିକାରୀଙ୍କର ପାଦ ଛୁଇଁଥିଲେ ଡା. ନବେଦିତା । ୩୫ ବର୍ଷୀୟା ନବେଦିତା । ଅଙ୍ଗଦାନ କ୍ଷେତ୍ରରେ ବହୁତ ଆଗକୁ ବଢି ଯାଇଥିଲେ । ବଷ୍ଟନରେ ବିଶ୍ୱ ଅଙ୍ଗଦାନ ଡେ' ର ସଭା ଆୟୋଜନ । ଭାରତ ତରଫରୁ ଡା. ନବେଦିତା ନମନ୍ତ୍ରିତା । ସେ ଥିଲା ଡା. ନବେଦିତାଙ୍କ ପାଇଁ ପ୍ରଥମ ଆମେରିକା ଯାତ୍ରା । କାର୍ଯ୍ୟକ୍ରମ ଶେଷ ହେବା ପରେ ଭାରତ ପ୍ରତ୍ୟାଗମନ । ହେଲେ କାର୍ଯ୍ୟକ୍ରମର କର୍ତ୍ତା ଡାଃ. କେନଥ କେନଅନ୍ ତାଙ୍କୁ ଯିବାକୁ ଦେଇ ନଥିଲେ । ତାଙ୍କର ପତ୍ନୀ କାଥିରେମ୍ ବି ତାଙ୍କ ସଙ୍ଗେ ଏକମତ ହୋଇ ଥିଲେ । ସମସ୍ତେ ମିଶି କଣ୍ଟ୍ରି ସାଇଡ୍ ଭିଜିଟ୍ କରିବେ । ଦୁହେଁ ତାଙ୍କର ଟିକେଟ୍ ପୋଷ୍ଟପୋନ୍ କରିଥିଲେ ।

କାଲିଫୋର୍ନିଆର ସାକ୍ରେମେଣ୍ଟୋରେ କେନ୍ ଏବଂ କାଥିରେମ୍ ଦୁହିଁଙ୍କର ମା ବାପା ରହନ୍ତି । ୱାଣ୍ଡରଫୁଲ୍ ଆଇଡିଆ । କଣ୍ଟ୍ରି ସାଇଡ୍ ର ମଜା ନେବା ସଙ୍ଗେ ସଙ୍ଗେ ଦୁହିଁଙ୍କର ଆଇସୋଲେଟେଡ୍ ବୃଦ୍ଧ ମାତା ପିତାଙ୍କ ସଙ୍ଗେ ବି କେତେ ଦିନ ଖୁସିରେ କଟିଯିବ ।

ସକାଳୁ ସକାଳୁ ଆରମ୍ଭ ହୋଇଯାଏ ସାଇକ୍ଲିଙ୍ଗ୍ । ଭାରତ ଆଉ ଆମେରିକାର ସମୟରେ ବହୁ ବ୍ୟବଧାନ । ତେଣୁ ଖୁବ୍ ଶୀଘ୍ର ଡାଃ ନବେଦିତାଙ୍କର ଆଖି ଖୋଲିଯାଏ । ମିଳତ ନର୍ଦ୍ଧାରିତ ଚୁକ୍ତି ଅନୁସାରେ ସାଇକ୍ଲିଙ୍ଗ୍ ପରେ ସୁଙ୍ଗ ରେସ୍ତୁରାଣ୍ଟରେ ସାତଟାରେ ସମସ୍ତେ ଏକାଠି ହୁଅନ୍ତି । ସେ ଦିନ ଡାଃ ନବେଦିତାଙ୍କ ଆଖି ଖୁବ୍ ଶୀଘ୍ର ଖୋଲି ଯାଇଥିଲା । ନଜ ସାଇକେଲ୍ ଖଣ୍ଡକ ଧରି ବାହାରି ଯାଇଥିଲେ । ରାସ୍ତାଟି ଅନ୍ଧାରିଆ । ନୂଆ ରାସ୍ତାଟିଏ ବୋଧେ । ପରିଚତ ରାସ୍ତାକୁ ଆସିବା ପାଇଁ ଖୁବ୍ ଜୋରରେ ସାଇକେଲ୍ ର ପ୍ୟାଡାଲ୍ ଘୁରାଇ ଲାଗିଥିଲେ । ସାଇକ୍ଲିଷ୍ଟିଙ୍କର ଗତି ସୀମା ରୋଧ ପାଇଁ ଗୋଟିଏ କେବଲ୍ ରାସ୍ତା ଦୁଇକଡରେ ଦୁଇଟି ଗଛକୁ ଝୁଲି ଆସିଥିଲା । ଯାହା ତାଙ୍କ ଜ୍ଞାତରେ ନଥିଲା । ସେଇ କେବଲରେ ଆଘାତରେ ସେ ସବୁଦିନ ପାଇଁ ନଜର ଭଏସ୍ ବକ୍ସ ହରାଇଥିଲେ ॥ ତା ବ୍ୟତୀତ ଦ୍ରୁତଗାମୀ ସାଇକେଲରୁ ଛିଟିକ ପଡି ଗୋଟିଏ ବଡ ପଥର ଉପରେ ଛେଚ ହୋଇ ନଜର ଦୁଇଟି ଯାକ କଡନ ମଧ ହରାଇ ବସିଥିଲେ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ୨୦୫୧




ଅନୁପମ ବେହେରା

ଅଙ୍ଗାରକାମ୍ଳ ମାଡିବସିଥାଏ,
ଅମ୍ଳଜାନର ସ୍ଥାନ ।
ଅକାଳ ବାର୍ଦ୍ଧକ୍ୟ ନେଇଯାଏ,
ନୀରିହ ଯୌବନ ॥ ୧

ପ୍ଲାଷ୍ଟିକ୍ ଉଦରସ୍ଥ କରିସାରିଥାଏ,
ସ୍ୱର୍ଣ୍ଣଗର୍ଭା ପୃଥିବୀକୁ ।
ସୂର୍ଯ୍ୟଙ୍କର କ୍ରୋଧାଗ୍ନୀ ବ୍ୟଥିତ କରୁଥାଏ,
ସମଗ୍ର ଜୀବଜଗତକୁ ॥ ୨

ଅଦୃଶ୍ୟ ବାୟୁମଣ୍ଡଳ ଛଟପଟ ହେଉଥାଏ,
ବିଷାକ୍ତ କୁହୁଡିର ମାୟାଜାଲରେ ।
ପାଣି ମୁନ୍ଦାଏ ପାଇଁ ପୃଥିବୀ ଓଦା ହେଇଯାଏ,
ନୀରିହର ରକତ ଛିଟାରେ ॥ ୩



ଆଣ୍ଟାର୍କଟିକାର ହିମଖଣ୍ଡ ଶେଷ ନଶ୍ୱାସ ଛାଡିଥାଏ,
ବିଶାଳ ମହାସାଗର ଗର୍ଭରେ ।
ରାତିର ଅନ୍ଧାରଟା ଲାଗୁଥାଏ ଆହୁରି ଭୟଙ୍କର,
ଅସହ୍ୟ ଥଣ୍ଡାର ପ୍ରକୋପରେ ॥ ୪

ସମଗ୍ର ଜୀବସତ୍ତାର ବିଲୁପ୍ତି ଦୁଃଖରେ ଜର୍ଜରିତ ପୃଥିବୀ,
ଚୁପ୍‌ଚାପ୍ ସହୁଥାଏ ହଜାରେ କୋଟି ମଣିଷର ବୋଝ ।
ନୂଆ କଛି ପରିବର୍ତ୍ତନର ଆଶା ନେଇ,
ପ୍ରକୃତି ନଜକୁ କରୁଥାଏ ସଜ ॥ ୫

ଧରିତ୍ରୀର ସବୁଜିମା ହଜିଯାଇଥାଏ,
ଅଗନାଅଗନ କଂକ୍ରିଟ୍ ଜଙ୍ଗଲ ମଧ୍ୟରେ ।
ନୀରିହ କୋମଳମତି ଶିଶୁଙ୍କର ବୁକୁ ଥରୁଥାଏ,
ପରମାଣୁ ଯୁଦ୍ଧର ଅକଳ୍ପନୀୟ ଭୟାବହତାରେ ॥ ୬

ବିଜ୍ଞାନ ଓ ପ୍ରଗତିର ଡିଣ୍ଡିମ ପିଟି,
ଦ୍ରୁତ ଗତିରେ ଆଗେଇଚାଲିଥିବା ମଣିଷ ।
ଏମିତି ଏକ ସୋପାନରେ ପହଞ୍ଚିଥାଏ,
ଯେଉଁଠି ଆଗକୁ ଥାଏ ଖାଲି ସର୍ବନାଶ ॥ ୭

ପୃଥିବୀର ନଗ୍ନତା ଲୁଚଯାଇଥାଏ,
ମନୁଷ୍ୟକୃତ ପ୍ଲାଷ୍ଟିକ୍ ବସ୍ତ୍ର ତଳେ ।
ମଣିଷ ଖୋଜୁଥାଏ ନିଜ ଆତ୍ମୀୟଙ୍କୁ,
ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତି ମେଳେ ॥ ୮

ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ବସବାସ କରି,
ମଣିଷ ଭୁଲିସାରିଥାଏ ଧୂଳିମାଟିଭରା ପୃଥିବୀକୁ ।
ଏକବିଂଶ ଶତାବ୍ଦୀର ଶିଶୁ ଭୁଲିଯାଇଥାଏ,
ତା ଅତିଆପଣାର ଜହ୍ନମାମୁଁକୁ ॥ ୯

ପ୍ରକାଣ୍ଡ ଇଲେକ୍ଟ୍ରୋନିକ୍ ସ୍ତୁପ ତଳେ,
ହଜିଯାଇଥାଏ ନୀରିହ ପୃଥିବୀର କୋମଳତା ।
ସହ୍ୟ କରୁଥାଏ ମଣିଷ ନଇତି,
ବନ୍ୟା ବାତ୍ୟା ଭୂମିକମ୍ପର ଭୟାବହତା ॥ ୧୦

ନାନାଦି ରୋଗର ବାହୁବେଷ୍ଟନୀରେ ଆବଦ୍ଧ ମଣିଷ,
ଛାଡୁଥାଏ ତ୍ରାହି ତ୍ରାହି ଚତ୍କାର ।
ଅତି ବାଇଗଣୀ ରଶ୍ମୀ ଧସେଇ ପଶୁଥାଏ,
ଛିଦ୍ର କରି ଓଜନ ସ୍ତର ॥ ୧୧

ବାୟୁମଣ୍ଡଳର ଶେଷ ସୀମାରେ,
ନଇତି ପ୍ରାଣ ହାରେ କୃତିମ ଉପଗ୍ରହଟିଏ ।
ଇନ୍ଧନର ଘୋର ଅଭାବ ହେତୁ,
ଯାନବାହନର ପ୍ରାୟ ଆବଶ୍ୟକତା ନ ଥାଏ ॥ ୧୨

ଚୋରୀ ଡକାୟତୀ ହତ୍ୟା ଧର୍ଷଣ,
ଆଦି ଥାଏ ନହାତି ସାଧାରଣ ଘଟଣା ।
ମଣିଷ ଆଉ ମଣିଷ ହୋଇ ନ ଥାଏ,
ହଜେଇଦେଇଥାଏ ତା ମଣିଷପଣିଆ ॥ ୧୩

ନିଜ ହାତରେ ନିଜେ ହତ୍ୟା କରି,
ନିଜ ଜନ୍ମଦାତ୍ରୀ ପୃଥିବୀକୁ ।
ନୂଆ ଏକ ବାସପଯୋଗୀ ଗୃହ ଖୋଜିବାକୁ,
ମଣିଷ ଚାଲିଯାଇଥାଏ ଅନେକ ଆଲୋକବର୍ଷ ଦୂରକୁ ॥ ୧୪

ବଘିଆପଡା, ବୌଦ୍ଧ, ଓଡିଶା।



# ଜୀବନର ଚକ୍ର



ଦେବସ୍ମିତା ବେହେରା

ଜୀବନର ଚକ୍ର!
ସାଥେ ନେଇ ଆସେ ସୁଖ କେବେ କେବେ
ଦୁଃଖର ଅତଳ ସାଗରକୁ କରି ଅତିକ୍ରମ
ସ୍ୱପ୍ନର ମହଲ ଗଢାହୁଏ ନିତି
ମହଣେ ଦୁଃଖର ପରଳ ତଳେ
ଐଶ୍ୱର୍ଯ୍ୟ ପ୍ରାପ୍ତିର ଲାଳସାରେ ଅବା
ସୁଖର ଜୀଇଁବାର ମୋହ
ବ୍ୟତିବ୍ୟସ୍ତ କରେ ପ୍ରତିକ୍ଷଣେ ପ୍ରତି ମୂହୁର୍ତ୍ତରେ ।
ଜୀବନର ଚକ୍ର!
ସାଥେ ଆଣେ କର୍ତ୍ତବ୍ୟ ଆଉ ଦାୟିତ୍ୱର ବହନ
ଦାୟିତ୍ୱର ଦାରୁଣ ତାଡନାରେ
ସୁଖୀ ଅବା ଦୁଃଖୀ ମୋର ଏଇ ଟିକି ମନ
ପାରେନା କହିଛି ବି ଜାଣି
କାହିଁକି କେଜାଣି ମୋତେ ଲାଗେ ବାରମ୍ବାର
ସୁଖରେ ପରିପୂର୍ଣ୍ଣ ମୋର ଏ ସଂସାରରେ
କେଉଁଠି ଯେମିତି ରହିଯାଇଛି କିଛି
ଅଧାଗଢା ସ୍ୱପ୍ନର କୋଣାର୍କ ଆଉ
ଅତୀତର କିଛିଟା ଅଲିଭା ସ୍ମୃତି
ଯାହା ଭ୍ରମ ସୃଷ୍ଟି କରେ ସୁନ୍ଦର ସ୍ୱର୍ଗର ।
ଜୀବନର ଚକ୍ର!
ଲକ୍ଷ୍ୟହରା ବସ୍ତୁମୟ ଜୀବନରେ
ଅହଂକାର, କପଟପଣର ଘନ ଘନ ଅଙ୍ଗୀକାର
ବଢାଏ ମୋର ଅବସାଦର ଭାର
ତଥାପି ମୋ ଜୀବନ ରଥ ଗଡି ଚାଲିଥାଏ

ସୁଖ, ଦୁଃଖ, ପାପ, ପୁଣ୍ୟ, ଆନନ୍ଦ, ବିଷାଦ
ଆଉ ଘଟଣା ଦୁର୍ଘଟଣାକୁ ସାଥେ ଧରି!
ଜୀବନର ଚକ୍ର!
ମନ ଅଗଣାରେ ଖେଳାଏ ଅସଂଖ୍ୟ ସ୍ୱପ୍ନ
ଠିକ୍ ରୂପସୀ ମାଲ୍ୟାଣିର ପସର୍ ପରି
ଜୀବନର ଚକ୍ର ଘୁରୁଥାଏ ଅହରହ ଦିବାନଶି
ସୁଖଦୁଃଖର ଲେଖା ଯୋଖାକୁ ଧରି
ଇଏ ପର୍ ଦୁନଆର ରୀତି
ଯେମିତି ଦିନ ପରେ ରୃତି
ବାଲ୍ୟାବସ୍ଥା ପରେ ଶୈଶବ, ଯୌବନ,
ଏବଂ ପରିଶେଷରେ ବୃଦ୍ଧାବସ୍ଥା
ଗୋଟିକ ପରେ ଗୋଟିଏ ଆସନ୍ତି ଯାଆନ୍ତି
ହୋଇ ହାତ ଧର୍ଧରି
ସଙ୍ଗେ ଧରି ଜୀବନର ଗୀତି ।
ଜୀବନର ଚକ୍ର!
ମଣିଷକୁ ସଚେତ କର୍ଏ ବେଳକୁବେଳ
ହେଲେ ଜାଣେନା ମୁଁ କାହିଁକି
ଆଜିର ମଣିଷ ଦୁଃଖରେ ଯାଉଛି ଭିଜି
ସହଜ ପ୍ରାପ୍ତିର ବାଟକୁ ଖୋଜି ଖୋଜି
ସମୟର ତାଳେ ତାଳେ
ତୁ ତାକୁ ସାନ୍ତ୍ୱନା ଦେଇ
ବାଣ୍ଟୁଥାଆ ଜୀବନ ଜୀଇଁବାର ଅସଲ ଅମୃତବାଣୀ ।



ୟୁନଟ୍ – ୯, ବାୟାବାବା ମଠ ଲେନ୍,
ଭୁବନେଶ୍ୱର - ୭୫୧୦୨୨

# ଦୁଇଟି ଅଣୁଗଳ୍ପ



ଦୀପକ ଷଡଙ୍ଗୀ

## ପରୀକ୍ଷା

"ଏଥର କପିର ଗୁନ୍ସ ନାହିଁ । କପି ଦେଖିଲେ ଖାତା ଛଡେଇ ନେଇ ଏମପି କରିଦିଅ । ଗେଟରେ ଭଲ କ ଚେକିଂ କର" ସ୍କୁଲର ମୁଖ୍ୟ ଫାଟକ ଆଗରେ ଛିଡା ହୋଇ ବଡ ଗମ୍ଭୀର ଭାବରେ ପରୀକ୍ଷା ସୁପରିଟେଣ୍ଡେଟ ପରୀକ୍ଷାର୍ଥୀ ଓ ଅଭିଭାବକ ମାନଙ୍କ ଆଡକୁ ଚାହିଁ କହୁଥାନ୍ତି । ସମସ୍ତଙ୍କ ମୁହଁରେ ଗୋଟିଏ କଥା - ସୁପରିଟେଣ୍ଡେଟ ଭାରି କଡା। ଦେଖିଲ୍ ମାନେ ପର୍ ଏମପି କରିଦେବେ ।

ପରୀକ୍ଷା ଆରମ୍ଭର କିଛି ସମୟ ପରେ ପୁରା ପଚାଶ ମାର୍କର ମଲ୍ଟିପଲ ଚୟେସର ଉତ୍ତର ଗୁଡା ଡାକସାରି ହଲରୁ ବାହାରୁ ବାହାରୁ ସୁପରିଟେଣ୍ଡେଟ ମହାଶୟ ରାଗ ଗରଗର ହେଇ କହୁଥିଲେ ଯେ "ଲାଷ୍ଟ ବେଞ୍ଚ୍ ପିଲା ଦି'ଟା ଙ୍କୁ ଏମପି କରିଦିଅ, ତମେ ମାନେ ଫେଲ୍ ହୁଅ କ ପାସ୍ ହୁଅ ଆମେ କଆଁ ଏତେ ରିସ୍କ ନବୁ ଯେ..."।

## ପାଏସ୍ ଭୋଜି

ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ପରିଚାଳିତ ହୋଇ ଥିବାରୁ ଶେଷ ଦିନ ଏକ ଭୋଜିର ଆୟୋଜନ କଲେ ସୁପରିଟେଣ୍ଡେଟ ମହାଶୟ । ଚକେନ୍ ହାଡକୁ କାଡୁମାଡୁ କରି ଚୋବାଉ ଚୋବାଉ ଜଣେ ପରୀକ୍ଷକ ସୁପରିଟେଣ୍ଡେଟ ମହଶୟଙ୍କୁ କହିଲେ "ସାର୍ ମଟନ୍ ଟିକେ ହେଇଥିଲେ ଭଲ ହେଇଥାନ୍ତା" ।

ସୁପରିଟେଣ୍ଡେଟ ମହାଶୟ ଚକେନ୍ ଝୋଳକୁ ହାପୁଡୁ ହାପୁଡୁ କହିଲେ ମୁଁ ତ କହୁଥିଲି ଲାଷ୍ଟ ଅଧଘଣ୍ଟାରେ ଲଙ୍ଗ୍ କୋଶ୍ଚିନ ଦି'ଟା ଡାକ ଦିଅ ବୋଲି, କେହି ତ ଶୁଣିଲନ । ସେତିକ ଯଦି ତମେ ମାନେ କରିଥା'ନ୍ତ ତେବେ ଆଜି ମଟନ କଣ, ତା ସହ ପାଏସ୍ ବି ହୋଇଥାନ୍ତା ।


ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦



ନୃସିଂହ ଚରଣ ବେହେରା

# ସମ୍ବୋଧନ

ଏଇ ସମ୍ପର୍କର ଡୋରୀରେ କଣ ଥାଏ କେଜାଣି
ପଦଟିଏ କଅଁଳଆ କଥାରେ ରାଗିଥିବା ମନ
ଓଦା ହୋଇଯାଏ ଗୋଟାପଣେ ।
ଭିଜିଯାଏ ଆତ୍ମାର ସମଗ୍ର ସତ୍ତା
ସ୍ନେହବୋଳା ପଦିଏ ସମ୍ବୋଧନରେ
ଉଷୁମ ନିଃଶ୍ୱାସ ପ୍ରଶ୍ୱାସର ଅର୍ଗଳରେ
ନିଃଶବ୍ଦରେ ତରଳଯାଏ ବରଫ ପରି
ମାନ ଅଭିମାନର ପାହାଡ଼ ।
ଅନ୍ତହୀନ ଦୁଃଖର ଆକାଶରେ
ଖେଳଯାଏ କ୍ଷଣିକ ସୁଖର ଆଲୋକ
ଜୀବନର ଧୂମିଳ ଛାୟା ପଥରେ
ଚକା ଭଉଁରୀ ଖେଳୁଥିବା ଦ୍ୱନ୍ଦ
କ୍ଷଣିକରେ ମିଳେଇଯାଏ ସମ୍ପର୍କର ବିଶ୍ୱାସରେ ।
ସମ୍ପର୍କର ଦୋହଲୁଥିବା ରଜ୍ଜୁରେ
ସବୁ ଋତୁ ହୋଇଯାଏ ଏକାକାର
ଏଠି ସବୁ ଦିନ ହୋଇଯାଏ ବଡ ଦିନ
ଆଉ ସବୁ ରାତି ହୋଇଯାଏ
ଅସରନ୍ତି ସ୍ୱପ୍ନର ଗନ୍ତାଘର
ଯେପରି ବୁଢୀ ମା ର ନାନାବାୟା କାହାଣୀ ।



ସ୍ନେହବୋଲା ସମ୍ବୋଧନଟେ

ସ୍ୱପ୍ନର କାନଭ୍ସରେ ବିଶ୍ୱାସର ତୂଳୀଧରି

ଭରିଗ୍ଲେ ଇନ୍ଦ୍ରଧନୁର ସପ୍ତରଙ୍ଗ

ହାଏ! ଆଜିର ଏ ଦୁନଆର

ସମ୍ପର୍କ ଯେଉଁଠି ସ୍ୱପ୍ନ

ସେଠି ଅନ୍ଧକାରରେ ହଜିବା ପୂର୍ବରୁ

ପର ଆପଣାର ଗ୍ବରିଛକରେ

ଅଜଣା ମଣିଷ ଅସହାୟ ହୋଇ

ଖୋଜି ଗ୍ଲିଛି ନଶ୍ଚିତ ଏକ ଦୃଢ

ନୂତନ ସମ୍ବୋଧନ ।

ଭୋଇନଗର, ଭୁବନେଶ୍ୱର

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭ୍ବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭ୍ଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସଂଗ୍ରହ

ମୂଳ ରଚନା ( ବଙ୍ଗଳା) : ସୁମନ ଗୁନ୍
ଓଡିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ

ପ୍ରତିଦିନ ଭୋର ସାଢେ ଗ୍ଟରିଟା ଆଗେ ପତଳା କଳାଝିଅ ଦୁଇ
ବି.ଟି. ରୋଡ ପାର ହୋଇ ଆସନ୍ତି ।
ପିଠିରେ ବଡ ପ୍ଲାଷ୍ଟିକ୍ ବ୍ୟାଗ, ହାତେ ଆଡେଇ ଆଡେଇ
ଭରି ନଅନ୍ତି କାଗଜ, ବୋତଲ, ଚପଲ ଆହୁରି କେତେ କଣ ।
ସବୁବେଳେ ଆଣ୍ଟେଇ ପଡନ୍ତି ବର୍ଜ୍ୟର ଅବଶିଷ୍ଟାଂଶରେ ।

ଛ ଟା ଆଗେ ସେମାନେ ଗ୍ଟଲିଯାନ୍ତି,
ନଦ ଭଙ୍ଗି ଉଠେ ମଣିଷ
ପୁନର୍ବାର ଉଚ୍ଚ ବାଲକୋନ, ଛାତ, ଝରକା ଦେଇ ଛୁଟିଆସେ
ସହରେ ଖେଳଯାଏ ସଭ୍ୟତାର ପ୍ରକାଶ୍ୟ ମଇଳା
ପଡିଆ ଜଳାଶ୍ରୟ ଚଉଡା ରାସ୍ତାରେ

ପୁଣି ପରଦିନ ଭୋର ସମୟେ ପତଳା କଳା ଝିଅ ଦୁଇ
ବି.ଟି. ରୋଡ ପାର ହୋଇ ଆସନ୍ତି
ଏଇସବୁ ଅଳଆରୁ ଖୋଜି ନେବାକୁ
ବଞ୍ଚିବାର ଗୋପନ ଅବଶିଷ୍ଟାଂଶ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ଶେଷ ଠିକଣା



ଇଂ. ସାରଦା ପ୍ରସାଦ ପରିଡା

"ଆଉ କଣ ଅଛି ଯେ ସେ ଗାଁ ରେ । ଏଇଠି କଣ ସଂସ୍କାର କରିଦେଲେ ହୁଅନ୍ତା ନ । ବୋଉ ର ଗୋଟାଏ ଅଯଥା ଜିଦ, ବାପଙ୍କର ଶେଷ ଇଚ୍ଛା ଥିଲା ଗାଁ କୁ ଯିବେ । ଏମିତି ତ କେତେ ଇଚ୍ଛା ତାଙ୍କର, ସବୁ ଇଚ୍ଛା କଣ ପୁରା କରିହବ ନା କଣ ।" ମନେ ମନେ ଭୀଷଣ ବିରକ୍ତ ହେଉଥିଲେ ନିରଞ୍ଜନ ବାବୁ । ଅଯଥା କଥା ଗୁଡାକ ନକଲେ ହୁଅନ୍ତାନି । ବାପାଙ୍କ ଚିକତ୍ସା ରେ ଏତେ ଗୁଡାଏ ଟଙ୍କା ପାଣି ପରି ଖର୍ଚ୍ଚ କରିବା ପରେ ଯେମିତି ନିରଞ୍ଜନ ବାବୁ ଆଉ ସଂସ୍କାର ପାଇଁ ବାପାଙ୍କୁ ଦିଲ୍ଲୀ ରୁ ଗାଁ ଆଣି ଅଯଥା ଖର୍ଚ୍ଚାନ୍ତ ହେବା କୁ ଚାହୁଁ ନଥିଲେ । ତା ଛଡା ସେ ସେଠି କାହାକୁ ଚିହ୍ନିଛନ୍ତି ଯେ । ବଡ ବାପା, ବଡ ବୋଉ ଆଉ ସୁରଞ୍ଜନ ଭାଇ ଙ୍କୁ ଛାଡି ଦେଲେ ବୋଧ ହୁଏ ଆଉ ସମସ୍ତେ ଅଚିହ୍ନା, କିଏ ଆସି ଏ ସମୟରେ ତାଙ୍କୁ ସାହାଯ୍ୟ କରିବ । ଆଉ ସେ ବା କାହାକୁ ଚିହ୍ନିଛନ୍ତି ଯେ, ବୋଲିଟାଏ ବରାଦ କରିବେ । ହେଲେ ବାପଙ୍କୁ ହରେଇବା ପରେ, ମନ ଭିତରେ ଏତେ ଗୁଡାଏ ଅସନ୍ତୋଷ ଆଉ ଅଭିଯୋଗ ଥିଲେ ବି ମା କୁ କହିବା ଉଚିତ ମଣିଲେ ନାହିଁ । କଥା ହେଲା କେବଳ ବାପାଙ୍କ ଦାହ ସଂସ୍କାର ଗାଁରେ କରିଦେଇ ସେମାନେ ପୁଣି ସନ୍ଧ୍ୟା କୁ ଦିଲ୍ଲୀ ଫେରି ଆସି ସେଠି ବାକି କାମତକ କରିବେ । ଯୋଜନା ମୁତାବକ ବାପାଙ୍କ ଶବ ନେଇ ନିରଞ୍ଜନ ବାବୁ ପହଞ୍ଚିଲେ ଦିଲ୍ଲୀ ବିମାନ ଘାଟିରେ, ସେଠି ସାଥି କହିଲେ ମାତ୍ର ହାତ ଗଣତି ଦି ଚାରି ଜଣ ବନ୍ଧୁ, ନିଜର ଭୃତ୍ୟ, ଆଉ ଅଧସ୍ତନ କର୍ମୀ । ବାକି ସବୁ ତ ସମବେଦନା ଡାକ୍ତରଖାନା ରୁ ଜଣେଇ ଚାଲିଯାଇଥିଲେ । ବାକି ଯିଏ ଖବର ପାଇଲେ ମିଛି ମିଛି କା ଦୁରଭାଷ କଲେ, ଯେଉଁଥିରେ ନ ଆସିପାରିବାର ଦୁଃଖ ଠାରୁ ବାହାନାର ମାତ୍ରା ଥିଲା ଅଧିକ ।

ଭୋର ଚାରିଟା ବିମାନରେ ଭୁବନେଶ୍ୱର ରେ ପହଞ୍ଚି କାଗଜ ପାତ୍ର କାମ ସାରି ସିଧା ଚାଲିଲେ ଗାଁ ଅଭିମୁଖେ । ଯେତେ ଶୀଘ୍ର କମ ସାରି ପୁଣି ସନ୍ଧ୍ୟାରେ ଫେରିବାକୁ ହେବ । ଗାଁ ଗାଉଁଲି

କଥା ସୁରଞ୍ଜନ ଭାଇ ବୁଝିନେବେନ । ପଇସା ପତ୍ର ଯାହା ଖର୍ଚ୍ଚ ହେଉଛି ହେଉ, ସେଥିକୁ ଡର ନାହିଁ, ଯଥା ସମୟରେ କାମ ହୋଇଯିବା ଦରକାର ।


ପାଖ ପାଖି ଦିନ ଦଶଟା ବେଳକୁ ସେମାନେ ପହଞ୍ଚିଲେ ଗାଁରେ । ସବୁ କଛି ନୂଆ ନୂଆ ଲାଗୁଥାଏ ତାଙ୍କୁ । ଲୋକ ବାକ, ରାସ୍ତା ଘାଟ ସବୁ କଛି ନୂଆ, ପିଲା ବେଳେ ବୋଧ ହୁଏ ତାଙ୍କ ଜେଜେବାପା ଙ୍କ ଶୁଦ୍ଧି କର୍ମ ସମୟରେ ଆସିଥିଲେ ସେ । ପଇଁତିରିଶ ଚାଳିଶ ବର୍ଷର ଘଟଣା । ଗୋଟାଏ ଯୁଗ କହିଲେ ଭୁଲ ହେବନ । ସେମାନଙ୍କର ଆସିବାର ଖବର ବହୁତ ଆଗରୁ ପହଞ୍ଚି ଯାଇଥିଲା ଗାଁରେ । ଗାଁ ଟା ଯାକ ଚଳ ଚଞ୍ଚଳ, ଗାଡି ଗାଁ ମୁଣ୍ଡ ଦେଇ ପଶୁ ପଶୁ ଯେମିତି ବିଦ୍ୟୁତ ବେଗରେ ଖବର ପହଞ୍ଚିଲା ଗାଁ ଟା ଯାକ । ଯିଏ ଯେଉଁଠି ଥିଲେ ଧାଇଁ ଆସିଲେ ଗାଡି ପଛେ ପଛେ । ଦାଣ୍ଡ ଦୁଆର ମୁହଁ ଏରୁଣ୍ଡି ବନ୍ଧରୁ ଉଣ୍ଡି ଚାହୁଁଥିଲେ କୁଳ ଭୁଆସୁଣୀ । ସମସ୍ତଙ୍କ ଆଖି ଅଶ୍ରୁ ଛଳ ଛଳ । ପିଲା ଠାରୁ ବୁଢା ଧାଇଁଆସୁଥାନ୍ତି ଗାଡି ପାଖକୁ । ଜଣେ ଅତି ନଜର ସମ୍ପର୍କୀୟ କୁ ହରାଇଲା ଭଳି କେଇ କ୍ଷଣ ଭିତରେ ଆବୋରି ନେଉଥାନ୍ତି ସଭିଏଁ । ସେଇ ଆବୋରିବା ପଣରେ ନା ଥାଏ ରଙ୍ଗ ବୋଳା ଦରଦ ନା ଘଷାମଜା ଆତ୍ମୀୟତା । ଅଛି କେବଳ ନିଛକ ସ୍ନେହ ଆଉ ଭଲ ପାଇବା, ଯା'ର ପୂର୍ଣ୍ଣ ପବିତ୍ରତାର ଭୁରୁ ଭୁରୁ ସୁଗନ୍ଧ ଗଗନ ପବନ ପ୍ରକମ୍ପିତ କରୁଥାଏ ପ୍ରତୀଟି ଆଖିର ପୂଣ୍ୟ ଅଶ୍ରୁ ଜଳ ଆଉ ହୃଦୟର ଉଚ୍ଛ୍ୱାସ ।

କଥା ମୁତାବକ ସମସ୍ତ ପ୍ରକାର ଆୟୋଜନ ହୋଇସାରିଥାଏ ଆଗରୁ । ସାଇ ଭାଇଙ୍କୁ ସୁରଞ୍ଜନ ଭାଇ ଆଗରୁ ଜାଗ ତିଆର କରି ରଖିଥାନ୍ତି । ଏତେ ଗୁଡ଼ାଏ କାମ ସାରି ପୁଣି ଦିଲ୍ଲୀ ଫେରିବାକୁ ହେବ । ତହୁଁ ଘଡି କେଇଟା ଯାଇଛି କ ନାହିଁ କୋକେଇ ବାହାରିଲା ଗାଁ ମସାଣି ଆଡକୁ । ସେଠି ବି ପୂର୍ବ ପ୍ରସ୍ତୁତି ହୋଇ ରହିଥାଏ ସବୁକଛି । ଶବାଧାର ପଛେ ପଛେ ଚାଲି ଥାନ୍ତି ଜାତି ଭାଇ, ହରିନାମ ସତ୍ୟ, ରାମ ନାମ ସତ୍ୟ ଧ୍ୱନରେ । ହରେକୃଷ୍ଣ ହରେ ରାମ ସଙ୍କୀର୍ତ୍ତନରେ ଫାଟି ପଡୁଥାଏ ଗାଁ ଦାଣ୍ଡ । ଦାଣ୍ଡ ର ଦୁଇକଡରେ ଛିଡା ହୋଇଥାନ୍ତି ଗ୍ରାମବାସୀ, ଯିଏ ଯେମିତି ଭାବରେ ଆଖି ପୁରେଇ ଦେଖିନେବାକୁ ବ୍ୟଗ୍ର । କେତେ କେତେ ଲୋକ, ଯେଉଁମାନଙ୍କ ନାଁ ସୁଧା ଜାଣନ୍ତି ନାହିଁ ଅଜାଡି ଦେଉଥାନ୍ତି ଅକୁଣ୍ଠ ସାହାଯ୍ୟ ଆଉ ଆତ୍ମୀୟତା । ଯିବା ବାଟରେ ନିରଞ୍ଜନ ବାବୁ ଗୋଟି ଗୋଟି କରି ଲକ୍ଷ କରୁଥାନ୍ତି ପ୍ରତିଟି ଲୋକଙ୍କୁ । ମନେ ମନେ

ପ୍ରଶ୍ନ କରୁଥାନ୍ତି ନିଜକୁ "ଏ ଦରଦ ଅଜାଡିବାରେ କ ଲାଭ ଏ ମାନଙ୍କର, ଏମାନଙ୍କ ପାଇଁ କଣ କରିଛନ୍ତି ଯେ ବାପା ? " ଏମିତି ଅନେକ ଅବାନ୍ତର ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ ଶବାଧାର ପହଞ୍ଚିଲା ଗାଁ ମଶାଣୀ ରେ । ତହୁଁ ବାକ ଯାହା କର୍ମ କରିବା ପରେ, କେହିଜଣେ ନିରଞ୍ଜନ ବାବୁଙ୍କୁ ମୁଖାଗ୍ନି ଦେବାପାଇଁ କହିଲେ । ମୁଖାଗ୍ନି ଦେଇ ଏକମୁହାଁ ହୋଇ ଫେରୁଥାନ୍ତି ଘରକୁ । ଘରକୁ ଫେରିବା ବାଟରେ ଜଣେ ଅଶି ବୟାଅଶି ବର୍ଷର ବୃଦ୍ଧ ବ୍ୟକ୍ତି ନିରଞ୍ଜନ ବାବୁ ଙ୍କୁ ବୋଧ ଧରିବାକୁ କହିଲେ । ଆଉ କେଉଁଠୁ ସମ୍ଭାଳା ପଡୁଛୁ ଏଥର । ଲୁହ ମାନେ ଉଦ୍ଗିରଣ ହେବା ପରି ମନର ଦମ୍ଭ କୁ ଭାଙ୍ଗି ବାହାରି ଆସିଲେ କୋହ ଆଉ ଲୁହ ମାନେ । ଫେରୁ ଫେରୁ ଗୋଟାଏ ନିର୍ବୋଧ ଶିଶୁଟିଏ ପରି କଇଁ କଇଁ କାନ୍ଦୁଥାନ୍ତି ସେ । ବୋଧହୁଏ ପଶ୍ଚାତାପ ର ଅଶ୍ରୁ ବହଳ ମୋଟରେ ଝର ଆସୁଥିଲେ ଆଖି ଦୁଇଧାରୁ ହୃଦୟରୁ ହୀନମାନ୍ୟତା ଆଉ ଧାନ ସମ୍ପତ୍ତି ର ମୋହ କୁ ଧୋଇ ଦେଉ ଦେଉ । ଯେଉଁଠି ଜଳ ଜଳ ଦିଶୁଥିଲେ ସମ୍ପର୍କ, ଭଲପାଇବା ଆଉ ଆପଣାପଣର ନିଛକ ଚେହେରା ମାନେ ।

ଗାଁ ଉଦ୍ଦେଶ୍ୟ ରେ ଭାବି ଥିବା ଅନେକ କଥା ଯେମିତି ଭୁଲ ପ୍ରମାଣିତ ହେଉଥିଲା ଆଖିଆଗରେ। ଜୀବନ ତମାମ କର୍ମ ସନ୍ଧାନ ରେ ପ୍ରବାସ ରେ ରହି ଗାଁ କୁ ଶେଷ ଠିକଣା ରୂପେ ବାଛି ନେବାର ବାପାଙ୍କ ନିଷ୍ପତି ଖୁବ ଯଥାର୍ଥ ମନେ ହେଉଥିଲା ଯେମିତି । ତହୁଁ ପଶ୍ଚାତାପ ର ଅଶ୍ରୁ ଯେମିତି ନିଗିଡି ଆସୁଥିଲା ଆହୁରି ଜକ ଜକ ହୋଇ । ତା'ରି ଭିତରେ ନିରଞ୍ଜନ ବାବୁ ବାପାଙ୍କର ସମସ୍ତ କାର୍ଯ୍ୟ ଗାଁ ରେ କରିବା ର ନିଷ୍ପତି ନେଉ ନେଉ ଯେମିତି ନିଜର ଶେଷ ଠିକଣାର ନିଷ୍ପତି ନେଇସାରି ଥିଲେ ସେତେବେଳକୁ । ମୁଁ ହତବିମ୍ବ ଜଡ ଓଲା ଟାଏ ପରି ଗାଁ ଆଉ ସହର ଭିତରେ ନିଜର ଠିକଣା ଠଉରେଇବାରେ ବ୍ୟସ୍ତ ଥିଲି ସେତେବେଳେ ।

ଅଧ୍ୟାପକ, କୋଣାର୍କ ବିଜ୍ଞାନ ଓ କାରିଗରୀ ମହାବିଦ୍ୟାଳୟ, ଜଟଣୀ



# ଉଧାର



ସଚ୍ଚିଦାନନ୍ଦ ବାରିକ

ଧାର ମାଗିବାର ଅଛି ତ

ମାଗୁନ ପୁଳାଏ ମୋ ଅସରନ୍ତି ଦୁଃଖ ରୁ

ମାଗି ନେଇ ଯାଅ ନଇତି ଭାଙ୍ଗୁଥିବା ସ୍ୱପ୍ନ ରୁ ମୁଠାଏ

ଖାଲି କଣ ମାଗିଲେ ହବ ମୋ ମନକୁ

ମୋ ପଖରେ କୋଉ ଅଛି ଯେ!!

ଯଦି ମାଗିବାର ଅଛି ଶୂନ୍ୟତାକୁ

ଅନାୟାସରେ ନେଇ ପାର

ମୋ କଲୋମିଟର ବ୍ୟାପୀ ଶୂନ୍ୟତାରୁ ଯେତେ ଇଚ୍ଛା

କହିବ ଯଦି ପଟ୍ଟା କରିଦେବି ତମ ନାଁ ରେ

ସଜେଇ ଦିଅ ମୋ ମନକୁ ତମ ଅନୁସାରେ

ତମେ ଯଦି କହିବ ଏମ୍.ଓ.ୟୁ. ସାଇନ କରିଦେବି

ପବ୍ଲିକ ପାର୍ଟନର୍ଶିପ୍ ମୋଡ ରେ

ଯେତେ ଇଚ୍ଛା ଦଉଡି ପାର ଏକଡରୁ ସେକଡ

ଉଡାଇ ପାର ଭଲ ପାଇବାର ଜୟଗାଥାକୁ

ମନ ଇଚ୍ଛା ସଜାଇପାର ନଜ ସ୍ୱପ୍ନର ନୀଡକୁ

ପାଣି ଦେବାକୁ ମୁଁ ଅଛି

ମୋ ପାଖେ ଲୁହ ଭର୍ତି ଝରଣା ଟିଏ ବି ଅଛି

ଯାହା ଅଛି ମୋ ପାଖେ

ମାଗିଲେ ମୁଁ ଖୁସି ଖୁସି ଦେଇ ଦେବି

କନ୍ତୁ ତମେ ଯଦି ଖୋଜି ବସିବ

ଏ ମରୁଭୂମିରେ ଖୁସି ର ପାହାଡୀ ଝରଣା

ମୁଁ କେମିତି ଦେବି !

ମୋ ପାଖେ ଅଛି ଗୋଟେ ବିଶାଳ ହୃଦୟ

ଛୋଟିଆ ମନର ନିର୍ମଳ ଆକାଶ

ସ୍ମୃତି ସବୁ ଚକ ମିକ କରନ୍ତି

ଅହରହ ମୋ ମନର ଏକାନ୍ତ ଆକାଶେ

ମୁଁ ନୀଡ ଛାଡି ଯାଇଥିବା ଚଢେଇ ର ଅବାଞ୍ଛିତ ନୀଡଟିଏ

ଯାହା ଇଚ୍ଛା ତମେ ନେଇ ଯାଅ

ମୋତେ କେବଳ ଦେଇ ଯାଅ

ମୋତେ କେବଳ ଦେଇ ଯାଅ

ତମ ଭରସାରୁ ମୁଠିଏ

ହେଇ ଯାଅ ମୋ ପାଇଁ

ମୋ ଜୀବନ ବାଟରେ ହାତ ଧରି ଗ୍ଭଲୁଥିବା ସାଥିଟିଏ

ମୁଁ ଦେଇଦେବି ମୋ ଅବଶିଷ୍ଟ ସମୟକୁ ଖୁସି ଖୁସି ତମକୁ

ଉଧାର କଣ ଦେଇ ଦେବି ବିନା ଟଙ୍କାରେ

ଲେଖି ଦେବି ଅଗ୍ରିମେଣ୍ଟ ସାରା ଜୀବନ ତମ ନାଁ ରେ ॥

ବାପୁଜୀ ନଗର, ଭୁବନେଶ୍ୱର

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ମୁଁ ମଣିଷ ଟିଏ ନୁହେଁ ଖେଲଣା



ଶୁଭମ ନାୟକ

ମୁଁ ତୁମ ପରି ମଣିଷ ଟିଏ
ନୁହେଁ ଖେଲଣା
ଆଖି ସାଥି ଖୋଜି ପାଇଥିଲି
ସେ ଭାବି ନେଲି ଆପଣା
ତୁମ ପାଇଁ ସୁନା ସପନ ବୁଣିଥିଲି
ଆଜି ତୁମ ଶୁତିରେ ଢାଳେ ଅଶ୍ରୁ ଝରଣା ॥ ୧ ॥

ମୁଁ ତୁମ ପରି ମଣିଷ ଟିଏ
ନୁହେଁ ଖେଲଣା
ମୋର ହୃଦୟ ସାଥେ କାହିଁକି
ଖେଳଗଲ ମୁଁ ଜାଣେନା
ଦିନେ ତୁମ ଓଠ କହୁଥିଲି ମୋର ନା
ଆଜି ତୁମ ଓଠ କହୁଛି ମତେ ଜାଣେ ନା ॥ ୨ ॥

ମୁଁ ତୁମ ପରି ମଣିଷ ଟିଏ
ନୁହେଁ ଖେଲଣା
ମୁଁ ଥିଲି ନୁଆଁ ବାଟୋଇ ଟିଏ
ହୋଇ ଯାଇଛି ବାଟ ବଣା
ମୁଁ ତୁମ ପାଇଁ ଥିଲି ପ୍ରେମିକ ଭଅଁର
ବାୟା କରିଥିଲି ତୁମ ଗଭର ବାସନା ॥ ୩ ॥

ମୁଁ ତୁମ ପରି ମଣିଷ ଟିଏ
ନୁହେଁ ଖେଲଣା
ମୋ ହୃଦୟ ଖୋଜି ପାଇଥିଲି
ନିଜ ହୃଦୟର ଠିକଣା
ଭାଙ୍ଗିଦେଇ ଚାଲିଗଲ କରି ଛଳନା
ମୋ ହୃଦୟ କୁ ଭାବି ନେଲ କାଚ
ଆଇନା ॥ ୪ ॥

ମୁଁ ତୁମ ପରି ମଣିଷ ଟିଏ
ନୁହେଁ ଖେଲଣା
ମୁଁ ଥିଲି ପ୍ରେମ ଚଢେଇ ଟିଏ
ଏକ ଉଡିବାର ପାଉଣା
ମତେ ଆଜି ବଞ୍ଚି ଥାଉ ତଥାପି ଲାଗେ
ମୁଁ ଆଉ ତୁମବିନା ବଞ୍ଚିପାରେନା ॥୫ ॥

ତସଲଡିହି, ସୁନ୍ଦରଗଡ, ଓଡିଶା

# ଇମ୍ଫାଲ, ମଣିପୁର

## ( ମିଛ ସହିଦଙ୍କ ସମାଧି)

ପ୍ରିୟବ୍ରତ ପାତ୍ର

- ଧାରାବାହିକ ଭ୍ରମଣ କାହାଣୀ-

ଖାଦ୍ୟାଭାବ, ଜଳାଭାବ, ଗୁଳିଗୋଳା ତଥା ସାମରିକ ଅସ୍ତ୍ରଶସ୍ତ୍ରର ଅଭାବରେ ଜାପାନ - INA ମିଳିତ ସେନା କ୍ରମଶଃ ଦୁର୍ବଳ ହୋଇ ପଛଘୁଞ୍ଚା ଦେବାକୁ ବାଧ୍ୟ ହେଲେ। ଜାପାନର ବାୟୁସେନା ଆଦୌ କିଛି ସାହାଯ୍ୟ କଲାନାହିଁ। ଇମ୍ଫାଲ ଯୁଦ୍ଧ ଲଢୁଥିବା କର୍ଣ୍ଣେଲ ପ୍ରେମ୍ ସେହଗଲ୍ ନିଜର ଅନୁଗାମୀ ଫୌଜୀଙ୍କ ସହ ୧୯୪୪ ମସିହା ଅପ୍ରିଲ୍ ୨୫ ତାରିଖରେ ଗୋର୍ଖା ରେଜିମେଣ୍ଟ୍ ପାଖରେ ଆତ୍ମସମର୍ପଣ କରିଥିଲେ। ରାଣୀ ଝାନସୀ ରେଜିମେଣ୍ଟର ନେତୃତ୍ୱ ନେଉଥିବା କ୍ୟାପଟେନ୍ ଲକ୍ଷ୍ମୀ ସେହଗଲ୍ ବର୍ମାର ଘନ ଜଙ୍ଗଲ ଭିତରେ ଯୁଦ୍ଧ କରୁଥିବା ସମୟରେ ବର୍ମାରେ କାମ କରୁଥିବା କରେନ୍ ଗରିଲାଙ୍କ ଦ୍ୱାରା ଗିରଫ ହୋଇଥିଲେ। ୧୭୦୦୦ ଜଣ INA ଫୌଜୀଙ୍କ କୋର୍ଟ ମାର୍ସଲ୍ ଲାଲ୍ କିଲ୍ଲାଠାରେ ଇଂରେଜ ସେନାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଇଂଲଣ୍ଡ ସରକାରଙ୍କ ହସ୍ତକ୍ଷେପ ଫଳରେ ୧୯୪୬ ମସିହାରେ ସମସ୍ତ ଫୌଜୀ ନିର୍ଦ୍ଦୋଷରେ ମୁକ୍ତ ହୋଇଥିଲେ।

ଏହା ଥିଲା ଇମ୍ଫାଲ୍ ଯୁଦ୍ଧର ଏକ କ୍ଷୁଦ୍ର ଚିତ୍ରପଟ। ଆମର ଦୁର୍ଭାଗ୍ୟ, INA ସେନାନୀଙ୍କ ବଳିଦାନକୁ ମନେରଖିବା ପାଇଁ ଇମ୍ଫାଲ୍ ମାଟିରେ ଗୋଟିଏ ମଧ୍ୟ ସ୍ମାରକୀ ତିଆରି ହୋଇନାହିଁ। ମିଛ ସହିଦଙ୍କ ପାଇଁ ନିର୍ମିତ ଯୁଦ୍ଧ ସ୍ମୃତି-ସ୍ମାରକୀ ପରୋକ୍ଷରେ ସେଇ ବିସ୍ମୃତ ବୀରଙ୍କୁ ମନେପକାଇ ଦେଉଥିଲା। ଆମର ସହିଦଙ୍କୁ ମନେ ପକାଇବା ପାଇଁ ସେତିକ ହିଁ ଯଥେଷ୍ଟ।

## ଜାପାନ ଆକ୍ରମଣ: ଗୁଜବ ଓ ପରିଣତି

ଯୁଦ୍ଧ ବେଳେ ଅସ୍ତ୍ରଶସ୍ତ୍ର, ସୈନ୍ୟବଳ, ସମର କୌଶଳ, ରାଜନୈତିକ ତତ୍ପରତା, ଷଡଯନ୍ତ୍ର, ଗୁପ୍ତ ତଥ୍ୟ ସଂଗ୍ରହ ଆଦିର ପ୍ରମୁଖ ଭୂମିକା ଥାଏ। ତାହା ସାଥେ ସାଥେ "ଗୁଜବ" ର ମଧ୍ୟ ଏକ ପ୍ରମୁଖ ଭୂମିକା ଥାଏ। ଏହି ଗୁଜବ ଏପରି ଶକ୍ତିଶାଳୀ ହୋଇଥାଏ ଯେ ବେଳେବେଳେ ଯୁଦ୍ଧର ଗତିକୁ ମଧ୍ୟ ବଦଳାଇ ଦେଇଥାଏ। ହାରି ଯାଉଥିବା ଦଳଟି କ୍ରମେ ବିଜୟୀ ହୋଇଥାଏ। ପୃଥିବୀର ବହୁ ଯୁଦ୍ଧର ଇତିହାସରେ ତାର ବହୁଳ ଉଦାହରଣ ଦେଖିବାକୁ ମିଳିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ, ଏହି ମନସ୍ତାତ୍ତ୍ୱିକ ସତ୍ୟକୁ ନେଇ ବହୁତ କିଛି ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଯୋଜନାବଦ୍ଧ ଭାବେ ପ୍ରଚାର କରାଯାଇଥିବା ମିଥ୍ୟା ଗୁଜବ ଗୋଟିଏ

ଦେଶର କୋଟି କୋଟି ଜନତାଙ୍କୁ ମୋହଗ୍ରସ୍ତ କରି ପକାଉଥିଲା । ଏପରିକି ଜାତୀୟତାବାଦ ନାମରେ ଦେଶବାସୀଙ୍କୁ ଏକଯୁଟ କରାଯାଉଥିଲା ଏବଂ ହାଣ ମୁହଁକୁ ଠେଲି ଦିଆଯାଉଥିଲା ।

ହିଟଲର୍ ଗୁଜବ ସୃଷ୍ଟି କରିଥିଲେ ଯେ ସେମାନଙ୍କ ଜର୍ମାନ ଜାତି ହେଉଛନ୍ତି ପୃଥିବୀର ଶ୍ରେଷ୍ଠ ଆର୍ଯ୍ୟଜାତି, ଯେଉଁମାନେ କ ପୃଥିବୀକୁ ଶାସନ କରିବା ପାଇଁ ଅଧିକାର ପାଇଛନ୍ତି । ଇହୁଦୀମାନେ ହେଉଛନ୍ତି ଯୀଶୁଖ୍ରୀଷ୍ଟଙ୍କର ହତ୍ୟାକାରୀ ଏବଂ ସେମାନଙ୍କ ଦେହ ରସୁଣ ପରି ଗନ୍ଧାଇ ଥାଏ । ତେଣୁ, ଇହୁଦୀମାନେ ପୃଥିବୀରୁ ନିଶ୍ଚିହ୍ନ ହେବା ଉଚିତ୍। ଜାପାନୀମାନେ "ଏସିଆ କେବଳ ଏସୀୟମାନଙ୍କର" ବୋଲି ପ୍ରଚାର କରି ଏସିଆର ଅନ୍ୟ ଦେଶମାନଙ୍କୁ ନିଜର ପକ୍ଷଭୁକ୍ତ କରୁଥିଲେ। ଏହା ଫଳରେ ଏସିଆରେ ଅନୁପ୍ରବେଶ କରି ଶାସନ ଚଳାଉଥିବା ଇଂରେଜ, ଫରାସୀ, ଡଚ୍, ଓଲନ୍ଦାଜ୍ ଆଦିଙ୍କ ପ୍ରତି ଏସୀୟମାନଙ୍କ ଭିତରେ ପ୍ରବଳ ଘୃଣା ସୃଷ୍ଟି ହୋଇଥିଲା । ଇଂରେଜମାନେ ମଧ୍ୟ ମିଥ୍ୟା ଗୁଜବ ପ୍ରଚାରରେ ଓସ୍ତାଦ ଥିଲେ। ଏପରି ଭାବେ ମିଥ୍ୟା ଗୁଜବମାନଙ୍କର ପ୍ରବଳ ପ୍ରତିଯୋଗିତା ଲାଗିରହୁଥିଲା ।

ଭାରତ ମଧ୍ୟ ଏଭଳି ଗୁଜବ ଦ୍ୱାରା ବହୁମାତ୍ରାରେ ପ୍ରଭାବିତ ହୋଇଥିଲା। ଜାପାନ ଆକ୍ରମଣ ସେଭଳି ଏକ ଗୁଜବ ଥିଲା ଏବଂ ବ୍ରିଟିଶ୍ ମାନଙ୍କ ଦ୍ୱାରା ପରିଚାଳିତ ଗଣମାଧ୍ୟମ ତା ର ବହୁଳ ପ୍ରଚାର କରିଥିଲେ। INA (ଆଜାଦ୍ ହିନ୍ଦ୍ ଫୌଜ୍) ର ବିଶେଷ ଆଗ୍ରହ କ୍ରମେ ସେମାନଙ୍କ ସହ ଜାପାନ ସେନା ମିଳିତ ହୋଇ ଭାରତ- ବର୍ମା ସୀମାନ୍ତରେ ଆକ୍ରମଣ କରିଥିଲେ। କିନ୍ତୁ INA ନାମ ନନେଇ ଇଂରେଜମାନେ ଘନଘନ ପ୍ରଚାର କଲେ ଯେ- "ଜାପାନ ସେନା ଭାରତ ଅଧିକାର କରିନେବା ପାଇଁ ମାଡି ଆସୁଛନ୍ତି। ଅତଏବ ଭାରତୀୟମାନେ ସଂଘବଦ୍ଧ ଭାବେ ଇଂରେଜମାନଙ୍କୁ ସାହାଯ୍ୟ କରି ଜାପାନର ଅଗ୍ରଗତି ଓ ଆକ୍ରମଣକୁ ପ୍ରତିହତ କରନ୍ତୁ।" ଏହି ଗୁଜବ ଏତେ ବ୍ୟାପକ ଓ ପ୍ରଭାବଶାଳୀ ଥିଲା ଯେ ସବୁ ଭାରତୀୟ ଏକ ଅଜଣା ଆତଙ୍କରେ ପଡିଯାଇଥିଲେ ଏବଂ ନିଜର ତ୍ରାଣକର୍ତ୍ତାଭାବେ ଆମକୁ ଶାସନ କରୁଥିବା ଇଂରେଜମାନଙ୍କୁ ଭୟରେ ଜାବୁଡି ଧରିଥିଲେ ।

୧୯୪୨ ବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ସେତେବେଳେ ଏସିଆର ପ୍ରାୟ ସବୁ ଦେଶ କୌଣସି ଇଉରୋପୀୟ ଦେଶର ଉପନିବେଶ ଭାବେ ବଞ୍ଚିରହିଥିଲେ ଏବଂ ସାହାଯ୍ୟ ପାଇଁ ପରସ୍ପରକୁ ବଡ ବିକଳ ଭାବେ ଚାହିଁ ରହୁଥିଲେ। ସବୁ ଦେଶର ଜନତାଙ୍କ ମଧ୍ୟରେ ଧୀରେ ଧୀରେ ଜାତୀୟତାବାଦର ବୀଜ ବପନ ହୋଇସାରିଥିଲା। ପ୍ରତ୍ୟେକେ ଦୁର୍ବଳ ଥିଲେ ଏବଂ ଚାହୁଁଥିଲେ ଆଉ ଏକ ସବଳ ଦେଶ ଆସି ତାଙ୍କୁ ଶୃଙ୍ଖଳମୁକ୍ତ କରୁ, ପାଶ୍ଚାତ୍ୟ ଶକ୍ତିଟିକୁ ଉପାଡି ଫୋପାଡି ଦେଉ ଏବଂ ଯୁଗଯୁଗର ଅତ୍ୟାଚାର ଓ ଶୋଷଣ ଦୂର ହେଉ।

ଠିକ୍ ଏମିତି ଏକ ସମୟରେ ଏସିଆ ମହାଦେଶରେ "ଜାପାନ"ର ଅଭ୍ୟୁତଥାନ ଦେଖାଦେଇଥିଲା । ଏହି ଉଦୟ ସୂର୍ଯ୍ୟର ଦେଶ ଏକ ପ୍ରତ୍ୟୟ ଆଣି ଦେଇଥିଲା ଯେ ଦାସତ୍ୱର ଅନ୍ଧକାର ବିଦୀର୍ଣ୍ଣ କରି ସ୍ୱାଧୀନତାର ସୂର୍ଯ୍ୟ ଅବଶ୍ୟ ଦିନେ ଦେଖାଦେବ । ପ୍ରତ୍ୟେକେ ବିସ୍ମିତ ଓ ପୁଲକତ ହୋଇ ଜାପାନ ଦିଗେ ଗୃହିଁଥିଲେ ଏବଂ ଆଶା କରିଥିଲେ ଯେ ଜାପାନ ଆହୁରି ଶକ୍ତିଶାଳ ହୋଇ ଏସିଆର ନେତୃତ୍ୱ ନେଉ ଏବଂ ସମସ୍ତଙ୍କୁ ଶୃଙ୍ଖଳମୁକ୍ତ କରୁ ।

ଉଦୟ ସୂର୍ଯ୍ୟର ଦେଶ "ଜାପାନ" ପ୍ରତି ଭାରତୀୟ ବୁଦ୍ଧିଜୀବୀ ତଥା ଯୁବଗୋଷ୍ଠୀଙ୍କ ଥିଲା ପ୍ରବଳ ନୈତିକ ସମର୍ଥନ । ଋଷ୍ ଓ ଚୀନଙ୍କୁ ଯୁଦ୍ଧରେ ପରାଜୟ କରିବା, ସିଙ୍ଗାପୁର, ବର୍ମା, ବୋର୍ଣ୍ଣିଓ, ମାଳୟ ଆଦିରୁ ଶକ୍ତିଶାଳୀ ବ୍ରିଟିଶଙ୍କୁ ହଟେଇଦେବା ଭଳ ବହୁ ଆଚମ୍ବିତ କାର୍ଯ୍ୟ କରି ଜାପାନ ନଜର ଶକ୍ତି ପ୍ରଦର୍ଶନ କରୁଥିଲା । ଏସିଆରୁ ସବୁ ବିଦେଶୀ ଶକ୍ତିକୁ ହଟାଇ ଜାପାନ ନେତୃତ୍ୱରେ "ଏକ ସମୂହ ପ୍ରଗତିର ବଳୟ" ସୃଷ୍ଟି କରିବା ଜାପାନର ଉଦ୍ଦେଶ୍ୟ ବୋଲି ପ୍ରଚାର କରାଗଲା । ହୋଇପାରେ ବିଶ୍ୱଯୁଦ୍ଧରେ ବାହାରିଥିବା ଜାପାନର ଏହା ଏକ ମିଥ୍ୟା ଗୁଜବ ବି ଥିଲା । କନ୍ତୁ ଯାହା ହେଉ ଭାରତୀୟମାନଙ୍କୁ ଉଦବୁଦ୍ଧ କରିବା ପାଇଁ ଏହା ଯଥେଷ୍ଟ ଥିଲା । ଭାରତରୁ ଆରମ୍ଭ ହୋଇ ଜାପାନ ପର୍ଯ୍ୟନ୍ତ ପରିବ୍ୟାପ୍ତ ବୌଦ୍ଧଧର୍ମକୁ ଭାରତରେ ହିନ୍ଦୁମାନେ ହିନ୍ଦୁଧର୍ମର ଏକ ଅଂଶବିଶେଷ ବୋଲି ଭାବୁଥିଲେ, କାରଣ ଦଶ ଅବତାର ଭିତରୁ ବୁଦ୍ଧଙ୍କୁ ଏକ ଅବତାର ବୋଲି ଗ୍ରହଣ କରି ନଆଯାଉଥିଲା । ତେଣୁ ଅଧିକରୁ ଅଧିକ ଭାରତୀୟ ଭାବୁଥିଲେ ଯେ ଜାପାନୀମାନେ ହିନ୍ଦୁ ହୋଇଥିବା ଯୋଗୁଁ ସେମାନେ ଭାରତର ଧର୍ମଧାରା, ପରମ୍ପରା, ଧାର୍ମିକ ଅନୁଷ୍ଠାନ ଆଦିର ଉଚତ ମର୍ଯ୍ୟାଦା ଦେବେ । ବୌଦ୍ଧଧର୍ମ ଉଭୟ ଦେଶକୁ ଏକ ଆବେଗିକ ସ୍ତରର ସୂକ୍ଷ୍ମ ରଜ୍ଜୁରେ ବାନ୍ଧି ରଖୁଥିଲା । ରବୀନ୍ଦ୍ରନାଥ ଠାକୁରଙ୍କ ଭଳ ଦିଗଜ୍ ବ୍ୟକ୍ତିମାନେ ଜାପାନର ଭୂୟସୀ ପ୍ରଶଂସା କରି କହୁଥିଲେ ଯେ ଜାପାନର ନୈତୃତ୍ୱରେ ଭାରତ ତଥା ଏସିଆର ସ୍ୱାଧୀନତା ଆସୁ ।

ଥାଇଲାଣ୍ଡ, ଫିଲିପାଇନସ୍, ଅଷ୍ଟ୍ରେଲିଆ, ନଉଜିଲାଣ୍ଡ, କାମ୍ବୋଡିଆ, ଭିଏତନାମ୍, କୋରିଆ ଆଦି ଦେଶରେ ନଜର ଶକ୍ତି ପ୍ରଦର୍ଶନ କରିବା ଜାପାନର ପରବର୍ତ୍ତୀ ଉଦ୍ଦେଶ୍ୟ ଥିଲା । ଯଦିଓ ଜାପାନ ଦ୍ୱାରା ପରିକଳ୍ପିତ ସମୂହ ପ୍ରଗତି ନମନେ ଗଢା ଯାଇଥିବା ବୈଦେଶିକ ନୀତିର ଖସଡାରେ ଭାରତ ଆସୁନଥିଲା, ତା ସତ୍ତ୍ୱେ ଭାରତ ଭଳ ଏକ ଜନବହୁଳ ରାଷ୍ଟ୍ରଠାରୁ ସହାୟତା ଓ ସମର୍ଥନ ପାଇଁ ଜାପାନ ବ୍ୟାକୁଳ ଥିଲା । ସେଥିପାଇଁ ଭାରତ ସ୍ୱାଧୀନ ହେବା ଜରୁରୀ ବୋଲି ମଧ୍ୟ ଭାବୁଥିଲା ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା

# ମୁଁ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଏକାକ୍ଷର ଶବ୍ଦ ଉତ୍ପତ୍ତି ନାମ ଅଟେ "ମୁଁ" କାର ।
ଶବ୍ଦ ଉଚ୍ଚାରଣ ମାତ୍ରକେ ଲାଗେ ଗୁରୁ- ଗମ୍ଭୀର ।।
ପ୍ରଥମ ପୁରୁଷ ଅଟଇ ବ୍ୟାକରଣ ଶାସ୍ତ୍ରର ।
କର୍ତ୍ତା ରୂପେ ବାକ୍ୟେ ପ୍ରୟୋଗ ହୁଏ ମୁଁ ନିରନ୍ତର ।।
ମୁଁ କାର ଶବ୍ଦଟି ସର୍ବଦା ଅହଂ ଭାବ ପ୍ରତୀକ ।
ଗର୍ବ ଅହଂ କାରେ ମନୁଷ୍ୟ ହୁଅଇ ଅବିବେକ ।।
କର୍ତ୍ତା ମୁହିଁ ବୋଲି ନିଜକୁ କରେ ବୃଥାଭିମାନ ।
ମଦମତ୍ତ ହୋଇ ସଭିଙ୍କୁ କରେ ସେ ଅପମାନ ।।
ଅସହିଷ୍ଣୁ ଆତ୍ମବଡିମା- ପରଶ୍ରୀକାତରତା ।
ମୁଁ କାର ଶବ୍ଦର ଅଟନ୍ତି ଏମାନେ ଜନ୍ମଦାତା ।।
ଅନର୍ଥ ଶବ୍ଦଟି ମୁଁ କାର ସେ ମହାଭୟଙ୍କର ।
ଧନ- ଯୌବନ- ପ୍ରଭୁତ୍ୱ ଏ ସବୁ ତା' ସହୋଦର ।।
ମୁଁ କାର ରୁ ମହାଭାରତ- ରାମାୟଣର ସୃଷ୍ଟି ।
ଗର୍ବଗରିମାରେ ରାବଣ ହେଲା ତ୍ରିଲୋକପତି ।।
ମହାମାନୀ ଦୁର୍ଯୋଧନ ଯେ ହେଲେ ହସ୍ତିନାପତି ।
ମୁଁ କାର ପଣରୁ ଉଭୟେ ହୋଇଗଲେ ଯେ ଇତି ।।
ପ୍ରବଳପ୍ରତାପୀ କଂସର ଥିଲା ମୁଁ କାର ଭାବ ।
ଦର୍ପ- ଔଦ୍ଧତ୍ୟକୁ ବିନାଶ କରିଲେ ବାସୁଦେବ ।।
ବିଶ୍ୱାମିତ୍ର ଅହମିକାକୁ ଧ୍ୱଂସ କଲେ ବଶିଷ୍ଠ ।
ଶାନ୍ତ ଓ ଉଦାର ଗୁଣରେ ଯଶ କଲେ ସ୍ଥାପିତ ।।
ଅହମିକା ସହ ମମତ୍ୱ ଭାବ ଅଟେ ନିକୃଷ୍ଟ ।
ସଙ୍କୀର୍ଣ୍ଣତା ଥାଏ ମମତ୍ୱେ ବୁଦ୍ଧି ହୁଏ ବିନଷ୍ଟ ।।

ସ୍ୱେଚ୍ଛାଗ୍ରହ ଅଟେ ଜନକ ଗର୍ବ- ଅହଙ୍କାରର ।
ଗୁରୁ- ଗୁରୁଜନ ସଭିଙ୍କୁ କରେ ସେ ହତାଦର ।।
ମୁଁ କାର ଭାବଟି ବ୍ୟକ୍ତିର ଅଟଇ ତାମସିକ ।
ନୀଚ- ଘୃଣ୍ୟ କାର୍ଯ୍ୟ କରିଣ ହୁଏ ଅସାମାଜିକ ।।
ସାଧୁତା ଗୁଣଟି ସର୍ବଦା ଅଟେ ମୁଁ କାର ଶୂନ୍ୟ ।
ମାନବରୁ ହୁଏ ମହାତ୍ମା ସର୍ବେ ଦିଅନ୍ତୁ ଧ୍ୟାନ ।।
ଗର୍ବୀ–ଅହଙ୍କାରୀ ମନୁଷ୍ୟ ଅଟେ ମହାନାସ୍ତିକ ।
ନ ରଖି ଈଶ୍ୱରେ ବିଶ୍ୱାସ କରେ ପାପ ଅନେକ ।।
ଅର୍ଜୁନଙ୍କ ଅହଂ ଭାବକୁ ପ୍ରଭୁ କରିଲେ କ୍ଷମା।
"ମୁଁ" ନ ମଲେ ଅର୍ଜୁନ ମୋତେ ତୁ ନ ପାଇବୁ ଜମା।।
ଅହଙ୍କାରୀ ହିଟଲର୍ ର ଥିଲା ସ୍ୱେଚ୍ଛାଶାସନ ।
ନରହନ୍ତା ରୂପେ ବିଶ୍ୱରେ ହେଲା ପରିଗଣନ ।।
ହିଟଲର୍ ର ଅହଂ ଦୁର୍ଗ ଟି ହେଲା ଅଧୋପତନ ।
ତା' ସାମ୍ରାଜ୍ୟ ହେଲା ବିଧ୍ୱଂସ ନିଜେ ହୋଇଲା ଚୂର୍ଣ୍ଣ ।।
ରବି- ଶଶୀ- ତାରା ଊର୍ଦ୍ଧ୍ୱରେ ସଦା ବିରାଜୁଥାନ୍ତି ।
ନିରହଂକାରେ ସଭିଙ୍କୁ ଜ୍ୟୋତି ପ୍ରକାଶୁଥାନ୍ତି ।।
ମୁଁ କାରର ପରିଭାଷା ଯେ ଅଟଇ ନିର୍ବୋଧତା ।
ଏହି ଦୁର୍ଗୁଣକୁ ତ୍ୟଜିଲେ ନର ହୁଏ ସାଧୁତା ।।
ଅହଂ- ମମତ୍ୱର ଚକ୍ରାରୁ ହୁଏ ଯିଏ ମୁକତ ।
ମହାତ୍ମା ଭାବରେ ଏ ଭବେ ସେହି ହୁଏ ପୂଜିତ ।।
ମୁଁ କାରର ସ୍ରଷ୍ଟା ଅଟଇ ଷଡରିପୁ ନର ର ।
ମହାବ୍ୟାଧି ହୋଇ ତାହାକୁ ନାଶ କରେ ସତ୍ୱର ।।
ମୁଁ କାରକୁ ତ୍ୟଜି ଉଦାର ଯେବେ ହୋଇବ ନର ।
ଈଶ୍ୱର କୃପାରେ ମହାନ ହେବ ସେ ନିରନ୍ତର ।।

ସାଙ୍କୁଡା, ଗଞ୍ଜାମ, ଓଡିଶା।

# ଲକ୍ଷେ ତାର୍ ଗୁଟେ ଜନ୍



ଫିରୋଜ କୁମାର ପଟେଲ

ମତେ ସୂରଜ ମାଗୁଥିଲା ମନ
ମତେ ତାର୍ ମାଗୁଥିଲେ ମନ
ହେଲେ କଇଁ ବାଗିର
ଉଚ୍ଛା ଉଚ୍ଛା ମୋର ସପନ...
ପ୍ରୀତି ଜାଲେ ଗୁପା କରି
ମୁଲକ ହଁସା ଗୁଟେ ନ
ମତେ କରିପକାଲା ନଜର
ସେ ବାଦଲ ତଲର ଜନ୍... ।

ହଁସାଲା...ରସାଲା...
ବାଦଲ ତଲେ ତଲେ ଭସାଲା
ହାତ କେ ଛାଡିଦେଲା ଯେବେ
ସପନର ବାଦଲ ରାଇଜେ
ଠିକ୍ ଉଡଲା ବେଲ କେ...
ଖଣ୍ଡ ଖଣ୍ଡ ହଇ ବିଖରି ଗଲା
ମୋର ତପ ମନ...ସପନ ।

ଯେବେ ବି ଦେଖସି
ଉଦିଆଁ ଜନ୍ କେ
ଯୋର ପଡି ଯାଏସି
ପୁନ ଉଆଁସର ଚନ୍ଦ୍ରମୁଖୀ
ମୋର ମନଭଙ୍ଗୀ ର...
ଜେନତା ବି ହାଉ ନ ସେ ଫିରବି,
ନଜେ ନଜକେ ବୁଝେଇ
ହମିସା କହି ପକାସି
ମୋର ସେ ଭଙ୍ଗା ମନ
"ଲକ୍ଷେ ତାର୍ ଗୁଟେ ଜନ୍"।

ଅବନକେଲା, ସୁନ୍ଦରଗଡ, ଓଡିଶା।

# ଆଇ ହେଟ ୟୁ



ସୁବ୍ରତ କୁମାର ମୁଦୁଲି

ଝିପିଝିପି ବର୍ଷାରେ ବୈଶାଖୀ ସହ ଗୋଟିଏ ଛତା ତଳେ ଯାଉଥିଲି କାଦୁଅ ରାସ୍ତାରେ । ସେ ଯେତେ ପାଦ ଚପି ଚପି ଚାଲିଲେ ବି ମୁଁ ସ୍ପଷ୍ଟ ବାରି ପାରୁଥିଲି ତା' ପାଉଞ୍ଜିର ରୁଣୁଝୁଣୁ ଶବ୍ଦ । ଆମର ମିଳାମିଶା ନୂଆ ନଥିଲା । ସେ ଥିଲା ମୋର ପିଲାଦିନର କାଗଜ ଡଙ୍ଗା ଆଉ ବାଲିଘରର ସାଥି । ଅନେକ ଥର ଆଗରୁ ତାକୁ ଅତି ପାଖରୁ ଦେଖିଛି ରଙ୍ଗ ପିଚକାରୀରେ ମୁଁ ତାକୁ ବହୁଥର ଭିଜେଇଛି । ଆମର ଏହି ମିଳାମିଶାକୁ କେହି କେହି ଖରାପ ଭାବିଲେ ବି ମୁଁ କି ସେ କେହି ଖରାପ ଭାବି ନାହୁଁ । ବାଟ ଆହୁରି ଅନେକ ବାକି ଥିଲା ବର୍ଷା ବି ବଢି ବଢି ଚାଲୁଥିଲା କଲେଜରୁ ଫେରିବା ରାସ୍ତାରେ କେହି ବି ନଥିଲେ । ଦୂରରୁ ଗାଁ ମୁଣ୍ଡ ବୁଢା କୃଷ୍ଣଚୂଡା ଗଛର ଫୁଲସବୁ ବର୍ଷା ଯୋଗୁଁ ଫିକାଫିକା ଦିଶୁଥିଲା । ଜୀବନରେ ପ୍ରଥମଥର ପାଇଁ ସେ ମତେ ଘଡଘଡି ଶବ୍ଦରେ ଭୟରେ ଭିଡି ଧରିଲା । ମୋ' ଛାତିରେ ରେଳ ଗାଡି ଛୁଟିଲା । ମନେ ମନେ ତାକୁ ନେଇ ମୋ'ର କୋଉ ଅଙ୍ଗରେ ଟିକେ ଦୁର୍ବଳତା ବଢୁଥିଲା ମୁଁ ଜାଣିନ । ମୁଁ ପ୍ରାୟତଃ ଭିଜି ସାରିଥିଲି ଆଉ ସେ ଅଧା ଅଧା । ହଠାତ ତା' କଥାରେ ମୁଁ ଟିକେ ଅଟକ ଗଲା । ସେ କହୁଥିଲା ......ତୁ ଯଦି ମୋ'ର ପ୍ରକୃତ ସାଙ୍ଗ ତା'ହେଲେ ତୁ ଟିକେ ରାଜେଶକୁ ବୁଝା, ମୁଁ ତାକୁ ଭଲ ପାଏ ତା' ବିନା ବଞ୍ଚି ପାରିବିନ । ସିଏ ରାଜେଶ ପାଇଁ କାନ୍ଦୁଥିଲା ଆଉ ମୁଁ କ'ଣ ପାଇଁ ଜାଣିନ । ବୁଝିଲି ମୁଁ ବୋଧେ ତାକୁ ଭଲପାଇବା ଆରମ୍ଭ କରିଥିଲି ସେଥିପାଇଁ । ବର୍ଷା ଆହୁରି ବଢୁଥିଲା । ଆମ କାନ୍ଦ ବି ଧୋଇ ହୋଇ ଯାଉଥିଲା ବର୍ଷାଛିଟାରେ । ସେ ମତେ ବାଟସାରା ରାଜେଶ ପାଇଁ ଅନୁରୋଧ କରୁଥିଲା, ମୁଁ ଚୁପଥିଲି । ସେ ବୁଝି ପାରୁନଥିଲା । ମୁଁ ବୁଝି ସାରିଥିଲି ଆମ ଲୁହର କାହାଣୀକୁ । ଖାଲି ଫରକ ଏତିକି ମୋ' ଠାରୁ ରାଜେଶ ପ୍ରତି ତା'ର ଭଲ ପାଇବା ଥିଲା ଶତ ପ୍ରତିଶତ ଶୁଦ୍ଧ ଆଉ ମୁଁ ଥିଲି ଗୋଟେ ମହାପାପୀ । ମନେ ମନେ ପ୍ରାୟଶ୍ଚିତ କରୁଥିଲି ମୋର କୃତକର୍ମର । ଆଜକୁ ତିନିବର୍ଷ ତଳେ ଏମିତି ଗୋଟେ ବର୍ଷାଭିଜା ଦିନରେ ମତେ ଜୀବନ ଠାରୁ ଅଧିକ ମନେ ମନେ ଭଲ ପାଇ ଶେଷରେ ମୁହଁ ଖୋଲିଥିବା ଝିଅ ବର୍ଷାକୁ ମୁଁ କହିଥିଲି ......ଆଇ ହେଟ ୟୁ ।

ଦେଉଳ, ଏରସମା, ଜଗତସିଂହପୁର

# ଫିକା ଫଗୁଣ



ପ୍ରଶାନ୍ତ କୁମାର ନାଥ

ମୋ ପାଇଁ ଫଗୁଣ ଫିକା ଫିକା ଆଜି
ଆଖିରେ ଶ୍ରାବଣ ଧାର
ହସ ଫଗୁଣକୁ ଧୋଇନଏ ଆଜି
ଆଖିର ଲବଣ ନୀର ।
ବସନ୍ତ ଆସିଛି କୋଇଲି ଗାଉନ
ଭିବନା ଡାଳରେ ବସି
ମନ ରଙ୍ଗ ଆଜି ଫିକା ଫିକା ଦିଶେ
ନାହିଁ ସେହି ହସ ଖୁସି ।
ଶାନ୍ତ ପଡିଅଛି ମଧୁର ବସନ୍ତ
ମନର ଉଦାଶ ପାଖେ
ହସ ସାଜିଅଛି ମିଛ ମରୀଚକା
ହାତ ଠାରି ଖାଲି ଡାକେ ।
ଖୁସି ରଙ୍ଗ ସବୁ ଫିକା ପଡିଅଛି
ରଙ୍ଗତ ଗଲାଣି ଶୁଖି
ମଳନ ପଡିଛି ଖୁସିର ଫଗୁଣ
ଜୀବନ ଯିବାକୁ ବାକ ।



ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

# ତୁମ ପାଇଁ.......



ପ୍ରଦେଶ କୁମାର ପ୍ରଧାନ

ସ୍ମୃତିର ସେହି ନବୁଜ୍ ଫର୍ଦ୍ଦକୁ
ପଢିବାକୁ କରିଛି ଆପ୍ରାଣ ଚେଷ୍ଟା
ତୁମେ ତୁମ ବାଟେ ଗଲ୍‌ପରେ,
ପାରିନାହିଁ ପାରିନାହିଁ ମୁଁ
ଯାଇଅଛି ହାରି
ସଂଘର୍ଷ କରେ ପ୍ରତିକ୍ଷଣ
ଆଜି ନିଜ ସାଥିରେ ।
ବିଶ୍ୱାସର ବସା ବାନ୍ଧି ତୁମେ
ଦେଲ ଭଙ୍ଗି ନିଜ ହାତେ
ବାଲିଘର ପରି,
ଛଳନାର ରୂପ ଦେଇ
ସମୟର ସାଥି ହୋଇ
ସବୁଦିନ ପାଇଁ ଦେଲ ଏକାକରି ।
ପଗ୍ଚରିବାକୁ ସାହାସ ପାରିନାହିଁ
ଆଜି ଯାକେ ଯୋଗାଡି
ତୁମର ସେହି ଦୁର୍ବଳତା ବିଷୟରେ,
ଯାହାକୁ ତୁମେ ବରିନେଲ
ହସି ହସି ଅନାୟସରେ ।

ଢାଳପାରେ ନାହିଁ ଲୁହ
ଗୁପି ରଖେ ଯେତେ ଅଛି କୋହ
ଲ୍‌ଗିଯିବ କାଳେ ତୁମକୁ ଷାପ,
ମରିଯିବି ନାହିଁ
ସରିଯିବି ନାହିଁ
କରିବି ଅପେକ୍ଷା ତୁମ ପାଇଁ
ଲଭିବାକୁ ସେହି ପବିତ୍ର ପାପ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ



# ଭଗବତ ମହାତ୍ମ୍ୟ: ଏକ ଅନୁଶୀଳନ



ବାଲ୍ମୀକ ନାୟକ

ଗୀତା ପ୍ରେସ୍, ଗୋରଖପୁର ଦ୍ୱାରା ପ୍ରକାଶିତ ଅତିବଡୀ ଜଗନ୍ନାଥ ଦାସ ପ୍ରଣୀତ "ଶ୍ରୀମଦ୍ ଭଗବତ ମହାପୁରାଣ" ଓଡିଆ ସଂସ୍କରଣ ପାଠ କରିବା ପରେ, ତା ଉପରେ ଅନୁଶୀଳନ କରିବାକୁ ଆଗ୍ରହ ବଢିଲା । ଏହି ଅନୁଶୀଳନ କାହାରି ଧର୍ମୀୟ ଭାବନକୁ ଆହତ କରିବା ପାଇଁ ନୁହେଁ, କେବଳ କେତେବ ସଂଦେହ ମୋଚନ ପାଇଁ ମୁକ୍ତ ମନରେ ଉଠୁଥିବା ପ୍ରଶ୍ନ ଗୁଡିକୁ ସ୍ଥାନିତ କରାଯାଇଛି । ସୁଧୀ ଭଗବତ ପାଠକମାନଙ୍କୁ ବିନୀତ ଅନୁରୋଧ, ସେମାନେ ତର୍କ ସଂଗତ ଓ ବିଜ୍ଞାନ ସମ୍ମତ ଉତ୍ତର ଦେଇ ମୋର ଶଙ୍କା ଦୂର କରିଦେଲେ ମୁଁ କୃତଜ୍ଞ ହେବି ।

ଶ୍ରୀମଦ୍ ଭଗବତ ଆମ ରାଜ୍ୟର ଏକ ମାନ୍ୟତା ପ୍ରାପ୍ତ ଆଧାତ୍ମିକ ଗ୍ରନ୍ଥ । ଓଡିଆ ଭାଷାରେ ରଚନା କରିଥିବାରୁ ଶ୍ରୀ ଜଗନ୍ନାଥ ଦାସଙ୍କ ଭାଗବତ ଘରେ ଘରେ ପ୍ରଚଳିତ । ସେହି ଯୁଗରେ ଭକ୍ତକବି ଜଗନ୍ନାଥ ଦାସ ଜଣେ ଉଚ୍ଚକୋଟୀର କବି ଥିଲେ । ତଥାପି ସଂସ୍କୃତ ଭାଷାରେ ଲିଖିତ ମୂଳ ଭାଗବତକୁ ସରଳ ଓଡିଆ ଭାଷାରେ ଅନୁବାଦ କରିବା ଜଗନ୍ନାଥ ଦାସ କଷ୍ଟକର ହେବ ବୋଲି ଭାବିଥିଲେ । ସେ ଥିଲେ ଜଗନ୍ନାଥ ଭକ୍ତ । ଜଗନ୍ନାଥଙ୍କୁ ଆରାଧନା କରି ସେ ଭାଗବତ ଲେଖିବାକୁ ପ୍ରେରଣା ପାଇଲେ । କମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ମହାପ୍ରଭୁ, ଜଗନ୍ନାଥ ଦାସଙ୍କ ହୃଦପଦ୍ମରେ ବସି ଭାଗବତ ଲେଖାଇଥିଲେ । ଏଥିପାଇଁ ପାଞ୍ଚବର୍ଷ ସମୟ ଲାଗିଥିଲା ।

ଏହି ପ୍ରସଂଗଟି ଉପରେ ବାସ୍ତବିକତା ଦୃଷ୍ଟିରୁ ବିଚାର କଲେ ବୁଝା ପଡୁଛି ଯେ ଜଗନ୍ନାଥ ଦାସଙ୍କର ସଂସ୍କୃତ ଭାଷା ଜ୍ଞାନ ନିଶ୍ଚୟ ଭଲ ଥିଲା । ଅନୁବାଦ କରିବା ସମୟ ସାପେକ୍ଷ, ତେଣୁ ପାଞ୍ଚ ବର୍ଷ ସମୟ ଲାଗିଲା । ଯଦି ମହାପ୍ରଭୁ ଏହା କରାଇଥାନ୍ତେ, ତେବେ ତାଙ୍କର ମହାନ ଶକ୍ତି ଯୋଗୁଁ ଖୁବ୍ ଅଳ୍ପ ସମୟରେ ଅନୁବାଦ କାମ ଶେଷ ହୋଇଯାଇଥାନ୍ତା ।

କବଦନ୍ତୀ ଅନୁସାରେ ଜଗନ୍ନାଥ ଦାସଙ୍କ ପିତା ଭଗବାନ ଦାଶ ଓ ମାତା ପଦ୍ମାବତୀଙ୍କର ବହୁତ ଦିନ ପର୍ଯ୍ୟନ୍ତ କୌଣସି ସନ୍ତାନ ନଥିଲା । ସେ ଦୁହେଁ ମହାପ୍ରଭୁଙ୍କୁ ଏହି ଦୁଃଖ ଜଣେଇବାରୁ ସେ

ପୁତ୍ର ସନ୍ତାନ ପାଇଁ ଆଶୀର୍ବାଦ ଦେଲେ । ଏଇଠି ମନରେ ପ୍ରଶ୍ନ ଉଠୁଛି – ଭଗବାନ ଦାଶ ବଡ ଦେଉଳର ପୁରାଣ ପଣ୍ଡା ଓ ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ । ମହାପ୍ରଭୁ କଣ ବୁଝି ପାରୁନଥିଲେ କ ତାଙ୍କ ଭକ୍ତର ବଂଶ ରକ୍ଷା ପାଇଁ ପୁତ୍ର ସନ୍ତାନଟିଏ ଦରକାର? ଅର୍ଥାତ ନ ମାଗିଲେ ଭଗବାନ ବି କଛି ଦିଅନ୍ତି ନାହିଁ?

ଅନ୍ୟ ଏକ କଂବଦନ୍ତୀ ଅନୁସାରେ ରାଜା ପ୍ରତାପ ରୁଦ୍ରଦେବ ବଟଗଣେଶ ବୃକ୍ଷ ମୂଳେ ଜଗନ୍ନାଥ ଦାସଙ୍କୁ ଅଷ୍ଟଭୁଜ ରୂପରେ ଦର୍ଶନ କରିଥିଲେ । ଜଗନ୍ନାଥ ଦାସ ଜଣେ ସାଧାରଣ ମଣିଷ ହୋଇ ଅଷ୍ଟଭୂଜ ରୂପ ଧାରଣ କରିଥିବା କଥାଟି କପୋଳକଳ୍ପିତ ଲାଗୁଛି । ତାଙ୍କର ସେହି ରୂପ କେବଳ ରାଜାହିଁ ଦର୍ଶନ କରିଥିଲେ ଅନ୍ୟ କେହି ନୁହେଁ କାହିଁକି?

ନିଃସଂଦେହ ଜଗନ୍ନାଥ ଦାସ ଜଣେ ପ୍ରତିଭାଶାଳୀ କବି ଥିଲେ । ତାଙ୍କର ବିଷୟବସ୍ତୁ ଆଧ୍ୟାତ୍ମବାଦ । ଓଡିଶାର ପ୍ରାୟ ସମସ୍ତ ଲୋକ ଯେହେତୁ ଆଧ୍ୟାତ୍ମବାଦୀ ତେଣୁ ଜଗନ୍ନାଥ ଦାସ ରଚତ ସମସ୍ତ ପୁସ୍ତକ ନର୍ବିବାଦରେ ଜନପ୍ରିୟ ହେବା ସ୍ୱାଭାବିକ । ଓଡିଆ ଭାଗବତକୁ ଓଡିଶାବାସୀ ବେଦତୁଲ୍ୟ ଏକ ଅମୁଲ୍ୟ ଧର୍ମଗ୍ରନ୍ଥ ବୋଲି ମାନୁଛନ୍ତି । ଆଗରୁ ବହୁ ସଂଖ୍ୟାରେ ଲୋକମାନେ ଭାଗବତ ପଢୁଥିଲେ କମ୍ବା ଶୁଣୁଥିଲେ । ସେଥିପାଇଁ ପ୍ରତ୍ୟେକ ଗାଆଁରେ ଭାଗବତ ଟୁଙ୍ଗୀଟିଏ ନଶ୍ଚୟ ଥିଲା । ସନ୍ଧ୍ୟାବେଳେ ଗାଆଁ ଲୋକମାନଙ୍କର ଅନ୍ୟ କୌଣସି କାମ ନଥିଲା । ସେହି ଟୁଙ୍ଗୀରେ ବସି ଭାଗବତ ଚର୍ଚ୍ଚା କରିବା ହିଁ ଏକମାତ୍ର ଭଲ କାମବୋଲି ସମସ୍ତେ ଭାବୁଥିଲେ । ସେତେବେଳେ ସମସ୍ତେ ବିଶ୍ୱାସ କରୁଥିଲେ – "ଭାଗବତ ଜ୍ଞାନ ହିଁ ସମାଜରେ ଧର୍ମ, ସାକ୍ଷରତା ଓ ସାଂସ୍କୃତିକ ବିକାଶ କରିଥାଏ ।"

ଏଇଠି ପ୍ରଶ୍ନ ଉଠୁଛି – ଯଦି ତାହା ସତ ତେବେ ଓଡିଶାର ସାମାଜିକ, ଆର୍ଥିକ ଓ ଧାର୍ମିକ ସ୍ତର ପ୍ରଥମରୁ ହିଁ ଏତେ ତଳେ ରହିଥିଲା କାହିଁକି? ଭାଗବତ ଜ୍ଞାନ ତ ସମସ୍ତଙ୍କ ପଖରେ ଥିଲା, ବିକାଶ ହେଉ ନଥିଲା କାହିଁକି? ଭାଗବତ ଜ୍ଞାନ ଦ୍ୱାରା ଓଡିଶାର ସାଂସ୍କୃତିକ ବିକାଶ (ଅର୍ଥାତ କର୍ମ ତ୍ୟାଗ କରି ବେଶୀରୁ ବେଶୀ ଧ୍ୟାନ ଓ ପ୍ରାର୍ଥନା କର), ଆଧ୍ୟାତ୍ମିକ ବିକାଶ (ଅର୍ଥାତ ଦେବ, ଦେବୀ ଓ ବ୍ରାହ୍ମଣ ମାନଙ୍କୁ ପୂଜା, ଅର୍ଚ୍ଚନା କରି ଦାନ ଦିଅ), ସାକ୍ଷରତା ବୃଦ୍ଧି (ଅର୍ଥାତ ଭାଗବତ ପଢି ପାରିବା ଭଳ ସାକ୍ଷରତା ହିଁ ଯଥେଷ୍ଟ) ହୋଇପାରେ ବୋଲି ଯେଉଁମାନେ ଦୃଢତାର ସହ ଦାବି କରୁଛନ୍ତି, ସେମାନେ ଆଜି ମାନବା ଉଚତ ଯେ, ଆମ ଲୋକମାନେ

ବିକାଶ କରି ପାରିଛନ୍ତି ବିଜ୍ଞାନ ଦ୍ଵାରା । ବିଜ୍ଞାନ କଅଣ ଜଣା ନଥିବାରୁ ସେତେବେଳେ ଲୋକମାନେ ଭାବୁଥିଲେ – ପୁଅକୁ ଦି ଅକ୍ଷର ପାଠ ପଢେଇଲେ ସେ ପିତା ଓ ମାତାଙ୍କୁ ମୃତ୍ୟୁ ଶେଯ ପାଖରେ ବସି ଅନ୍ତତଃ ଭାଗବତ ପଢି ଶୁଣାଇବ । ଯାହା ଫଳରେ ତାଙ୍କର ସ୍ଵର୍ଗପ୍ରାପ୍ତି ସୁଗମ ହୋଇ ପାରିବ ।

ପ୍ରତିଦିନ ପାଠ କରୁଥିବା ଭାଗବତ ପାଠକ ମାନଙ୍କ ଭିତରେ ନିମ୍ନ ଲିଖିତ ସଂକ୍ଷିପ୍ତ ସାରତତ୍ତ୍ଵ ମୁହେଁ ମୁହେଁ ପ୍ରଚଳିତ :-

"ଭାଗବତ ଭଜନମାଳା, ମନସୂତ୍ରେ ଗୁନ୍ଥ ନକରି ହେଳା
ପ୍ରଥମ, ଦ୍ଵିତୀୟ ଆଗମ ଏ ବାଣୀ, ତୃତୀୟେ ବ୍ରହ୍ମାଣ୍ଡ ସର୍ଜନା ହେଲା
ଚତୁର୍ଥରେ ଧ୍ରୁବ ତପ ଆଚରିଣ ଅଜପା ନାମକୁ ହୃଦେ ବହିଲା
ପଞ୍ଚମରେ ପୃଥିବୀ ସାତ ଭାଗକରି ବାଣ୍ଟିଣ ଭରତ ପୁତ୍ରକୁ ଦେଲା
ଷଷ୍ଠ ସ୍କନ୍ଧରେ ପାପି ଅଜାମିଳ, ନାରାୟଣ ନାମ ହୃଦେ ବହିଲା
ସପ୍ତମ ସ୍କନ୍ଧରେ ପ୍ରହଲ୍ଲାଦ ଜନ୍ମ, ହିରଣ୍ୟାକ୍ଷ ବିଦାରଣ ହୋଇଲା
ଅଷ୍ଟମ ସ୍କନ୍ଧରେ ସମୁଦ୍ର ମନ୍ଥନ, ଗଜ କୁମ୍ଭୀରଙ୍କ ଯୁଦ୍ଧ ଲାଗିଲା
ନବମ ସ୍କନ୍ଧରେ ବଂଶାନୁଚରିତ, ଦଶମେ କହ୍ନାଇ ଜନମ ହେଲା
ଗୋପ, ବୃନ୍ଦବନ, ମଥୁରା, ଦ୍ଵାରକା, କାଳ ଲୀଳା ଭାବ ଏଥୁଁ ସରିଲା
ଏକଦଶ ସ୍କନ୍ଧେ ତତ୍ତ୍ଵ ନିରୂପଣ ଉଦ୍ଧବେ ଶୀହରି କରୁଣା ହେଲା
ଦ୍ଵାଦଶ ସ୍କନ୍ଧରେ ଆଗତ ଭବିଷ୍ୟ, ପରିକ୍ଷିତ ଆଗେ ଶୁକ କହିଲା
ଏକାକ୍ଷର ବ୍ରହ୍ମ ଯହିଁ ନିରୂପିତ, ଅର୍ଦ୍ଧ, ଊର୍ଦ୍ଧ କଛି ବାରି ନୋହିଲା
କହେ ଯଶୋବନ୍ତ ସେ ପାଦେ ଶରଣ, ଅକାରଣେ ମୋର ଜୀବନ ଗଲା

କାଳ୍ପନିକ କଥାବସ୍ତୁକୁ ନେଇ ବର୍ଣ୍ଣନା କରାଯାଇଥିବା ସଂପୂର୍ଣ୍ଣ ଭାଗବତରେ କୌଣସି ପ୍ରକାର ବୈଜ୍ଞାନିକ ତଥ୍ୟ, ପ୍ରଯୁକ୍ତି ବିଦ୍ୟା କିମ୍ବା ଭୌତିକ ଯନ୍ତ୍ରପାତି ନିର୍ମାଣ କୌଶଳ ଉଲ୍ଲେଖ ନାହିଁ । ମୂଳରୁ ଶେଷ ଯାଏଁ ବିଭିନ୍ନ ଦେବୀ ଓ ଦେବତାଙ୍କ ଉତ୍ପତ୍ତି, କାର୍ଯ୍ୟ ଶୈଳୀ, ଲୀଳା ଖେଳ ସହିତ ବିଭିନ୍ନ ଗ୍ରହ, ନକ୍ଷତ୍ର ଆଦିର ଉତ୍ପତ୍ତି ସଂପର୍କରେ ଅବୈଜ୍ଞାନିକ ତଥ୍ୟ ବର୍ଣ୍ଣନା କରାଯାଇଛି । ମଣିଷ ଉପରେ ଗ୍ରହ, ନକ୍ଷତ୍ରମାନଙ୍କର ପଡୁଥିବା ପ୍ରଭାବ ସଂପର୍କରେ ଭ୍ରାମକ ତଥ୍ୟ ଉଲ୍ଲେଖ ଅଛି । ଗୋଟିଏ ଉଦାହରଣ ଦେଖନ୍ତୁ – ଭାଗବତ ମହାତ୍ମ୍ୟ (ପଦ୍ମପୁରାଣ ଉତ୍ତରଖଣ୍ଡ ଅନ୍ତର୍ଗତ ପୃଷ୍ଠା- ୨୩) ନାରଦ ମହର୍ଷୀ ପୃଥିବୀକୁ ଆସି କଳିଯୁଗ ଯୋଗୁଁ ସମସ୍ତ

ପ୍ରକାର ଅନ୍ୟାୟ, ଅତ୍ୟାଚ୍ଚାର ଚ୍ଚାଲିଥିବା ଲକ୍ଷ୍ୟ କଲେ । ଏଠାରେ ସାଧୁ ସନ୍ଥମାନେ ଭଣ୍ଡ ପାଲଟି ଯାଇଛନ୍ତି । ଧାର୍ମିକ ପରମ୍ପରା ବଦଳ ଯାଇଛି । ସେ ଦେଖିଲେ ଭକ୍ତି ନାମକ ଏକ ମହିଳା (ଭାରତୀୟ) ଜ୍ଞାନ ଓ ବୈରାଗ୍ୟ ନାମକ ଦୁଇ ପୁତ୍ର ଅକାଳ ପୌଢତ୍ୱ ଭୋଗ କରୁଛନ୍ତି । ସ୍ତ୍ରୀ ଜଣକ ନାରଦଙ୍କୁ କହିଲେ –ମୁଁ ଦ୍ରବିଡ ଦେଶରେ ଜନ୍ମ ହୋଇ କର୍ଣ୍ଣାଟକରେ ବଢିଲି ଏବଂ ମହାରାଷ୍ଟ୍ରରେ ଅନ୍ୟତନ୍ତ ସମ୍ମାନତା ହେଲି । ଗୁଜୁରାଟ ଆସିବା ପରେ ମୋତେ ଜରାବସ୍ଥା ଆକ୍ରମଣ କଲା । ଘୋର କଳଯୁଗ ପ୍ରଭାବରେ ମୋତେ ଧର୍ମଧ୍ୱଜୀମାନେ ବିକଳାଂଗ କରିଦେଲେ । ମୁଁ ଏବଂ ମୋର ଦୁଇ ପୁତ୍ର (ସ୍ୱାମୀଙ୍କ ସୂଚନା ନାହିଁ) ଦୁର୍ବଳ ଓ ନସ୍ତେଜ ହୋଇ ବୃନ୍ଦାବନ, ଉତ୍ତରପ୍ରଦେଶ ଚ୍ଚାଲି ଆସିଲୁ । ଏଠାରେ ପହଞ୍ଚିବା ପରେ ମୁଁ ନବ ଯୌବନ ଫେରି ପାଇଲି । କନ୍ତୁ ମୋର ପୁତ୍ର ଦୁହେଁ ଅତ୍ୟନ୍ତ ଶ୍ରମିତ ଓ ଜରାଗ୍ରସ୍ତ ହୋଇଥିବାରୁ ଉଠି ଠିଆ ହୋଇ ପାରୁ ନହାନ୍ତି । ମାଆ ହୋଇ ଯୁବତୀ ଅଥଚ ମୋ ପୁତ୍ର ଦୁଇଜଣ ବୃଦ୍ଧ କାହିଁକି? ଏହାର କାରଣ କୁହନ୍ତୁ ନାରଦ?

ଉପରୋକ୍ତ ବର୍ଣ୍ଣନା ପଢିଲେ ମନେ ହେଉଛି ଯେମିତି ନାରଦ ମୁନ ସ୍ୱାଧୀନ ଭାରତ ଦେଶର ଦୃଶ୍ୟ ଦେଖୁଛନ୍ତି । ବିଭିନ୍ନ ପ୍ରଦେଶ ଗଠନ ହୋଇ ସାରିଛି । ଦେଶରେ ଭଣ୍ଡ ସାଧୁ ସନ୍ଥ ମାନଙ୍କୁ ଚହ୍ନଟ କରି ପାରିଛନ୍ତି । କଳଯୁଗରେ ନାରଦ ପୃଥିବୀ ଅର୍ଥାତ କେବଳ ଭାରତରେ ହିଁ ଅବତରଣ କରୁଛନ୍ତି ।

"ଭକ୍ତି"ର ପ୍ରଶ୍ନର ଉତ୍ତର ଦେବା ପାଇଁ ନାରଦ ଯୋଗ ବଳରେ ସବୁ ଜାଣିପାରି କହିଲେ – ଏହା ଦାରୁଣ କଳଯୁଗର ପ୍ରଭାବ । ଏବେ ସଦାଚ୍ଚାର, ତପ, ଯୋଗ ମାର୍ଗ ସବୁ କଛି ଲୁପ୍ତ ହୋଇଗଲାଣି । ପୃଥିବୀ ବର୍ତ୍ତମାନ ବାସୁକ ପାଇଁ ଭାର ସ୍ୱରୂପ ହୋଇଗଲାଣି । ବ୍ରାହ୍ମଣମନେ ଧନ ଲୋଭରେ ଘରଘର ବୁଲି ଭାଗବତ ଚର୍ଚ୍ଚା କରୁଛନ୍ତି । ପଣ୍ଡିତମାନେ ମୁକ୍ତିର ପନ୍ଥାକୁ ଭୁଲି ଗଲେଣି । ତୁମେ ଭଗବାନଙ୍କ ପରମ ପ୍ରିୟତମା । ତେଣୁ ଚନ୍ତା ଛାଡ, ମୁଁ ତୁମ ପୁତ୍ରଙ୍କୁ ନବ ଯୌବନ ଦେବାପାଇଁ ନଶ୍ଚୟ କଛି ଉପାୟ କରିବି ।

ଦୟାଳୁ ନାରଦ ପ୍ରଥମେ ଦୁଇ ପୁଅଙ୍କ କାନ ପଖରେ ବେଦ ବେଦାନ୍ତ ଉଚ୍ଚାରଣ କଲେ ଏବଂ ବାରମ୍ବାର ଗୀତା ବି ପାଠ କଲେ, କନ୍ତୁ କଛି ଫଳ ହେଲାନ । ନାରଦ ଭଗବାନ ବିଷ୍ଣୁଙ୍କୁ ସ୍ମରଣ

କଲେ । ଶୂନ୍ୟବାଣୀ ହେଲା – ତୁମକୁ ଏକ ସତକର୍ମ କରିବାକୁ ହେବ । ସତକର୍ମ କଣ ତାହା ମହାନୁଭବ ସନ୍ଥ ଶିରୋମଣି ବୁଝେଇ ଦେବେ ।

ନାରଦ ସନ୍ଥ ଶିରୋମଣିଙ୍କୁ ଖୋଜିବା, କହାଣୀ ଲମ୍ବା । କିନ୍ତୁ ପରିଶେଷରେ ନାରଦ ଖୋଜିଥିବା ସନାକାଦି ଚାରିଭ୍ରାତାଙ୍କ ଦ୍ଵାରା ଭାଗବତ ପାରାୟଣ ଶୁଣି ଭକ୍ତିର ଦୁଇ ପୁଅ ଜ୍ଞାନ ଓ ବୈରାଗ୍ୟ ତାରୁଣ୍ୟ ଫେରି ପାଇଥିଲେ । ( ପୃଷ୍ଠା- ୨୬)  ଭାଗବତ ଶ୍ରବଣର ଏଭଳି ଅତ୍ୟଦ୍ଭୁତ ମହିମା ଦେଖି ନାରଦ ସନକାଦିଙ୍କୁ ପଚାରିଲେ – ମୁନିବର, ଭାଗବତ ଶ୍ରବଣ କରି କେଉଁମାନେ ଭବ ବନ୍ଧନରୁ ମୁକ୍ତ ହୁଅନ୍ତି? ଦୟାକରି ପ୍ରକାଶ କରନ୍ତୁ । ସନକାଦି କହିଲେ – ଯେଉଁମାନେ ଚୋରି, କପଟ, ବ୍ରହ୍ମହତ୍ୟା, ମଦ୍ୟପ, ଗୁରୁପତ୍ନୀ ଗମନ ପ୍ରଭୃତି ନାନା ପ୍ରକାର ପାପ କରିଥାନ୍ତି, ସେଭଳି ଘୋର ପାପୀମାନେ ମଧ୍ୟ ହୃଦୟରୁ ସହ ଭାଗବତ ଶ୍ରବଣ କରି ମୁକ୍ତି ଲାଭ କରି ପାରିବେ ।”

ବାଃ, କି ସୁନ୍ଦର ବ୍ରହ୍ମଜ୍ଞାନ? ଯଦି ସମସ୍ତ ପାପରୁ ମୁକ୍ତି ପାଇବା ପାଇଁ କେବଳ ଭାଗବତ ଶ୍ରବଣ ଯଥେଷ୍ଟ, ତେବେ ସମାଜରୁ ଅନ୍ୟାୟ, ଅତ୍ୟାଚାର କମ୍ ହେବ କିପରି? ଯେତେ ପାପ କରୁଛ କର, ଭାଗବତ ଶ୍ରବଣ କରି ପାପ ମୁକ୍ତ ହୋଇ ପାରିବ । ପୋଲିସ, କୋର୍ଟ କଚେରୀ ଆଦି ଆବଶ୍ୟକ ପଡିବ ନାହିଁ ।

ସନକାଦି କହିହନ୍ତି – “ଅନ୍ୟାନ୍ୟ ବ୍ରହ୍ମ ଶାସ୍ତ୍ର ଅଧ୍ୟୟନ କରି ଲାଭ ବା କଣ? କେବଳ ଭାଗବତ ଶାସ୍ତ୍ର ହିଁ ସମସ୍ତଙ୍କୁ ମୁକ୍ତି ଦେବା ନିମନ୍ତେ ଆହ୍ୱାନ କରିଛି ।” ଏହାକୁ ସତ୍ୟ ବୋଲି କିଅଣ ଭକ୍ତଗଣ ମାନି ପାରିବେ?

କେ.ଆର. ପୁରମ, ବାଙ୍ଗାଲୋର

**ବେଦାନ୍ତୀର ହ୍ୱାସଟଆପ୍ ( Whatsapp) ନମ୍ବର ହେଲା- 9594993733**

**ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।**

# ‘ମା’

ଯୋଗେନ୍ଦ୍ର ବାରିକ

‘ମା - ପ୍ରଥମ ଅକ୍ଷର - “ସହଜ ଓଡିଆ ଶିକ୍ଷା”
ପଢିଥିଲି କେଉଁ ଏକ ଅଜଣା ମୁହୂର୍ତ୍ତେ-
କାହିଁକି ସେ ଆଦ୍ୟାକ୍ଷର ଲେଖାଥିଲା ସେଠି?
କଏ ସେ ଦେବ ଉତ୍ତର- ଅସଂଖ୍ୟ ପ୍ରଶ୍ନବାଚୀ
କଳ୍ପନାର ସୂତାଖିଅ ସବୁ ଝଙ୍କୃତ ହେଲା ବାରମ୍ବାର
ବିସ୍ମୃତିର ଗର୍ଭୁ ହେଲା ସମ୍ମୃତ ମୋ ମା -
ଜନ୍ମିଲି ତା ଜଠରୁ କେଉଁ ଏକ ଶୁଭ ମୁହୂର୍ତ୍ତରେ
କ୍ଷୀରାମୃତ ପାନ କଲେ ବକ୍ଷରୁ ତାହାର -
ତା ପଣତ ତଳେ ସ୍ନେହର ପସରା
ଅଝଟତା ଅଞ୍ଚଳ ତଳେ -
ପିତା ଠାରୁ ମାତା ବଡ - ସ୍ୱର୍ଗାଦପୀ ଗରିୟସୀ ସେ
ତା’ କରୁଣା ଆଶୀର୍ବାଦେ ଗଢା ଏ ଜୀବନ
କର୍ମଭୂମି, ରଙ୍ଗଭୂମି, ଏ ଜନ୍ମଭୂମି
ସବୁ ଏଠି ତା ପାଇଁ ଗର୍ବ ଓ ଗୌରବ
ଧନ୍ୟା ସେ ଏ ଧରାବକ୍ଷେ ମା’ର ଭୂମିକା ପାଇଁ
କନ୍ତୁ ନୟତିର କ୍ରୁର ଉପହାସ
ଅକାଳରେ କାଳ ତାକୁ ଦେଲା ନାହିଁ କ୍ଷମା
ନେଇଗଲା କେଉଁ ଏକ ଅଫେରା ରାଇଜେ
- ସବୁ ଅତୀତର ସ୍ମୃତିରାଜି ରଖିଛି ସାଇତି

"ଋଣ ତା ରହିଲ୍ ଅସୁଝା"

କେହିତ ପୂରଣକରି ପାରିନ ଜଗତେ
ଏ ଅଧମ ଛାର ତାକୁ ପାରିବ କେମନ୍ତେ?
କେଉଁଠି ଅଛି ମୋ ମା' – କଏ ସେ ଦେବ ଠିକଣା?
ଅନନ୍ତ ସାଗର, ସୀମାହୀନ ଆକାଶ, ସର୍ବବ୍ୟାପି ବାଆ ଓ ବତାସ
ଗିରିବନ କାନ୍ତାର, ବୃକ୍ଷଲତା – ଆତ୍ମୀୟ ସ୍ୱଜନ ବନ୍ଧୁ ସହୋଦର
ସମସ୍ତଙ୍କୁ ପ୍ରଶ୍ନବାଚୀ – ନିରୁତ୍ତର ସର୍ବେ-
ଅନାବିଳ ସ୍ନେହତାର, ସ୍ମିତି ହାସ୍ୟ ମୁଖେ
ଆଉ ଦୁଃଖେ ତା ଲୋତକାପ୍ଲୁତ ନୟନ ଯୁଗଳ,ଭାସିଯାଏ ମାନସ ଚକ୍ଷୁରେ
ଚତ୍କାର କରି ଉଠେ ମା- ମା' ବୋଲି
ସବୁଶୂନ୍ୟ – ସବୁଶୂନ୍ୟ
ଶୂନ୍ୟ ଆକାଶ, ଶୂନ୍ୟ ଧରଣୀ – ଶୂନ୍ୟ ଅନନ୍ତ ଜଳରାଶୀ
ସହସ୍ର ଶୂନ୍ୟତା ଭିତରେ ଖୋଜୁଛି ମୁଁ ତାକୁ – କାହିଁ ଗଲ୍ ମୋ "ମା"?

ବସନ୍ତିଆ, ଭଦ୍ରକ, ଓଡିଶା।



# ଜୁନ୍ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୪.୦୬.୨୦୧୭ | ଗଙ୍ଗା ଦଶହରା |
| ୦୫.୦୬.୨୦୧୭ | ନିର୍ଜଳା ଏକାଦଶୀ, ଉପବାସ, ରୁକ୍ମିଣୀ ବିବାହୋତ୍ସବ |
| ୦୬.୦୬.୨୦୧୭ | ଚମ୍ପକ ଦ୍ୱାଦଶୀ |
| ୦୭.୦୬.୨୦୧୭ | ଶିବଚତୁର୍ଦ୍ଦଶୀ |
| ୦୯.୦୬.୨୦୧୭ | ଦେବସ୍ନାନ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା |
| ୧୪.୦୬.୨୦୧୭ | ପ୍ରଥମ ରଜ, ଅଣସର ପଞ୍ଚମୀ ଓ ମାସାନ୍ତ |
| ୧୫.୦୬.୨୦୧୭ | ମିଥୁନ( ରଜ) ସଂକ୍ରାନ୍ତୀ ଓ ହଳ ନିଷେଧ |
| ୧୬.୦୬.୨୦୧୭ | ଭୂଦାହ |
| ୧୭.୦୬.୨୦୧୭ | ବସୁମତା ସ୍ନାନ ଓ ଶରଣ ଶେଷ |
| ୨୦.୦୬.୨୦୧୭ | ଖଳଲାଗି ଏକାଦଶୀ ଓ ହଳ ନିଷେଢ |
| ୨୨.୦୬.୨୦୧୭<br>୨୩.୦୬.୨୦୧୭ | ସାମନ୍ତ ଚନ୍ଦ୍ରଶେଖରଙ୍କ ତିରୋଧାନ ଓ ଶିବଚତୁର୍ଦ୍ଦଶୀ<br>ସବେ- କଦର୍ ( ପୂର୍ବରାତ୍ରି) |
| ୨୪.୦୬.୨୦୧୭ | ଅମାବାସ୍ୟା, ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଗୋପବନ୍ଧୁଙ୍କ ଶ୍ରାଦ୍ଧ |
| ୨୫.୦୬.୨୦୧୭<br>୨୬.୦୬.୨୦୧୭ | ଶ୍ରୀଗୁଣ୍ଡିଚ୍ଚା ( ରଥଯାତ୍ରା) ଓ ଚନ୍ଦ୍ର ଦର୍ଶନ<br>ଇଦୁଲ୍ ଫିତର୍ |
| ୨୭.୦୬.୨୦୧୭ | ବିପତ୍ତାରିଣୀ ବ୍ରତ |
| ୨୯.୦୬.୨୦୧୭ | ହେରା ପଞ୍ଚମୀ |

# ଟିକଏ ହସନ୍ତୁ

କଞ୍ଜୁସ୍ ଝିଅଟି ଦୋକାନୀକୁ: ଏମିତି ଗୋଟେ ସାବୁନ ଦିଅ ଯାହାକୁକ ଘସିଲେ କମ୍ ସରିବ ଆଉ ଗାଧୋଇ ସାରିଲେ ଦେହ ଲାଲ୍ ଲାଲ୍ ହେଇଯିବ ।

ଦୋକାନୀ ପିଲା କୁ: ଆରେ ମାଡାମଙ୍କୁ ଇଟା ଖଣ୍ଡେ ଦେଲୁ! ! !

ଇସ୍କୁଲରେ ମାଷ୍ଟ୍ରେ କହିଲେ - ଯିଏ କହି ପାରିବ ସେ ହାତ ଟେକବ ।

ସିନଅର୍ ଓ ଜୁନଅର୍ ଭିତରେ ପ୍ରଭେଦ କଣ?

କେବଳ ନଟ ହାତ ଟେକଲା, ମାଷ୍ଟ୍ରେ କହିଲେ, ସୁନାପିଲା । ଏବେ କହ ।

ନଟ କହିଲା ଯେ ସମୁଦ୍ର ପାଖରେ ରହେ ସେ ସିନୟର( Sea- Near) ଓ ଯେବେ ଚଡିଆଖାନା ପାଖରେ ରହେ ସେ ଜୁନଅର ( Zoo- Near) ।

ମାଷ୍ଟ୍ରେଙ୍କ ଦେହ ସେହିଦିନଠୁ ଭଲ ନାହିଁ, ଆଉ ନଟ ପିଲାଙ୍କୁ ପାଠ ପଢାଉଚ ।

ଇଂରେଜ: What is this?

ନଟୁ: It is Dahi

ଇଂରେଜ: What is Dahi

ନଟୁ: Milk sleep at night and morning become tight

ପିଣ୍ଟୁ: ସାଙ୍ଗ, ଗୋଟେ ଝିଅକୁ ପ୍ରପୋଜ୍ କରିବା ପାଇଁ ସବୁଠୁ ନିରାପଦ ଜାଗା କହୁଲୁ

ପପୁ: ମନ୍ଦିର

ପିଣ୍ଟୁ: କାହିଁକି?

ପପୁ: ସେଠି ସେ ଚପଲ ପିନ୍ଧି ନଥିବ! ! !

ବାପା କାଲିଠାରୁ ମୁଁ ସ୍କୁଲ ଯିବିନାହିଁ

କାହିଁ କରେ କଣ ହେଲା ତୋର?

ଆଜି ସାର୍ ଆମର ଓଜନ ମାପୁଥିଲେ,

କାଲି ଯଦି ବିକ୍ରି କରିଦେବେ! ! !

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com




ଧୂ ଧୂ ଝାଞ୍ଜି, ଉତପ୍ତ ଧରଣୀ,
ତପ୍ତ ଅନଳ ବିଦଗ୍ଧ ଯାମିନୀ,
ରୌଦ୍ର ସନ୍ତାପିତ ତରୁ, ଲତାମାଳ,
ଦଗ୍ଧ ବନଭୂମି ନିଶବ୍ଦ ସରଣୀ।
ଶୁଷ୍କ ସରୋବର ତପ୍ତ ନଦୀଝର,
ହାହାକାର କରେ ପକ୍ଷୀ ପଶୁ ନର,
ଗୃତକର ରହା ଟୋପେ ଜଳ ଧାର,
ତୃଷାଶାନ୍ତ କରେ ପଇଡର ଜଳ।

( ବିଜେତା: ମୀନକ୍ଷୀ ପାଢୀ, ଥାନେ, ମହାରାଷ୍ଟ୍ର)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳନ୍ତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**